୪ର୍ଥ ସ୍ୱନକ୍ଷତ୍ର

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 42 ♦ISSUE-169 ♦BHUBANESWAR ♦SUNDAY ♦15 DECEMBER 2024 ♦PAGE-14 ♦₹ 6.00
♦ବର୍ଷ-୪୨ ♦ସଂଖ୍ୟା-୧୬୯ ♦ଭୁବନେଶ୍ୱର ♦ରବିବାର ♦୧୫ ଡିସେମ୍ବର ୨୦୨୪ ♦ପୃଷ୍ଠା-୧୪ ♦ଟ.୬.୦୦ (ସିନ୍ଦୁରା ସହ)

# ଆଜି ଦୌଡ଼ିବ ଓଡ଼ିଶା

■ ଭୁବନେଶ୍ୱର, ୧୪ ।୧୨ (ସମିସ): ପାଦରେ ମିଶିବ ପାଦ; ଏକାସାଥିରେ ଦୌଡ଼ିବ ଓଡ଼ିଶା । ଦୈନିକ ଓଡ଼ିଆ 'ସକାଳ'ର ଚତୁର୍ଥ ସ୍ୱନକ୍ଷତ୍ର ଉପଲକ୍ଷେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ରବିବାର ରାଜ୍ୟସ୍ତରୀୟ 'ମିନି ମାରାଥନ୍' ଆୟୋଜିତ ହେଉଛି । ଭୁବନେଶ୍ୱର ସମେତ କଟକ, ପୁରୀ, ରାଉରକେଲା, ବାଲେଶ୍ୱର, ଅନୁଗୋଳ, ଜୟପୁର ଏବଂ ବ୍ରହ୍ମପୁରରେ ସକାଳ ୬ଟାରୁ ଏହି ଗଣଦୌଡ଼ ଏକାସାଙ୍ଗରେ ଆୟୋଜନ ହେବ । ଏହାର ୧ ଘଣ୍ଟା ପୂର୍ବରୁ, ଭୋର୍ ୫ଟାରେ ପ୍ରତିଯୋଗୀମାନେ ନିର୍ଧାରିତ ସ୍ଥାନରେ ପହଞ୍ଚି ନିଜ ନାମ ପଞ୍ଜୀକରଣ କରାଇନେବାକୁ ଅନୁରୋଧ କରାଯାଇଛି ।

ସେହିପରି ପୂର୍ବରୁ ଆୟୋଜିତ ଜିଲ୍ଲାସ୍ତରୀୟ ବିତର୍କ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ନେଇ ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ସକାଳ ୯ଟାରୁ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ଅନୁଷ୍ଠିତ ହେବ ।



'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ 'ମିନି ମାରାଥନ୍' ଓ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା

# ବିକଶିତ ଭାରତ ଲାଗି ୧୧ଟି ସଂକଳ୍ପ

## ସମ୍ବିଧାନରେ ୭୫ ଥର ସଂଶୋଧନ କରିଛି କଂଗ୍ରେସ: ମୋଦୀ

■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଲୋକସଭାରେ ସମ୍ବିଧାନ ଉପରେ ଚାଲିଥିବା ଚର୍ଚ୍ଚାର ଦ୍ୱିତୀୟ ତଥା ଅନ୍ତିମ ଦିନରେ ଶାସକ ଏବଂ ବିରୋଧୀ ଗୋଷ୍ଠୀଙ୍କ ମଧ୍ୟରେ ଆଜି ପୁଣି ବାକ୍ଯୁଦ୍ଧ ଲାଗିଛି । ପରସ୍ପର ଉପରେ ଦୋଷ ଲଦାଲଦି ହୋଇଛନ୍ତି । ଏହାକୁ ନେଇ ଲୋକସଭାରେ ସରଗରମ ପରିସ୍ଥିତ ସୃଷ୍ଟି ହୋଇଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ଉତ୍ତରରେ ଶ୍ରେଷ୍ଠ ଭାରତ ଓ ବିକଶିତ ଭାରତ ଲାଗି ୧୧ ସୂତ୍ରୀ ସଂକଳ୍ପ ଆଣିଛନ୍ତି । ଏହାଦ୍ୱାରା ଭାରତର ବିକାଶ ସମ୍ଭବ ହୋଇପାରିବ ବୋଲି ସେ କହିଛନ୍ତି ।



ପ୍ରଧାନମନ୍ତ୍ରୀ ଆଗତ କରିଥିବା ୧୧ ସୂତ୍ରୀ ସଂକଳ୍ପ ହେଲା: ଦେଶର ପ୍ରତ୍ୟେକ ନାଗରିକ ଓ ସରକାର ସେମାନଙ୍କ କର୍ତ୍ତବ୍ୟର ପାଳନ କରିବା ଉଚିତ । ସବ୍‌କା ସାଥ୍, ସବ୍‌କା ବିକାଶ, ଦୁର୍ନୀତି ପ୍ରତି ଶୂନ ସହନଶୀଳତା, ଆଇନ କାନୁନ ପ୍ରତି ସମ୍ମାନ, ଦାସ ମାନସିକତାର ମୁକ୍ତି, ପରିବାରବାଦ ରାଜନୀତିର ଅବସାନ, ସମ୍ବିଧାନ ପ୍ରତି ସମ୍ମାନ, ଧର୍ମ ଭିତ୍ତିକ କୋଟାକୁ ପ୍ରତ୍ୟାଖ୍ୟାନ କରି ପ୍ରଚଳିତ ସଂରକ୍ଷଣ ବ୍ୟବସ୍ଥାକୁ ସୁରକ୍ଷା, ▶ପୃଷ୍ଠା-୯

**ଲୋକସଭାରେ 'ସମ୍ବିଧାନ' ବିତର୍କ**

## ସରକାର ଯୁବପିଢ଼ିଙ୍କ ଆଙ୍ଗୁଳି କାଟୁଛନ୍ତି: ରାହୁଲ୍

■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ଲୋକସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ ରିଜିଜୁ ଆଜି ପ୍ରଥମେ ସମ୍ବିଧାନ ଉପରେ ଆଲୋଚନା କରିଥିଲେ । ଏହାପରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ପାଳି ପଡ଼ିଥିଲା ବେଳେ ସେ ସମ୍ବିଧାନ ଏବଂ ମନୁସ୍ମୃତିକୁ ନେଇ ବିଜେପିକୁ ନିଶାଣ କରି ବର୍ଷିଥିଲେ । ଏହିକ୍ରମରେ ସମ୍ବିଧାନ ଏବଂ ପ୍ରାଚୀନ ହିନ୍ଦୁ ଧର୍ମୀୟ ଗ୍ରନ୍ଥ ମନୁସ୍ମୃତିକୁ ନେଇ ଭି ଡି ସାବରକର କହିଥିବା କିଛି କଥାକୁ ରାହୁଲ ଉଲ୍ଲେଖ କରି ବିଜେପି ଉପରେ ବର୍ଷିଥିଲେ । 'ସମ୍ବିଧାନରେ ଭାରତୀୟତାକୁ ନେଇ କିଛି ସ୍ଥାନ ଦିଆଯାଇ ନାହିଁ । ଭାରତରେ ହିନ୍ଦୁ ସମାଜରେ ବେଦ ଉପନିଷଦ ପରେ ଯଦି କୌଣସି ଧର୍ମୀୟ ଗ୍ରନ୍ଥ ଅଧିକ ଗୁରୁତ୍ୱ ବହନ କରୁଥାଏ ତେବେ ତାହା ହେଉଛି ▶ପୃଷ୍ଠା-୯



**୯ ମାସ ପରେ ମିଳିଲେ ଟ୍ରିବ୍ୟୁନାଲ ଅଧ୍ୟକ୍ଷ**

# ନ୍ୟାୟ ଅପେକ୍ଷାରେ ଓଡ଼ିଶା

■ ଭୁବନେଶ୍ୱର, ୧୪।୧୨ (ସମିସ):ଗତ ମାର୍ଚ୍ଚ ୮ ତାରିଖରେ ଟ୍ରିବ୍ୟୁନାଲର ଅଧ୍ୟକ୍ଷ ଜଷ୍ଟିସ ଏ.ଏମ. ଖାନୱାଲିକର ଇସ୍ତଫା ଦେବା ପରେ ଶୁକ୍ରବାର ଜଷ୍ଟିସ ବେଲା ଏମ୍ ତ୍ରିବେଦୀଙ୍କୁ ମହାନଦୀ ଟ୍ରିବ୍ୟୁନାଲର ନୂଆ ଅଧ୍ୟକ୍ଷ ରୂପେ ନିଯୁକ୍ତି ଦିଆଯାଇଛି । ୯ ମାସ ପରେ ଟ୍ରିବ୍ୟୁନାଲ ପୁନଃ କାର୍ଯ୍ୟକ୍ଷମ ହେବାକୁ ଯାଉଥିବା ବେଳେ ପୁଣିଥରେ ରାଜ୍ୟରେ ମହାନଦୀ ଚର୍ଚ୍ଚାକୁ ଫେରିଛି । ତେବେ ୨୦୧୮ ମସିହାରେ ଟ୍ରିବ୍ୟୁନାଲ ଗଠନ ହେବା ପରେ ମହାନଦୀ ମାମଲା ଯେପରି ଲମ୍ବିଲମ୍ବି ଚାଲିଛି;ତାକୁ ନେଇ ବିଶେଷଜ୍ଞ ଏବଂ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି । ପ୍ରତିବର୍ଷ ମହାନଦୀରୁ ଓଡ଼ିଶାକୁ ଇନ୍‌ଫ୍ଲୋ କମୁଥିବା ବେଳେ ଛତିଶଗଡ଼ ଉପରମୁଣ୍ଡରେ ବେଧଡ଼କ ଭାବେ ନିର୍ମାଣ କାର୍ଯ୍ୟ ଜାରି ରଖିଛି । ଅନ୍ୟପକ୍ଷରେ ୩୬ ଶୁଣାଣି ସରିବା ପରେ ମଧ୍ୟ ଏହି ସମସ୍ୟାର ସମାଧାନ ସୂତ୍ର ବାହାରି ପାରିନାହିଁ । ଆଉ ଟ୍ରିବ୍ୟୁନାଲ ଯେପରି ମାମଲାକୁ ବିଳମ୍ବିତ କରି ଚାଲିଛି, ସେହିଧାରା ବଜାୟ ରହିଲେ ମହାନଦୀ ମରୁଭୂମି ପାଲଟିଯିବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି ।

ବରିଷ୍ଠ କଂଗ୍ରେସ ନେତା ଶ୍ରୀକାନ୍ତ ଜେନା କହିଛନ୍ତି ଯେ ମହାନଦୀକୁ ଜଳ ପ୍ରବାହ ବର୍ଷକୁ ବର୍ଷ କମୁଛି । ଉପରମୁଣ୍ଡରେ ଛତିଶଗଡ଼ ପ୍ରକଳ୍ପ ପରେ ପ୍ରକଳ୍ପ କରି ଚାଲିଛି । ▶ପୃଷ୍ଠା-୯

**ମହାନଦୀ ଜଳବିବାଦ**

**ବିଚାର ପ୍ରକ୍ରିୟା ବିଳମ୍ବିତ ହେଲେ ମରୁଭୂମି ପାଲଟିବ ମହାନଦୀ: ବିଜେଡି**

**ରାଜ୍ୟରେ ପାଣି ସମସ୍ୟା ଭୟଙ୍କର ରୂପ ନେବାକୁ ଯାଉଛି: କଂଗ୍ରେସ**

**ଟ୍ରିବ୍ୟୁନାଲ ତୁରନ୍ତ ଅନ୍ତରୀଣ ରାୟ ପ୍ରଦାନ କରିବା ଆବଶ୍ୟକ: ବିଶେଷଜ୍ଞ**

# ଆଡଭାନୀ ଅସୁସ୍ଥ; ହସ୍ପିଟାଲରେ ଭର୍ତ୍ତି

■ ନୂଆଦିଲ୍ଲୀ, ୧୪।୧୨ (ଏଜେନ୍ସି): ବର୍ଷୀୟାନ ବିଜେପି ନେତା ତଥା ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡ଼ଭାନୀଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଘଟିବାର ତାଙ୍କୁ ଆପୋଲୋ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି । ୯୭ ବର୍ଷୀୟ ଆଡ଼ଭାନୀଙ୍କୁ ଦୁଇ ଦିନ ତଳେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ହସ୍ପିଟାଲ ଅଣାଯାଇଥିଲା । କିନ୍ତୁ ଗତକାଲି ରାତିରେ ତାଙ୍କର ଅସୁସ୍ଥତାକୁ ନେଇ ପୁଣି ହସ୍ପିଟାଲରେ ▶ପୃଷ୍ଠା-୯



**ସିବିଆଇ ଦ୍ୱାରା ୧୦ ଲକ୍ଷ ଟଙ୍କା ଜବତ ମାମଲା**

# ଆଇଏଏସ୍ ବିଷ୍ଣୁପଦଙ୍କୁ ହାଜିରା ନୋଟିସ

**ବିଷ୍ଣୁପଦ ସେଠୀଙ୍କ ୨ ଡ୍ରାଇଭରଙ୍କୁ ସିବିଆଇର ପଚରାଉଚରା**

**ଘର ଓ ଅଫିସ ଭିନ୍ନ ବିଷ୍ଣୁପଦ କୁଆଡ଼େ ଯାଉଥିଲେ ବୋଲି ପଚାରିଲେ**

■ ଭୁବନେଶ୍ୱର, ୧୪ ।୧୨ (ସମିସ): ରାଜଧାନୀର ଏକ ନାମୀ ହୋଟେଲ ସମ୍ମୁଖରେ ଏକ ଦାମୀ ଗାଡ଼ିକୁ ୧୦ ଲକ୍ଷ ଟଙ୍କା ଓ ବିପୁଳ ସୁନା ଅଳଙ୍କାର ଜବତ ଘଟଣା ଦିନକୁ ଦିନ ରୋଚକ ମୋଡ଼ ନେଉଛି । ଏହି ଘଟଣାରେ ପୂର୍ବରୁ ଗିରଫ ହୋଇଥିବା ୩ ଜଣଙ୍କ ସହ ଅନ୍ୟ କେଉଁମାନେ ସମ୍ପୃକ୍ତ ସେ ସମ୍ପର୍କରେ ସିବିଆଇ ତଦନ୍ତ ଚଳାଇଛି । ଭୁବନେଶ୍ୱରରୁ ଜବତ ହୋଇଥିବା ୧୦ ଲକ୍ଷ ଟଙ୍କା ଟେଣ୍ଡର ଫିକ୍ସିଂ ସହ ଜଡ଼ିତ ଥିବାରୁ ତଦନ୍ତରେ ସହଯୋଗ କରିବାକୁ ଆଇଏଏସ୍ ବିଷ୍ଣୁପଦ ସେଠୀଙ୍କୁ ସମନ ଜାରି କରିଛି ସିବିଆଇ । ସେହିପରି ଶ୍ରୀ ସେଠୀ ବ୍ୟବହାର କରୁଥିବା ସରକାରୀ ଗାଡ଼ିଗୁଡ଼ିକର ଡ୍ରାଇଭରମାନଙ୍କ ନାମ ଓ ଠିକଣା ଗତକାଲି ରାଜ୍ୟ ସରକାରଙ୍କଠାରୁ ସିବିଆଇ ଲୋଡ଼ିଥିବାବେଳେ ଆଜି ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ ଜେରା କରିଛି । ଘର ଓ ଅଫିସ ଭିନ୍ନ ବିଷ୍ଣୁପଦ ▶ପୃଷ୍ଠା-୯






# ସେନା ଶାସନ ଲଗାଇ କ୍ଷମତା ହରାଇଲେ



ସିଓଲ,୧୪।୧୨(ଏଜେନ୍ସି): ଦକ୍ଷିଣ କୋରିଆ ରାଷ୍ଟ୍ରପତି ୟୁନ୍ ସୁକ୍ ୟୋଲଙ୍କ ବିରୋଧରେ ଆସିଥିବା ମହାଭିଯୋଗ ପ୍ରସ୍ତାବ ଶନିବାର ସଂସଦରେ ପାରିତ ହୋଇଛି। ଏହାପୂର୍ବରୁ ଏହି ପ୍ରସ୍ତାବ ସଂସଦରେ ଅଣାଯାଇଥିଲେ ମଧ୍ୟ ଆବଶ୍ୟକ ସମର୍ଥନ ଅଭାବରୁ ଏହା ପାରିତ ହୋଇପାରି ନଥିଲା। ତେବେ ଶନିବାର ସଂସଦର ସ୍ୱତନ୍ତ୍ର ଅଧିବେଶନରେ ୩୦୦ ସାଂସଦଙ୍କ ମଧ୍ୟରୁ ୨୦୪ ସାଂସଦ ଏହି ପ୍ରସ୍ତାବକୁ ସମର୍ଥନ ଜଣାଇଥିବାରୁ ଏହା ପାରିତ ହୋଇଛି। କେବଳ ୮୫ ସାଂସଦ ମହାଭିଯୋଗ ପ୍ରସ୍ତାବ ବିରୋଧରେ ଭୋଟ୍ ଦେଇଥିଲେ। ଏହି ପ୍ରସ୍ତାବ ପାରିତ ହେବା ପରେ ୟୁନଙ୍କ ନିକଟରୁ ସବୁ ଦାୟିତ୍ୱ କାଢି ନିଆଯାଇଛି। ସେ ଏବେ କ୍ଷମତାଶୂନ୍ୟ ହୋଇପଡ଼ିଛନ୍ତି। ତାଙ୍କ ସ୍ଥାନରେ ପ୍ରଧାନମନ୍ତ୍ରୀ ହାନ୍ ଡକ୍-ସୁଙ୍କୁ ଦାୟିତ୍ୱ ଦିଆଯାଇଥିଲା ବେଳେ ସେ ହିଁ ଅନ୍ତରୀଣ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବେ। ଏହାପରେ ମହାଭିଯୋଗ ପ୍ରସ୍ତାବକୁ ନେଇ ସାମ୍ବିଧାନିକ ଅଦାଲତ ୟୁନ୍ଙ୍କ ବିରୋଧରେ ଯେଉଁ ନିଷ୍ପତ୍ତି ଦେବେ ତାହାକୁ ନେଇ ତାଙ୍କୁ ରାଷ୍ଟ୍ରପତି ପଦବୀରୁ ହଟାଯିବ କି ନା ତାହା ନିଷ୍ପତ୍ତି ହେବ। ଉଲ୍ଲେଖଯୋଗ୍ୟ ଯେ ଗତ ସପ୍ତାହରେ ଦେଶରେ ସାମରିକ ଶାସନ ଲାଗୁ କରିବାକୁ ଘୋଷଣା କରିଥିଲେ ୟୁନ୍। ବିରୋଧୀଙ୍କ ଉପରେ ଦୋଷ ଲଦି ସେ ଅଚାନକ ଭାବେ ଏଭଳି ଘୋଷଣା କରିଥିଲେ ହେଁ ଏହାର ମାତ୍ର କିଛି ଘଣ୍ଟା ମଧ୍ୟରେ ସାରା ଦେଶରେ ୟୁନଙ୍କ ବିରୋଧରେ ବିଦ୍ରୋହ ଦେଖାଯାଇଥିଲା। ଫଳରେ ମାତ୍ର କିଛି ଘଣ୍ଟାର ବ୍ୟବଧାନରେ ୟୁନ ନିଜର ଘୋଷଣା ପ୍ରତ୍ୟାହାର କରିନେଇଥିଲେ। ହେଲେ ଏହି ଘଟଣାକୁ ନେଇ ତାଙ୍କ ବିରୋଧରେ ସଂସଦରେ ବିରୋଧୀଙ୍କ ସମେତ କିଛି ଶାସକ ଦଳର ସଦସ୍ୟ ମହାଭିଯୋଗ ପ୍ରସ୍ତାବ ଆଗତ କରିଥିଲେ।

**ଦକ୍ଷିଣ କୋରିଆ ରାଷ୍ଟ୍ରପତିଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ପାରିତ**

**ରାଷ୍ଟ୍ରପତି ୟୁନ ସୁକ୍ ଏବେ କ୍ଷମତା ଶୂନ୍ୟ**

**ପ୍ରଧାନମନ୍ତ୍ରୀଙ୍କ ହାତରେ ଅନ୍ତରୀଣ ଦାୟିତ୍ୱ**

## ଶିକ୍ଷକଙ୍କୁ ଅପହରଣ, ବନ୍ଧୁକ ଦେଖାଇ ଜୋରଜବରଦସ୍ତ ବିବାହ

ପାଟନା,୧୪।୧୨(ଏଜେନ୍ସି): ବିହାରରେ ଜଣେ ଶିକ୍ଷକ ସ୍କୁଲ ଯାଉଥିଲା ବେଳେ ତାଙ୍କୁ ପ୍ରଥମେ ଅପହରଣ ଏବଂ ପରେ ପରେ ବନ୍ଧୁକ ମୁନରେ ଜଣେ ଯୁବତୀଙ୍କ ସହ ବିବାହ କରାଯିବା ଘଟଣା ପୁଣି ସାମ୍ନାକୁ ଆସିଛି। ଅବନୀଶ କୁମାର ନାମକ ଯୁବକ ନିକଟରେ ବିହାର ଲୋକସେବା ଆୟୋଗ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ସରକାରୀ ସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତ ହୋଇଥିଲେ। ଗତକାଲି ସେ ସ୍କୁଲ ଯାଉଥିଲା ବେଳେ ବାଟରେ ତାଙ୍କ ଗାଡି ଅଟକାଇ ଅବନୀଶଙ୍କୁ ଅପହରଣ କରିନିଆଯାଇଥିଲା। ଦୁଇଟି ସ୍କର୍ପିଓରେ ଆସିଥିବା ୧୨ ଜଣ ଯୁବକ ଅବନୀଶଙ୍କୁ ଟେକି ନେଇଯିବା ସହିତ ତାଙ୍କୁ ମାଡ଼ ମାରିଥିଲେ। ପରେ ପରେ ଗୁଞ୍ଜନ ନାମ୍ନୀ ଜଣେ ଯୁବତୀଙ୍କୁ ସହିତ ବନ୍ଧୁକ ଦେଖାଇ ବିବାହ କରାଯାଇଥିଲା ବୋଲି ଜଣାପଡ଼ିଛି। ତେବେ ଅବନୀଶ ଶିକ୍ଷକ ଭାବେ ନିଯୁକ୍ତି ପାଇବା ପୂର୍ବରୁ ଗୁଞ୍ଜନଙ୍କ ସହ ତାଙ୍କୁ ସମ୍ପର୍କ ଥିଲା ବୋଲି କୁହାଯାଉଛି। ଗୁଞ୍ଜନଙ୍କ ଘର ଲକିସରାଇ ଜିଲ୍ଲାରେ ହୋଇଥିଲା ବେଳେ ଅବନୀଶଙ୍କ ଘର ବେଗୁସରାଇ ଜିଲ୍ଲାରେ। କିନ୍ତୁ ଅବନୀଶଙ୍କ ସହ ବିଗତ ୪ ବର୍ଷ ଧରି ସମ୍ପର୍କ ରହିଥିଲା ଏବଂ ଏହି ସମୟରେ ସେମାନେ ବହୁବାର ହୋଟେଲରେ ରହିବା ସହିତ ଅବନୀଶଙ୍କ ଘରକୁ ମଧ୍ୟ ଯାଇଛନ୍ତି ବୋଲି ଗୁଞ୍ଜନ ଅଭିଯୋଗ କରିବା ପରେ ତାଙ୍କ ପରିବାର ଲୋକେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ଏପରିକି ଚାକିରି ମିଳିବା ପରେ ଅବନୀଶ ଗୁଞ୍ଜନଙ୍କୁ ବିବାହ କରି ସଂସାର ଗଢିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ପରେ ପରେ ଆଉ ଧରାଛୁଆଁ ଦେଇ ନଥିଲେ। ଏପରିକି ଗୁଞ୍ଜନଙ୍କ ସହ ତାଙ୍କର ବିବାହ ସମ୍ଭବ ନୁହେଁ ବୋଲି ଅବନୀଶ କହିଥିଲେ।

## ସନ୍ଦୀପଙ୍କୁ ଜାମିନ ମିଳିବା ପରେ ପୁଣି ବିକ୍ଷୋଭ

କୋଲକାତା,୧୪।୧୨(ଏଜେନ୍ସି): କୋଲକାତା ଆରଜିକେ ହସ୍ପିଟାଲ ଡାକ୍ତର ଦୁଷ୍କର୍ମ ଓ ହତ୍ୟା ଘଟଣାରେ ଗତକାଲି ଏହି ହସ୍ପିଟାଲର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷ ଏବଂ ତଲା ଥାନା ଭାରପ୍ରାପ୍ତ ପୁଲିସ ଅଧିକାରୀ ଅଭିଜିତ ମଣ୍ଡଳଙ୍କୁ ସ୍ଥାନୀୟ ସିଆଲଦା କୋର୍ଟ ଜାମିନ ଦେଇଥିଲେ। ଡାକ୍ତର ଦୁଷ୍କର୍ମ ଏବଂ ହତ୍ୟା ଘଟଣାକୁ ଇତିମଧ୍ୟରେ ୪ ମାସ ପୂରିଥିଲେ ମଧ୍ୟ ଘଟଣାର ଯାଞ୍ଚ ଦାୟିତ୍ୱ ନେଇଥିବା ସିବିଆଇ ଅଭିଯୁକ୍ତମାନଙ୍କ ବିରୋଧରେ ଚୂଡାନ୍ତ ଚାର୍ଜସିଟ୍ ଦେବାକୁ ସମର୍ଥ ହୋଇ ନଥିବାରୁ ଅଦାଲତ ଏହି ଦୁଇ ଜଣଙ୍କ ଜାମିନ ମଞ୍ଜୁର କରିଥିବା କୁହାଯାଇଥିଲା। ସିବିଆଇ ପ୍ରାଥମିକ ଚାର୍ଜସିଟ୍‌ରେ ସଞ୍ଜୟ ରୟକୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଇଥିଲା ବେଳେ ଏହି ଘଟଣାରେ ସନ୍ଦୀପ ଏବଂ ଅଭିଜିତଙ୍କ ଭୂମିକା ରହିଥିବା ଦର୍ଶାଇ ସେମାନଙ୍କୁ ମଧ୍ୟ ଗିରଫ କରିଥିଲା। ଏହାବ୍ୟତୀତ ଡାକ୍ତର ହତ୍ୟା ଘଟଣାକୁ ଚପାଇ ଦେବା ଏବଂ ପ୍ରମାଣ ଆଦି ନଷ୍ଟ କରିବାରେ ସନ୍ଦୀପ ଓ ଅଭିଜିତଙ୍କ ଭୂମିକା ରହିଥିବା ସିବିଆଇ ସେତେବେଳେ କହିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଅତିରିକ୍ତ ଚାର୍ଜସିଟ୍ ଦାଖଲ କରି ନଥିଲା। ଏଭଳି ସ୍ଥିତିରେ ଅଦାଲତ ଏହି ଦୁଇ ଜଣଙ୍କ ଜାମିନ ମଞ୍ଜୁର କରିଥିଲେ। ଏହାବ୍ୟତୀତ ପୀଡ଼ିତା ଡାକ୍ତରଙ୍କ ପକ୍ଷରୁ ମାମଲା ଲଢୁଥିବା ବରିଷ୍ଠ ଆଇନଜୀବୀ ବ୍ରିନ୍ଦା ଗ୍ରୋଭର ମଧ୍ୟ ଏହି ମାମଲା ଆଉ ଲଢିବେ ନାହିଁ ବୋଲି ମନା କରିଦେଇଥିଲେ। ଏଭଳି ସ୍ଥିତିରେ ମୃତ ଡାକ୍ତରଙ୍କ ପରିବାରକୁ ନ୍ୟାୟ ମିଳିପାରିବ ନାହିଁ ବୋଲି ଅଭିଯୋଗ କରି କୋଲକାତା ରାସ୍ତାରେ ପୁଣି ଆନ୍ଦୋଳନ ମୁଣ୍ଡ ଟେକିଛି। ଜୁନିୟର ଡାକ୍ତର ସଂଘ ପକ୍ଷରୁ ଶହ ଶହ ଡାକ୍ତର ଶନିବାର ସିଜିଓ କମ୍ପ୍ଲେକ୍ସସ୍ଥିତ ସିବିଆଇ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଛନ୍ତି।

## ଜେଲରୁ ବାହାରିଲେ ଅଲ୍ଲୁ ଅର୍ଜୁନ

ହାଇଦରାବାଦ,୧୪।୧୨(ଏଜେନ୍ସି): ଗତକାଲି ହାଇକୋର୍ଟରୁ ଜାମିନ ପାଇବା ପରେ ଶନିବାର ଚଞ୍ଚଲଗୁଡା ଜେଲରୁ ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ବାହାରିଛନ୍ତି। ଗତକାଲି ତାଙ୍କୁ ଜାମିନ ମିଳିଥିଲେ ବି ସେ ଜେଲରେ ରାତି କାଟିଥିଲେ ।



କିନ୍ତୁ ଜାମିନ ମିଳିବା ସତ୍ତ୍ୱେ ଗତକାଲି କାହିଁକି ତାଙ୍କୁ ଜେଲ୍‌ରୁ ମୁକ୍ତ କରାଯାଇ ନଥିଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ଜେଲ୍ କର୍ତ୍ତୃପକ୍ଷ ହାଇକୋର୍ଟଙ୍କ ଅର୍ଡର କପି ପାଇଥିଲେ ହେଁ ତାଙ୍କୁ ମୁକ୍ତ କରାଯାଇ ନ ଥିଲା। ତାଙ୍କୁ ଏମିତି ଅଟକ ରଖାଯିବା ବେଆଇନ ବୋଲି ଅଲ୍ଲୁ ଅର୍ଜୁନଙ୍କ ଓକିଲ କହିଛନ୍ତି । ଏହା ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି ଓକିଲ କହିଛନ୍ତି। ତେବେ ଜେଲ୍‌ରୁ ମୁକୁଳିବା ପରେ ତାଙ୍କ ପ୍ରତି ସବୁ ମହଲରୁ ଯେଭଳି ସମର୍ଥନ ମିଳିଛି ସେଥିପାଇଁ ଅଲ୍ଲୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହା ସହିତ ସେ ପୁଣି ଥରେ ମୃତ ମହିଳାଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ସେ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟଜନକ ଘଟଣା ଥିଲା। ଯାହା ଘଟିଲା ସେଥିପାଇଁ ଆମେ ଦୁଃଖିତ। ତେବେ ପୀଡ଼ିତାଙ୍କ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇବାକୁ ସେ ପ୍ରସ୍ତୁତ ବୋଲି କହିଛନ୍ତି।

## ତୁଣ୍ଡରେ ଲଗାମ ରହୁନି

ଏମିତି ନେତା ବି ଅଛନ୍ତି, ଯେଉଁମାନେ କହିଲା ବେଳକୁ ଆଗପଛ କିଛି ଭାବୁ ନାହାନ୍ତି। ଯାହା ମନକୁ ଆସିଲା, କହିପକାଉଛନ୍ତି। କିଏ କଣ ଭାବୁଛି, ଭାବୁ। ସେମାନଙ୍କର କିଛି ଯାଏଆସ ନାହିଁ। ତୁଣ୍ଡରେ ଲଗାମ ରହୁନି। କିଛି ଦିନ ତଳେ ଲାଲୁ ପ୍ରସାଦ ଯାଦବ ବିହାର ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ସଂପର୍କରେ ଯେଭଳି ମନ୍ତବ୍ୟ ଦେଲେ, ତାହା କେବଳ ବିରୋଧୀଙ୍କୁ ନୁହେଁ, ତାଙ୍କ ନିଜ ଦଳର ନେତାମାନଙ୍କୁ ମଧ୍ୟ ଖରାପ ଲାଗିଛି। ରାଜ୍ୟରେ ମହିଳାମାନଙ୍କ ଭୋଟ୍ ହାତେଇବା ପାଇଁ ଉଦ୍ଦେଶ୍ୟରେ ନୀତୀଶ 'ମହିଳା ସମ୍ବାଦ ଯାତ୍ରା'ର ଆୟୋଜନ କରିବାକୁ ଯାଉଛନ୍ତି। କିଛି ସାମ୍ବାଦିକ ଏସଂପର୍କରେ ଲାଲୁଙ୍କର ପ୍ରତିକ୍ରିୟା ଜାଣିବାକୁ ଚାହିଁଥିଲେ। ଲାଲୁଙ୍କ ମୁହଁରୁ ବାହାରି ପଡ଼ିଲା, 'ଓ ନୈନ ସେକ୍‌ନେ ଜା ରହେ ହେଁ'। ବାସ ଏହାକୁ ନେଇ ବିହାର ରାଜନୀତିରେ ଝଡ଼। ବିରୋଧୀ ଦଳମାନେ ଲାଲୁଙ୍କ ଉପରେ ଧୁମ୍ ବର୍ଷିଛନ୍ତି। କିନ୍ତୁ ଲାଲୁ ଓ ନୀତୀଶଙ୍କ ଭିତରେ ଏମିତି ନୋକ୍‌ଝୋକ୍ ନୂଆଁ କଥା ନୁହେଁ। ଲାଲୁ କାହିଁକି ଏତେ ପିଲା ଜନ୍ମ କଲେ ବୋଲି ପ୍ରଶ୍ନ ଉଠାଇ ଥରେ ନୀତୀଶ କହିଥିଲେ ଯେ ବୋଧହୁଏ ଝିଅମାନଙ୍କ ଉପରେ ଭରସା ନଥିଲା। ପୁଅ ପାଇଁ ୯ଟା ଛୁଆ ଜନ୍ମ କରିଦେଲେ? ଏହାର ଉତ୍ତର ଦେଇଥିଲେ ଲାଲୁଙ୍କ ପୁଅ ତେଜସ୍ୱୀ। ନୀତୀଶଙ୍କୁ ପଚାରିଲେ, 'ଚାଚା କଣ ଝିଅମାନଙ୍କ ଉପରେ ଭରସା ହେଲାନି, ଗୋଟିଏ ପୁଅରେ ଅଟକିଗଲ?' ଏଥିରେ ଭୀଷଣ କ୍ଷୁବ୍ଧ ହୋଇପଡ଼ିଥିଲେ ନୀତୀଶ। ସତ କହିବାକୁ ଗଲେ ଏ ନେତାମାନଙ୍କୁ ଲାଜଫାଜ ନାହିଁ, ଯାହା ତୁଣ୍ଡରେ ଆସିଲା କହିପକାଇଲା। ରାଜନୀତିରେ ବିରୋଧୀଙ୍କୁ ଟାର୍ଗେଟ କରିବା ଲାଗି ସେମାନେ ବ୍ୟକ୍ତିଗତ ଭାବେ ଏତେ ନିମ୍ନ ସ୍ତରକୁ ଖସିଯାଉଛନ୍ତି। ଶୁଣିବାକୁ ବି ଲାଜ ଲଗୁଛି।

**ହଟ୍ ସ୍ପଟ୍**

## ପାଦ ତଳୁ ମାଟି ଖସୁଛି

୪ ଜୁନ୍ ୨୦୨୪ର ଚମକ ଫିକା ପଡ଼ିବାରେ ଲାଗିଛି। ଫାଟ ସୃଷ୍ଟି ହେଲାଣି। ଆଉ ତାଙ୍କୁ ନେତା ଭାବେ ଗ୍ରହଣ କରିବାକୁ ଇଚ୍ଛା ହେଉନି। ନିକଟରେ ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ପରେ ଇଣ୍ଡିଆ ମେଣ୍ଟରେ ଏଭଳି ସ୍ଥିତି ଦେଖିବାକୁ ମିଳିଲାଣି। କଂଗ୍ରେସ ନେତା ରାହୁଲଙ୍କ ପ୍ରତି ଅଂଶୀଦାର ଦଳଙ୍କର ଏମିତି ବିତୃଷ୍ଣାଭାବ ଆସିଲାଣି। ସମସ୍ତେ ଏବେ ପଶ୍ଚିମ ବଙ୍ଗ ମୁହାଁ ହେଲେଣି। ଦିଦିଙ୍କୁ ମେଣ୍ଟର କମାଣ୍ଡାଣ୍ଟ କରିବା ଲାଗି ଅଭିଯାନ ଆରମ୍ଭ କରିଦେଲେଣି। ଦିଦି ବି ଖୁସି। କିନ୍ତୁ ୬ ମାସ ଭିତରେ ଏମିତି କଣ ହେଲା ଯେ ସହଯୋଗୀ ଦଳର ନେତାମାନେ ଏମିତି ପଲଟି ମାରୁଛନ୍ତି। ଜଣେ ନେତା କହିଲେ ଯେ ରାହୁଲ ଭଲ ଭଲ ପ୍ରସଙ୍ଗ ଉଠାଉଛନ୍ତି। ହେ ।।ଲେ ତାଙ୍କ ରଙ୍ଗଢଙ୍ଗ ଓ ଷ୍ଟାଇଲ୍ ସବୁ ବିଗାଡ଼ି ଦେଇଛି। ସେ ସହଯୋଗୀଙ୍କ କଥା ଶୁଣୁ ନାହାନ୍ତି। ଖାଲି ନିଜ କଥା ଅନ୍ୟମାନଙ୍କ ଉପରେ ଥୋପୁଛନ୍ତି। ସହଯୋଗୀ ଦଳର ମୁଖିଆମାନେ ଏହାକୁ ହଜମ କରିବା ସ୍ଥିତିରେ ନାହାନ୍ତି। ଜୁନ ୪ରେ ଲୋକସଭା ନିର୍ବାଚନ ପରେ ସେମାନେ ଭାବିଥିଲେ ରାହୁଲ ହିଁ ମୋଦୀଙ୍କୁ ଟକ୍କର ଦେଇପାରିବେ। କିନ୍ତୁ ହରିଆଣା ଏବଂ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଫଳାଫଳ ସେମାନଙ୍କୁ ନିରାଶ କରିଛି। ଏଥିପାଇଁ ସେମାନେ ରାହୁଲଙ୍କୁ ହିଁ ଦାୟୀ କରୁଛନ୍ତି। ମମତା, ଅଖିଳେଶ, ପାୱାର ଏବଂ ଉଦ୍ଧବଙ୍କ ଲୋକେ ଏବେ ଖୋଲାଖୋଲି ଦିଦିଙ୍କ ଆଡ଼କୁ ଢଳିବାକୁ ଲାଗିଲେଣି।

## ଦୋଷ ମାନିଲେ ବିହାରୀ ବାବୁ

ମୁଁ ଜୀବନରେ ବହୁତ ବଡ଼ ଭୁଲ କରିଛି। ମୁଁ ମୋ ସ୍ତ୍ରୀକୁ ଠକିଛି। ଏହାକୁ ସ୍ୱୀକାର କରିବାରେ ମୋର କୌଣସି କୁଣ୍ଠା ନାହିଁ। ନିକଟରେ ଏକ ସାକ୍ଷାତକାର ବେଳେ ଜୀବନର ସତ୍ୟକୁ ଏଭଳି ଢଙ୍ଗରେ ଉଗାରିଛନ୍ତି ଅଭିନେତା ତଥା ସାଂସଦ ଶତ୍ରୁଘ୍ନ ସିହ୍ନା। ଏକ ସମୟରେ ଦୁଇ ଜଣ ମହିଳାଙ୍କ ସହିତ ସଂପର୍କ ରଖିଥିଲେ। ଅଭିନେତ୍ରୀ ରିନା ରାୟଙ୍କ ସଂପର୍କକୁ ନେଇ ସେ ତାଙ୍କ ପତ୍ନୀ ପୁନମଙ୍କୁ ଅନ୍ଧାରରେ ରଖିଥିଲେ। ଏହା ତାଙ୍କ ଜୀବନର ସବୁଠୁ ବଡ଼ ଭୁଲ ଥିଲା। ମୁଁ କାହାର ନାମ ନେଉନି। କିନ୍ତୁ ଯେଉଁ ମହିଳା ମୋ ଜୀବନର ଅଙ୍ଗ ଥିଲେ ସେମାନଙ୍କ ନିକଟରେ ମୁଁ କୃତଜ୍ଞ। ମୋତେ ଜଣେ ଭଲ ମଣିଷ କରିବା ।।ରେ ସେମାନଙ୍କ ଅବଦାନ ଭୁଲି ପାରିବି ନାହିଁ। କଣ କରିବି ଭୁଲ ତ କରିଛି। ପାଟନାରୁ ଆସି ବଲିଉଡ୍‌ର ଝଲମଲ ଦୁନିଆରେ ମୁଁ ହଜିଯାଇଥିଲି। ମୋତେ ଗାଇଡ୍ କରିବାକୁ କେହି ନଥିଲେ। ବିହାରୀ ବାବୁଙ୍କ ଏହି ସାକ୍ଷାତକାର ଏବେ ଚର୍ଚ୍ଚାର ବିଷୟ ହୋଇଛି। ପଶ୍ଚିମ ବଙ୍ଗରୁ ଦିଦିଙ୍କ ଦଳ ପକ୍ଷରୁ ସାଂସଦ ହୋଇଥିବା ବିହାରୀ ବାବୁଙ୍କୁ ଏବେ ରାଜନୀତିରେ କମ୍, ଗଣମାଧ୍ୟମ କାର୍ଯ୍ୟକ୍ରମରେ ବେଶି ଦେଖିବାକୁ ମିଳୁଛି।




# ମାଲକାନଗିରିର ସ୍ୱାର୍ଥ ରକ୍ଷା ପାଇଁ ଲଢ଼େଇ ଜାରି ରଖିବୁ: ନବୀନ



- ରାଜ୍ୟ ପାଇଁ ବିପଦ ଆଣିବ ଏକତରଫା ନିଷ୍ପତ୍ତି
- ଦିଲ୍ଲୀ ଦରବାର ଉତ୍ତରକୁ ଅପେକ୍ଷା କରାଯାଇଛି

**ଭୁବନେଶ୍ୱର,୧୪।୧୨(ସମିସ):** ବିଜୁ ଜନତା ଦଳ ପାଇଁ ଓଡିଶାର ସ୍ୱାର୍ଥ ସର୍ବାଗ୍ରେ। ଓଡିଶାକୁ ବିପଦ ମୁହଁକୁ ଠେଲି ଦେଉଥିବା ପୋଲାଭରମ୍ ପ୍ରସଙ୍ଗରେ ବିଜୁ ଜନତା ଦଳ ଲଢ଼େଇ କରିଛି, ଆଉ ଆଗକୁ ମଧ୍ୟ ଲଢ଼ିବ। ମାଲକାନଗିରି ଜିଲ୍ଲା ପାଇଁ ସ୍ୱର ଶାଣିତ କରିବ ବିଜେଡି। ଶନିବାର ନବୀନ ନିବାସରେ ପୋଲାଭରମ ପ୍ରକଳ୍ପକୁ ନେଇ ଦିଲ୍ଲୀ ଗସ୍ତରୁ ଫେରିଥିବା ବିଜୁ ଜନତା ଦଳର ପ୍ରତିନିଧିମଣ୍ଡଳୀକୁ ଭେଟିବା ପରେ ଏହା କହିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ପୋଲାଭରମ ପ୍ରକଳ୍ପ ହେଲେ, ମାଲକାନଗିରି ଜିଲ୍ଲାର ଶତାଧିକ ଗ୍ରାମ ସମ୍ପୂର୍ଣ୍ଣ ଜଳମଗ୍ନ ହେବ ବୋଲି ଆକଳନ କରାଯାଉଥିବା ବେଳେ, ବିଜେଡି ମାଲକାନଗିରି ଜିଲ୍ଲାର ସ୍ୱାର୍ଥରକ୍ଷା ପାଇଁ ସମସ୍ତ ଉଦ୍ୟମ କରିବ ବୋଲି ନବୀନ ପ୍ରତିନିଧି ଦଳର ସଦସ୍ୟଙ୍କୁ କହିଥିଲେ। ବିଜେଡି ପ୍ରତିନିଧିମଣ୍ଡଳୀ ଦିଲ୍ଲୀରେ ଭେଟିଥିବା ଅଧିକାରୀମାନଙ୍କଠାରୁ ଉତ୍ତର ଆସିବା ପରେ ବିଜେଡି ତା'ର କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଥିଲେ।

ଦିଲ୍ଲୀ ଦରବାରରେ ପୋଲାଭରମ୍ ପ୍ରସଙ୍ଗରେ କେନ୍ଦ୍ରମନ୍ତ୍ରୀ, ସଚିବ, ଆୟୋଗଙ୍କ ନିକଟରେ ଦାବି ଉଠାଇ ଫେରିଥିବା ବିଜେଡି ପ୍ରତିନିଧି ଦଳ ଆଜି ଏହି ବିଷୟରେ ଦଳର ସଭାପତିଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ବିଜେଡି ପ୍ରତିନିଧି ମଣ୍ଡଳୀ ଦିଲ୍ଲୀରେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି ଆର୍ ପାଟିଲଙ୍କୁ ଭେଟି ଓଡ଼ିଶାର ମାଲକାନଗିରି ଜିଲ୍ଲାର ପ୍ରାୟ ଶତାଧିକ ଗ୍ରାମ ଜଳମଗ୍ନ ହେବ ବୋଲି ଉଲ୍ଲେଖ କରିବା ସହିତ ଏହି ପ୍ରକଳ୍ପର କ୍ଷମତା ୩୬ ଲକ୍ଷ କ୍ୟୁସେକ୍ ଜଳରୁ ଏକତରଫା ଭାବେ ୫୦ ଲକ୍ଷ କ୍ୟୁସେକକୁ ବୃଦ୍ଧି କରାଯାଇ ଥିବାରୁ ଓଡିଶା ପାଇଁ ଘୋର ବିପଦ ସୃଷ୍ଟି ହୋଇଛି। ଏହି କାରଣରୁ, ଓଡିଶା ବାରମ୍ବାର ସ୍ୱର ଉତ୍ତୋଳନ କରି ଆସୁଥିଲେ ହେଁ ପ୍ରକଳ୍ପର ପଛୁଆ ପାଣି କେଉଁ କେଉଁ ଅଞ୍ଚଳ ପ୍ରଭାବିତ ହେବେ ବୋଲି ସର୍ଭେ କରାଯାଉ ନାହିଁ। ବିଜେଡି ପ୍ରତିନିଧିମଣ୍ଡଳୀ ଅଧ୍ୟକ୍ଷ କେନ୍ଦ୍ର ଜଳ କମିସନ, ଆଦିବାସୀ ବ୍ୟାପାର ବିଭାଗର ସଚିବ, ପରିବେଶ ଓ ଜଙ୍ଗଲ ବିଭାଗର ସଚିବ ଓ ଜାତୀୟ ଜନଜାତି କମିସନଙ୍କୁ ମଧ୍ୟ ଭେଟି ପୋଲାଭରମ ପ୍ରକଳ୍ପ ହେଲେ ଓଡ଼ିଶାର ହେବାକୁ ଥିବା କ୍ଷତି ସମ୍ପର୍କରେ ଅବଗତ କରିଥିଲେ। ଜାତୀୟ ଜନଜାତି କମିସନ ଏହି ପ୍ରସଙ୍ଗକୁ ଗୁରୁତର ସହିତ ନେଇ ସେ ଅତିଶୀଘ୍ର ପ୍ରଭାବିତ ହେବାକୁ ଥିବା ମାଲକାନଗିରି ଜିଲ୍ଲା ଗସ୍ତ କରି ସ୍ଥିତିର ଆକଳନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି, ଅନ୍ୟ ଅଧିକାରୀ ମାନେ ମଧ୍ୟ ପ୍ରସଙ୍ଗକୁ ଗୁରୁତର ସହିତ ନେଇ ଓଡ଼ିଶାର ଆଶଙ୍କା ପ୍ରତି ବିଚାର କରାଯିବ ବୋଲି କହିଥିଲେ।

ପ୍ରତିନିଧିମଣ୍ଡଳୀ ସଦସ୍ୟମାନଙ୍କଠାରୁ ସମସ୍ତ କଥା ଶୁଣିସାରିବା ପରେ ନବୀନ କହିଥିଲେ, ମାଲକାନଗିରି ଜିଲ୍ଲାର ସ୍ୱାର୍ଥ ରକ୍ଷା ପାଇଁ ବିଜୁ ଜନତା ଦଳ ସମସ୍ତ ଆବଶ୍ୟକ ପଦକ୍ଷେ ନେବ। ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ବିଜୁ ଜନତା ଦଳ ସବୁବେଳେ ସ୍ୱର ଉତ୍ତୋଳନ କରି ଆସିଛି। ବିଜେଡି ପ୍ରତିନିଧିମଣ୍ଡଳୀ ଭେଟିଥିବା ଅଧିକାରୀମାନଙ୍କଠାରୁ ଉଠାଯାଇଥିବା ପ୍ରସଙ୍ଗ ଉପରେ ଉତ୍ତର ଆସିବା ପରେ ବିଜେଡି ତା'ର କାର୍ଯ୍ୟକ୍ରମ ସ୍ଥିର କରିବ ବୋଲି ନବୀନ କହିଥିଲେ।

ବିଜେଡି ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ଆଜି ନବୀନଙ୍କୁ ଭେଟିଥିବା ପ୍ରତିନିଧିମଣ୍ଡଳୀରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ନିରଞ୍ଜନ ବିଶି, ଶୁଭାଶିଷ ଖୁଣ୍ଟିଆ, ମିଡିଆ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ, ବିଧାୟକ ମନୋହର ରନ୍ଧାରୀ, ରମେଶ ମାଝୀ, ପ୍ରଦୀପ ମାଝି, ମାନସ ମାଡକାମୀ, ଭୃଗୁ ବକ୍ସିପାତ୍ର ପ୍ରମୁଖ ସାମିଲ ଥିଲେ।

# ଜାଡ଼ରେ ଥରୁଛି ଓଡ଼ିଶା

**ଆଜି ଝାରସୁଗଡ଼ା, ସୁନ୍ଦରଗଡ଼ରେ ଶୀତ ଲହରୀ ସମ୍ଭାବନା**

**ଭୁବନେଶ୍ୱର,୧୪।୧୨(ସମିସ):** ରାଜ୍ୟରେ ଗତ୩-୪ ଦିନ ଧରି ରାତିରେ ସର୍ବନିମ୍ନ ତାପମାତ୍ରା ଅପେକ୍ଷାକୃତ ହ୍ରାସ ପାଇଛି। ଶୀତର ପ୍ରକୋପରେ ସାରା ଓଡ଼ିଶା ଥରୁଥିବା ବେଳେ ଆଗାମୀ ୨-୩ ଦିନ ଏପରି ସ୍ଥିତି ଲାଗି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ ରାଜ୍ୟରେ ଆସନ୍ତା ୪୮ ଘଣ୍ଟା ଯାଏଁ ଶୀତ ଲହରୀ ଅନୁଭୂତ ହେବ। ଆସନ୍ତା ୨୪ ଘଣ୍ଟା ଅର୍ଥାତ୍ ୧୫ ତାରିଖ ରାତିରୁ ୧୬ ତାରିଖ ସକାଳ ଯାଏଁ ଝାରସୁଗୁଡ଼ା ଓ ସୁନ୍ଦରଗଡ଼କୁ ଶୀତ ଲବରୀ ଅନୁଭୂତ ହୋଇପାରେ। ଏଥିପାଇଁ ଉପରୋକ୍ତ ୨ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

ସେହିପରି ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆସନ୍ତା ୨୪ ଘଣ୍ଟାରେ କଳାହାଣ୍ଡି ଓ କନ୍ଧମାଳରେ ଗୋଟିଏ ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମଧରଣର କୁହୁଡ଼ି ହେବାର ସମ୍ଭାବନା ରହିଛି। ଆଗାମୀ ୩ ଦିନ ପାଇଁ ସର୍ବନିମ୍ନ ତାପମାତ୍ରାରେ ପରିବର୍ତ୍ତନ ହେବାର ନାହିଁ। ପରେ ୨ରୁ ୫ ଡିଗ୍ରି ତାପମାତ୍ରା ବୃଦ୍ଧି ହେବାର ଅଛି। ଗତ ୨୪ ଘଣ୍ଟାରେ କିଛିକିଛି ସ୍ଥାନରେ ଘନକୁହୁଡ଼ି ଦୃଶ୍ୟମାନ ସହ ଶୀତର ପ୍ରକୋପ ଅନୁଭୂତ ହେଉଥିବା ବେଳେ ରାଉରକେଲାରେ ସର୍ବନିମ୍ନ ତାପମାତ୍ରା ୭.୨ ଡିଗ୍ରି ରେକର୍ଡ ହୋଇଛି। ସେହିପରି ପାହାଡ଼ିଆ ଅଞ୍ଚଳ ଜି. ଉଦୟଗିରିରେ ୫.୨ ଡିଗ୍ରି ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି। ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୪ ଓ କଟକରେ ୧୨ ଡିଗ୍ରି ତାପମାତ୍ରା ରେକର୍ଡ କରାଯାଇଛି। ଅପରପକ୍ଷେ ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଆଗାମୀ ୩ ଦିନ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ। ଏହା ପରଦିନ ରାଜ୍ୟବ୍ୟାପୀ ସର୍ବନିମ୍ନ ତାପମାତ୍ରା ୨ରୁ ୪ ଡିଗ୍ରୀ ବୃଦ୍ଧି ପାଇବ।

# ୨୪ ଘଣ୍ଟା ହେଲା ଗୋଟିଏ ଜାଗାରେ 'ଜିନତ୍'

**ବନବିଭାଗ ଓ ଏସ୍‌ଟିଆର ଅଧିକାରୀଙ୍କ ଚିନ୍ତା ବଢ଼ିଲା**

**ବାରିପଦା,୧୪।୧୨(ସମିସ):** ଶିମିଳିପାଳରୁ ଫେରାର୍ ବାଘୁଣୀ 'ଜିନତ୍' ଗତ ୨୪ ଘଣ୍ଟା ହେଲା ଗୋଟିଏ ଜାଗାରେ ରହିଛି। ସେଠାରୁ ଆଉ ଆଗକୁ ଯାଉନି କି ପଛକୁ ଫେରୁନି। ଓଡ଼ିଶା ସୀମାଠାରୁ ୫୦ କିମି ଦୂର ମଚାପଡ଼ିଆ ଓ ରାଜାବାସା ଜଙ୍ଗଲର ଗୋଟିଏ ସ୍ଥାନରେ ଡେରା ପକାଇ ରହିଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆର୍‌ସିସିଏଫ୍) ଡଃ ପ୍ରକାଶଚାନ୍ଦ ଗୋଗିନାନୀ ଏହି ସୂଚନା ଦେଇଛନ୍ତି। ଉଭୟ ରାଜ୍ୟର ବନ ବିଭାଗ ଟିମ୍ ତା'ର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। କିନ୍ତୁ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ, ଘଞ୍ଚ ଜଙ୍ଗଲରେ ଜିନତ୍ ଥିବାରୁ ତାକୁ ଟ୍ରାକ୍ କରିହେଉନି। ଏହାକୁ ନେଇ ଉଭୟ ରାଜ୍ୟର ବନ ବିଭାଗ ଓ ଏସଟିଆର ଅଧିକାରୀଙ୍କ ଚିନ୍ତା ବଢ଼ିଛି। ଏହାସାଙ୍ଗକୁ ଗତ ୬ ଦିନ ହେଲା ସେ ଭୋକିଲା ଥିବାରୁ କୌଣସି ବଡ଼ଧରଣର ଅଘଟଣର ଆଶଙ୍କା ରହିଥିବା କୁହାଯାଉଛି।

**ପ୍ରଭାବିତ ହେବ ଆଗାମୀ ବଜେଟ, ମନ୍ଥର ହେଲାଣି ବିକାଶମୂଳକ କାମ**

# ୨୩ରୁ ଚାଲିବ ବିଭାଗୱାରୀ ମାନସମନ୍ଥନ

**ଭୁବନେଶ୍ୱର,୧୪।୧୨(ସମିସ):** ବଡ଼ ବଜେଟ ହେଉଛି; କିନ୍ତୁ କାମରେ ବିନିଯୋଗ ହେବା ବେଳକୁ ଛୋଟ। ଏବର୍ଷର ଅର୍ଥ କିପରି ଖର୍ଚ୍ଚ କରିବେ ଆଉ ଆଗାମୀ ବର୍ଷ ପାଇଁ ବଜେଟ କିପରି ହେବ, ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ସରକାର। ଚଳିତ ବର୍ଷ ବଜେଟ ବ୍ୟୟ ନିରୁତ୍ସାହଜନକ ଥିବା ବେଳେ ଆସନ୍ତା ଆର୍ଥିକ ବର୍ଷ ବଜେଟ ପ୍ରଭାବିତ ହେବା ଆଶଙ୍କା ଦେଖା ଦେଲାଣି। ଏପରିସ୍ଥିତିରେ ବିଭାଗୱାରୀ ସମୀକ୍ଷା କରିବାକୁ ସରକାର ଯୋଜନା କରୁଛନ୍ତି। ଚଳିତ ମାସ ୨୩ ତାରିଖରୁ ଜାନୁଆରୀ ୯ ତାରିଖ ଯାଏଁ ଚାଲିବ ମାନସମନ୍ଥନ। ଓଡ଼ିଶାର ଅର୍ଥନୈତିକ ସ୍ଥିତି ବର୍ତ୍ତମାନ ମଜବୁତ୍ ସତ୍ତ୍ୱେ ଏହାକୁ ବଳବତ୍ତର ରଖିବା ରାଜ୍ୟ ସରକାରଙ୍କ ପାଇଁ କାଠିକର ପାଠ ହେଲାଣି।

ନୂଆ ସରକାର ୬ ମାସ ପୂରଣ କରିଥିବା ବେଳେ ପ୍ରଥମ ବଜେଟ ଖର୍ଚ୍ଚ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଅନେକ ବିଭାଗ ମିଳିଥିବା ପାଣ୍ଠିରେ ଏପର୍ଯ୍ୟନ୍ତ ହାତ ମାରି ନାହାନ୍ତି। ପ୍ରମୁଖ ବିଭାଗଗୁଡିକରେ ବଜେଟ ବ୍ୟୟ ୩୦%ରୁ ୪୦% ମଧ୍ୟରେ ଅଛି। ଗୋଟେ ପଟେ ଟଙ୍କା ଖର୍ଚ୍ଚ ହୋଇପାରୁ ନାହିଁ; ଅନ୍ୟପଟେ ବାହାଦୁରି ନେବା ପାଇଁ ସରକାର ୧୨ ହଜାର କୋଟିର ଅତିରିକ୍ତ ବଜେଟ କାହା ପାଇଁ ଆଣୁଛନ୍ତି ବୋଲି ବିଧାନସଭାର ଶୀତ ଅଧିବେଶନରେ ବିରୋଧୀ ସରକାରଙ୍କୁ ପ୍ରଶ୍ନ କରିଥିଲେ। ଅନ୍ୟପଟେ ବିଜେପି ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ ପାଇଁ ୧୦ଟି ପ୍ରମୁଖ ମାନଦଣ୍ଡ ଆଧାରରେ ଟଙ୍କା ଖର୍ଚ୍ଚ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ହାତରେ ଆଉ ମାତ୍ର ୩ ମାସ ସମୟ ବାକି ଥିବା ବେଳେ ଟଙ୍କା ଖର୍ଚ୍ଚ ହୋଇ ନ ପାରିଲେ ଫେରାଇବାକୁ ପଡ଼ିବ। ଏପରି ଅଡୁଆକୁ ନେଇ ଚିନ୍ତାରେ ଅର୍ଥ ବିଭାଗ। ମିଳିଥିବା ସୂଚନା ଅନୁସାରେ, ଚଳିତ ଅର୍ଥିକ ବର୍ଷରେ କମ୍ ଖର୍ଚ୍ଚ ହୋଇଥିବାରୁ ଗତ ମାସରେ ଅର୍ଥ ବିଭାଗ ସବୁ ବିଭାଗ ପାଇଁ ସଂଶୋଧିତ ବଜେଟ ପ୍ରଦାନ କରିଥିଲା। ତା' ସହିତ ୨୦୨୪-୨୫ ବଜେଟ ପାଇଁ ମଧ୍ୟ ବିଭାଗଗୁଡିକୁ ସର୍କୁଲାର ଜାରି କରାଯାଇଛି। ସେହି ଆଧାରରେ ସଂଶୋଧିତ ବଜେଟ ପ୍ରସ୍ତାବ ଚଳିତ ମାସ ୨୦ ତାରିଖ ସୁଦ୍ଧା ଯୋଜନା ଓ ସଂଯୋଜନ ବିଭାଗ ନିକଟରେ ଦାଖଲ କରିବା ପାଇଁ ଅର୍ଥ ବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ସେହି ପ୍ରସ୍ତାବ ଆଧାରରେ ଅର୍ଥ ବିଭାଗ ପରବର୍ତ୍ତି ବଜେଟ ପାଇଁ ରଣନୀତି ପ୍ରସ୍ତୁତ କରିବ। ତା ପରେ ଚଳିତ ମାସ ୨୩ ତାରିଖରୁ ଜାନୁଆରୀ ୯ ତାରିଖ ମଧ୍ୟରେ ସବୁ ବିଭାଗର ପ୍ରସ୍ତାବ ପର୍ଯ୍ୟାୟକ୍ରମେ ସମୀକ୍ଷା କରାଯିବ।

ଅର୍ଥନୀତି ବିଶେଷଜ୍ଞଙ୍କ କହିବା ଅନୁସାରେ ନିର୍ବାଚନ ଥିଲେ ବଜେଟ ବ୍ୟୟରେ ବିଳମ୍ବ ଏକ ସାଧାରଣ କଥା। କିନ୍ତୁ ପୁରୁଣା ସରକାର ବଦଳରେ ନୂଆ ସରକାର ଆସିଥିବାରୁ ବଜେଟ ବ୍ୟୟ ଆହୁରି ପ୍ରଭାବିତ ହୋଇଛି। ସରକାରଙ୍କ ପାଇଁ ଏହା ଅଡୁଆ ପରିସ୍ଥିତି ସୃଷ୍ଟି କରିବ। କାରଣ ଯଦି ଏଥର ଅନୁଦାନ ଅର୍ଥ ଠିକ୍ ଭାବେ ଖର୍ଚ୍ଚ ନ ହେବ ତା ହେଲେ ଆଗାମୀ ବଜେଟ ପ୍ରଭାବିତ ହେବ। ବିଶେଷକରି ଉନ୍ନୟନମୂଳକ କାର୍ଯ୍ୟ ଗୁଡିକ ବାଧାପ୍ରାପ୍ତ ହେବାର ଆଶଙ୍କା ରହିଛି। ତେଣୁ ଚଳିତ ବଜେଟ ଅପେକ୍ଷା ଆଗାମୀ ବଜେଟ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି କୁହାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭାର ଶୀତକାଳୀନ ଅଧିବେସନରେ ବ୍ୟୟମଞ୍ଜୁରୀ ବିଲ୍ ଆଲୋଚନାରେ ବଜେଟ ବ୍ୟୟରେ ମନ୍ଥରତାକୁ ନେଇ ବିଜେଡି ଓ କଂଗ୍ରେସ୍ ସରକାରଙ୍କୁ ଅଡୁଆରେ ପକାଇ ଥିଲେ। ସରକାର ଆଣିଥିବା ପୂର୍ଣ୍ଣାଙ୍ଗ ବଜେଟରୁ ୮୦ ରୁ ୯୦ ହଜାର କୋଟି ବଜେଟ ଟଙ୍କା ଖର୍ଚ୍ଚ ହୋଇପାରିବ ନାହିଁ। ୧୭ ବିଭାଗର ଖର୍ଚ୍ଚ ଆଶାତୀତ କମ୍ ବୋଲି କହି ବିରୋଧୀ ସମାଲୋଚନା କରିଥିଲେ। ସେହିପରି ଡବଲ ଇଞ୍ଜିନ୍ ସରକାର କେନ୍ଦ୍ରରୁ ଅର୍ଥ ଆଣିବାରେ ପଛରେ ପଡିଛି ବୋଲି କହି ସରାକରଙ୍କୁ ଘେରିଥିଲେ। ସବୁଠୁ ଅଧିକ ବ୍ୟୟ କରୁଥିବା ୧୭ଟି ବିଭାଗର ଖର୍ଚ୍ଚ ନୈରାଶ୍ୟଜନକ ଅଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ବଜେଟ ଖର୍ଚ୍ଚରେ ସବୁଠାରୁ ପଛରେ ପଡ଼ିଛି।






### ମିଳୁନି ମହାପ୍ରୟାଣ ସେବା

# ମୃତଦେହ ନେବାକୁ ଲୋକେ ହନ୍ତସନ୍ତ

**ଶେରଗଡ଼,୧୪।୧୨(ସମିସ):** ଚିକିତ୍ସାଳୟରେ କୌଣସି ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ ମୃତଦେହ ନେବା ଲାଗି ସମ୍ପର୍କୀୟଙ୍କୁ ମିଳୁନି ମହାପ୍ରୟାଣ ସେବା। ମୃତକଙ୍କ ପରିବାର ଘରୋଇ ଶବବାହକ ଗାଡ଼ି ଉପରେ ଭରସା କରୁଛନ୍ତି। ଏହାର ସୁଯୋଗ ନେଇ ଘରୋଇ ଶବବାହକ ଗାଡି ମୃତକଙ୍କ ସମ୍ପର୍କୀୟଙ୍କ ଠାରୁ ଦୁଇଗୁଣା ଭଡ଼ା ନେଉଛନ୍ତି। ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଏହି ସମସ୍ୟା ଯେ କେବଳ ଶେରଗଡ଼ ବାସିନ୍ଦା ଭୋଗୁଛନ୍ତି ତାହା ନୁହେଁ, ଉକ୍ତ ସମସ୍ୟା ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରୁଥିବା ଦୁଇଟି ନିର୍ବାଚନମଣ୍ଡଳୀବାସୀ ଭୋଗୁଛନ୍ତି।



ପ୍ରକାଶ ଥାଉକି, ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଅଞ୍ଚଳବାସୀ ନିର୍ଭର କରିଥାନ୍ତି। ଏଠି କିଏ ଚିକିତ୍ସିତ ହୋଇ ଘରକୁ ଫେରେ ତ, ଅନ୍ୟ କାହାର ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ଘଟେ। ମୃତକଙ୍କ ଶବ ଘରକୁ ନେବା ଲାଗି ଏଠାରେ ମହାପ୍ରୟାଣ ଗାଡ଼ିର ସୁବିଧା ନାହିଁ। ଫଳରେ ବାଧ୍ୟ ହୋଇ ଲୋକମାନେ ଅଧିକ ଖର୍ଚ୍ଚାନ୍ତ ହୋଇ ଘରୋଇ ଶବ ବୁହା ଗାଡ଼ିରେ ଶବ ନେଉଥିବା ବେଳେ ଅତ୍ୟନ୍ତ ଗରିବ ଶ୍ରେଣୀ ର ଲୋକମାନେ ଶବକୁ କାନ୍ଧରେ ବୋହି ଘରକୁ ନେଉଛନ୍ତି ତ ଅନ୍ୟ କେଉଁ ମାନେ ନିଜ ବାଇକରେ ବୋହି ନେଇଯାଉଥିବା ମଧ୍ୟ ନଜିର ରହିଛି। ଦ୍ୱିତୀୟତଃ ଦୁର୍ଘଟଣା ଜନିତ ଘଟଣାରେ ଶବ ବ୍ୟବଚ୍ଛେଦ ଲାଗି ମହାପ୍ରୟାଣ ଗାଡିକୁ ଖୋଜା ପଡିଥାଏ। କିନ୍ତୁ ଏଠାରେ ଏହି ସୁବିଧା ନଥିବା ହେତୁ ପ୍ରଶାସନ ଏବଂ ଜନତା ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଭଳି ଅବସ୍ଥାକୁ ଦେଖି ଶେରଗଡ ମିଡିଆ ହାଉସର ସଦସ୍ୟ ଏବଂ ଶେରଗଡ ସହରବାସୀଙ୍କ ପକ୍ଷରୁ ୨୦୨୨ ଜୁଲାଇ ମାସରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

ସ୍ଥାନୀୟ ଜନପ୍ରତିନିଧିମାନେ ମହାପ୍ରୟାଣ ଗାଡ଼ିର ଅଭାବ ଦେଖି ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଏକ ମହାପ୍ରୟାଣ ଗାଡି ଯୋଗାଇ ଦେବା ଲାଗି ସମିତି ବୈଠକରେ ଦାବି କରିଥିଲେ। ତେବେ ଇତି ମଧ୍ୟରେ ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଲୋକଙ୍କ ସ୍ୱାର୍ଥକୁ ଅଣଦେଖା କରାଯାଉଥିବା ଜଣାପଡିଛି। ସୂଚନାଯୋଗ୍ୟ, ପୂର୍ବରୁ ମହାପ୍ରୟାଣ ଗାଡ଼ିରେ କିଲୋମିଟର ପିଛା ୧୪ ଟଙ୍କା ଲେଖାଏଁ ନିଆଯାଉଥିବା ବେଳେ ଗତ ଅଗଷ୍ଟ ମାସରୁ ଏହି ସେବା ସମ୍ପୂର୍ଣ୍ଣ ମାଗଣାରେ ଯୋଗାଇ ଦିଆଯାଉଛି। ମାତ୍ର ଏହି ସେବା ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନ ଥିବା ହେତୁ ଘରୋଇ ଶବ ବୁହା ଗାଡି ମନଇଚ୍ଛା ଭଡା ଆଦାୟ କରୁଛନ୍ତି।

### ଅବ୍ୟବସ୍ଥାରେ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରସୂତି ବିଭାଗ

# ଛଅ ମାସ ହେଲା ଅଚଳ ୱାର୍ମର, ଅଗ୍ନିକାଣ୍ଡର ହେଉନି ତଦନ୍ତ

**ଶେରଗଡ଼,୧୪।୧୨(ସମିସ)**

ଶେରଗଡ଼ ଏବଂ ଆଖପାଖ ଅଞ୍ଚଳର ପ୍ରସୂତି ମାନଙ୍କ ପ୍ରଥମ ପସନ୍ଦ ଥିଲା ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର। ପୂର୍ବରୁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ମାସକୁ ୨ ଶହରୁ ୩ ଶହ ପ୍ରସବ କରାଯାଉଥିଲା। କିନ୍ତୁ ବିଗତ କିଛିବର୍ଷ ହେବ ମାସକୁ ମାତ୍ର ୩୦ ଜଣ ପ୍ରସୂତି ପ୍ରସବ ଲାଗି ଆସୁଥିବା ଜଣାପଡିଛି। ଅଭିଜ୍ଞ ଓ ବିଭାଗୀୟ ଡାକ୍ତରଙ୍କ ଅନୁପସ୍ଥିତି ଏବଂ ପ୍ରସୂତିଙ୍କୁ ସହଯୋଗର ଅଭାବ ଲାଗି ଏଭଳି ଅବସ୍ଥା ସୃଷ୍ଟି ହୋଇଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ପ୍ରକାଶ ଥାଉକି, ଗତ ଅକ୍ଟୋବର ୦୯ ତାରିଖରେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଥିବା ପ୍ରସୂତି ବିଭାଗରେ କୌଣସି କାରଣବଶତଃ ଅଗ୍ନିକାଣ୍ଡ ଘଟିଥିଲା। ଉକ୍ତ ଅଗ୍ନିକାଣ୍ଡରେ ପ୍ରସୂତି ବିଭାଗରେ ସମସ୍ତ ଆସବାବପତ୍ର ଜଳିପୋଡି ପାଉଁଶ ହୋଇଯାଇଥିଲା। ଫଳରେ ସେହି ୱାର୍ଡରେ ପ୍ରସବ ଲାଗି ବନ୍ଧାଗୁଡା ପଞ୍ଚାୟତ ଚଷା ମହୁଲି ଗ୍ରାମର କାହ୍ନୁ ଚରଣ ପାଣିଗ୍ରାହୀଙ୍କ ସମ୍ପର୍କୀୟ ରଶ୍ମି ପାଢ଼ୀ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିଲେ। ପ୍ରସବ ପରେ ନାବଜାତ ପୁତ୍ର ସହିତ ଘରକୁ ଯିବାକୁ ଅପେକ୍ଷା କରିଥିବା ବେଳେ ପ୍ରସୂତି ବିଭାଗରେ ଅଗ୍ନିକାଣ୍ଡ ଘଟିଥିଲା। ଅଗ୍ନିକାଣ୍ଡକୁ ଦେଖି ଦାୟିତ୍ୱରେ ଥିବା ସେବିକା ନବଜାତକ ଏବଂ ମା'ଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ଏହି ଘଟଣାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କୁ ପଚାରିବାରୁ ସେ କହିଥିଲେ, ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। କିନ୍ତୁ ଘଟଣାକୁ ୨ ମାସ ବିତିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା ଅଗ୍ନିକାଣ୍ଡ ବିଷୟରେ କୌଣସି ସୁରାକ ମିଳିନାହିଁ। ଏହି ଘଟଣା ଘଟିବା ପୂର୍ବରୁ ଦୀର୍ଘ ୬ ମାସ ହେବ ବିଭାଗରେ ଥିବା ନବଜାତକ ଲାଗି ଉଦ୍ଦିଷ୍ଟ ୱାର୍ମର ଅଚଳ ହୋଇପଡିଥିଲା। ୱାର୍ମର ଅଚଳ ହୋଇ ପଡିଥିବାର ଖବର ଅଧିକାରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ଏନେଇ କୌଣସି ଦୃଷ୍ଟି ଦିଆଯାଉନି। ଅଗ୍ନିକାଣ୍ଡ ଘଟି ପ୍ରସୂତି ବିଭାଗର ଝରକା ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଫଳରେ ଏଠାକୁ ଆସୁଥିବା ପ୍ରସୂତି ମା' ମାନେ ଥଣ୍ଡା କାକର, ମଶାମାଛିଙ୍କ ସହିତ ଲଢେଇ କରୁଥିବାବେଳେ ଜନ୍ତୁଜନ୍ତା ଭୟ ବି ରହିଛି। ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି ସେବିକା ମାନେ ନଷ୍ଟ ହୋଇଥିବା ଦରଜା ସ୍ଥାନରେ କାର୍ଟୁନ ରଖି କାର୍ଯ୍ୟ ଜାରି ରଖିଛନ୍ତି। ଘଟଣା ଘଟିବା ପରଦିନ ଠାରୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଉକ୍ତ ବିଭାଗକୁ ପରିଦର୍ଶନ କରିବା ଲାଗି ନଯିବା ଦୁଃଖଦାୟକ ଘଟଣା। ସବୁଠାରୁ ବଡ ସମସ୍ୟା ହେଲା ପ୍ରସୂତି ବିଭାଗ ଦାୟିତ୍ୱରେ ଥିବା ସେବିକା ମାନଙ୍କ ଲାଗି ଏକ ବିଶ୍ରାମ ଗୃହ ନଥିବାରୁ ସେବିକା ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ସମସ୍ତ ପ୍ରକାର ସୁବିଧା ଥିଲେ ମଧ୍ୟ କାର୍ଯ୍ୟକାରୀ କରିବା ଅଭାବରୁ, ନାହିଁ ନାହିଁରେ ଚାଲିଛି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

ଏନେଇ ଆମେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଙ୍କ ସହ ଯୋଗାଯୋଗ କରିବାରୁ ପ୍ରକାଶ କରିଥିଲେ ଯେ,ମୁଁ ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଛି। ଉକ୍ତ ସମସ୍ୟାର ସମାଧାନ ଲାଗି ଚେଷ୍ଟା କରିବି। ତେବେ ଶେରଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅବସ୍ଥା ବଦଳିବ ନା ଯଥା ପୂର୍ବଂ ତଥା ପରଂ ନ୍ୟାୟରେ ଚାଲିବ ତାହା ଦେଖିବାକୁ ବାକି ରହିଲା।

# ଲୋକ ଅଦାଲତରେ ୧୨୪ ଫଇସଲା

**ଛତ୍ରପୁର,୧୪।୧୨(ସମିସ):** ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ମନୋରଞ୍ଜନ ଦାସ, ସିନିୟର ସିଭିଲ ଜଜ୍ ପୂଜା ଦେ, ଏସଡିଜେଏମ ପ୍ରିତିଶ କୁମାର ରଥ ଓ ଜେଏମଏଫସି ସ୍ୱାଗତିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ସମୁଦାୟ ୧୨୪ଟି ମାମଲାର ବିଚାରଣ ହୋଇ ୪୭ଟି କେସ ଫଇସଲା କରିଛନ୍ତି। ଏଥିରେ ଜରିମାନା ବାବଦରେ ୩୦ଲକ୍ଷ ୯ହଜାର ୯୪ଟଙ୍କା ଆଦାୟ କରାଯାଇ ସେଟଲମେଣ୍ଟ ନିମନ୍ତେ କୁହାଯାଇଛି। ଲୋକ ଅଦାଲତ ବେଞ୍ଚ ମେମ୍ବର ଗୋକୁଳ ଚନ୍ଦ୍ର ପଣ୍ଡା, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ ପାଢ଼ୀ, ସମ୍ପାଦକ ସୁରେଶ ପଟ୍ଟନାୟକ, ଆଇନଜୀବୀ ନିତ୍ୟାନନ୍ଦ ମୁଦୁଲି, ସୁରଜିତ ସାମନ୍ତରାୟ, ଡମିନାଥ ସାହୁ, ପ୍ରଦୀପ ପାତ୍ର, ସୁରେନ୍ଦ୍ର ପଣ୍ଡା ଓ କୃଷ୍ଣ ସାହୁଙ୍କ ସମେତ ବହୁ ଆଇନଜୀବୀ ମାମଲା ପରିଚାଳନା କରିଥିଲେ।



# ଆନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ଭଞ୍ଜନଗର,୧୪।୧୨(ସମିସ):** ତାରସିଂ ଥାନା ଅଧିନ ଶୋରିଷମୁଳି ଆନିକଟ୍‌ରୁ ଶନିବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ଭଞ୍ଜନଗର ଥାନା ଅନ୍ତର୍ଗତ କୁଲାଡ ନୂଆସାହିର ଭଞ୍ଜ ସୁଆର(୨୮)। ଭଞ୍ଜ ଗତ କିଛି ଦିନ ହେବ ଘରୁ ବାହାରି କେଉଁ ଆଡେ ଚାଲି ଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର ସନ୍ଧାନ ପାଇନଥିଲେ।

ଶନିବାର ସକାଳୁ ଶୋରିଷମୁଳି ଆନିକଟରେ ତାଙ୍କର ମୃତଦେହ ଭାସୁଥିବା ପରିବାର ଲୋକେ ଖବର ପାଇ ପୁଲିସକୁ ଜଣାଇଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଭଞ୍ଜନଗର ମେଡିକାଲରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

**ଆସିକା,୧୪।୧୨(ସମିସ):** ଆସିକା ଥାନା ଦେବଭୂମିରେ ଦୁଇ ବାଇକ୍ ମୁହାମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଦୁଇଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଛତ୍ରପୁର ଥାନା ଅନ୍ତର୍ଗତ ଭିକାରୀ ପଲ୍ଲୀ ପଞ୍ଚାୟତ ଲଣ୍ଡା ବାଉଁଶ ଗ୍ରାମର କାହ୍ନା ମହାପାତ୍ର। ଦୁଇ ଗୁରୁତର ଯୁବକ ହେଲେ ସିଦ୍ଧାନ୍ତ ପଢ଼ିଆରି ଓ ଆସିକା ମାମୁଁଡିଅ ଗ୍ରାମର ପବିତ୍ର ନାୟକ। ବାଇକ ଯୋଗେ କାହ୍ନା ମହାପାତ୍ର ଓ ସିଦ୍ଧାନ୍ତ ପଢ଼ିଆରି ଭଞ୍ଜନଗ ଯାଇ ଫେରୁଥିବାବେଳେ ବିପରୀତ ଦିଗରୁ ଏକ ଗ୍ଲାମର ବାଇକ ମାଧ୍ୟମରେ ମାମୁଁଡିଅ ଗ୍ରାମର ପବିତ୍ର ନାୟକ ନିଜ ଗ୍ରାମକୁ ଫେରୁଥିବା ବେଳେ ଦେବଭୂମି ଛକରେ ମୁହାମୁହିଁ ହୋଇଥିଲା। ଗୁରୁତର ମାନଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିବା ବେଳେ ଡ଼ାକ୍ତର କାହ୍ନାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ଦୁଇ ଗୁରୁତରଙ୍କ ମଧ୍ୟରୁ ସିଦ୍ଧାନ୍ତ ପଢ଼ିଆଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ତାରାତାରିଣୀ ପୀଠରେ ସଫେଇ ଅଭିଯାନ

**ଛତ୍ରପୁର/ପୁରୁଷୋତ୍ତମପୁର୧୪।୧୨(ସମିସ):** ନୂଆବର୍ଷ ପାଖେଇ ଆସୁଥିବା ବେଳେ ବଣଭୋଜି ପାଇଁ ବିଭିନ୍ନ ଦର୍ଶନୀୟ ସ୍ଥାନରେ ଜନ ସମାଗମ ଦେଖିବାକୁ ମିଳୁଛି। ସେହିଭଳି ସବୁ ସ୍ଥାନରେ ଭୋଜିଭାତର ଆସର ଜମୁଥିବାରୁ ଦର୍ଶନୀୟ ସ୍ଥାନ ଗୁଡ଼ିକ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ହେଉଛି। ଏହାକୁ ଦୃଷ୍ଟିରେ ରଖି ଛତ୍ରପୁରସ୍ଥିତ ମା' ରାମଚଣ୍ଡୀ ପୂଜା କମିଟିର ସଂଯୋଜକ କମଲ ପଣ୍ଡା, ଉପଦେଷ୍ଟା ତଥା ଛତ୍ରପୁର ଏସଡ଼ିଜେଏମ୍ କୋର୍ଟର କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ଓ ତ୍ରିପତି ବାଲାଜୀ ମିଶ୍ରଙ୍କ ନେତୃତ୍ୱରେ ମା' ରାମଚଣ୍ଡୀ ପୂଜା କମିଟି, ଭୁବନେଶ୍ୱରର ସେବା ପ୍ରତିନିଧି ଦଳ ଓ ଅନ୍ୟ ସ୍ୱେଚ୍ଛାସେବୀଙ୍କ ମିଳିତ ଆନୁକୂଲ୍ୟରେ ମା' ତାରାତାରିଣୀ ମନ୍ଦିର ପ୍ରାଙ୍ଗଣରେ ଏକ ବିଶାଳ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୁଷୋତ୍ତମପୁର ତହସିଲଦାର ବିନୋଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ ଛତ୍ରପୁର ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ଦାଶ, ପୁରୁଷୋତ୍ତମପୁର ଏନଏସି କର୍ମଚାରୀ ସହଯୋଗ କରିଥିଲେ। ସମାଜସେବୀ ମନୋଜ ମିଶ୍ର, ଏସ. ରବି, ରାଜେଶ ପାତ୍ରଙ୍କ ନେତୃତ୍ୱରେ ମନ୍ଦିର ପରିସର ତଥା ମନ୍ଦିର ସମ୍ମୁଖ ପରିଷ୍କାର କରାଯାଇଥିଲା। ପରେ ମନୋରଞ୍ଜନ ବେହେରା ଓ ଟୁଟୁ ନାୟକଙ୍କ ନେତୃତ୍ୱରେ ଅନ୍ୟ ଏକ ସେବାଦଳ ୯୯୯ ପାହାଚ ପରିଷ୍କାର କରିଥିଲେ। ଛତ୍ରପୁର ଓକିଲ ସଂଘ ଉପସଭାପତି ଚୈତନ୍ୟ ପ୍ରଧାନ, ମାଧବ ସାସମଲ, ସୁଶାନ୍ତ ଗୌଡ଼, ଦିନେଶ ମହାନ୍ତି, ଯୋଗେଶ ସେଠୀ, ଦୀପକ ବେହେରା, ମୋହନ ବେହେରା, ଦୟାନିଧି ସାହୁ, ଏସ. ଲୋକନାଥ ରେଡୀ, ବି ସାତେୟା, ସନାତନ ମହାରଣା, ଅଯୋଧ୍ୟା ପରିଡ଼ା, ତୁଷାର ଶତପଥୀ, କୁଞ୍ଜ ନାୟକ, ରାଜେଶ ନନ୍ଦ ପ୍ରମୁଖ ପରିଚାଳନା କରିଥିଲେ।

# ତୁଳସୀପଲ୍ଲୀରେ ଗୀତା ଜୟନ୍ତୀ ମହୋତ୍ସବ



ଭଞ୍ଜନଗର,୧୪।୧୨(ସମିସ): ତୁଳସୀପଲ୍ଲୀ ରାଧାକୃଷ୍ଣ ମନ୍ଦିର ପରିସରରେ ତିନିଦିନ ଧରି ଷାଠିଏତମ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗରକୀର୍ତ୍ତନ, ସମୂହ ପ୍ରାର୍ଥନା, ପରାୟଣ, ଶାନ୍ତି ହୋମ, ମୁଆଁ ବଣ୍ଟନ, ଗୀତାମୃତ ଆସ୍ୱାଦନ ଆଲୋଚନା କରାଯାଇଥିଲା। ବ୍ୟାସ ଭାବେ ଶିବରାମ ପାଢ଼ୀ ରହିଥିବାବେଳେ ପ୍ରାରମ୍ଭିକ ସଂଗୀତ ନିଗମ ଅଧିକାରୀ କରିଥିଲେ। ସଭାପତି ଭାବେ ସ୍ୱାମୀ ବିରଜାନନ୍ଦ ସରସ୍ୱତୀ ପରିଚାଳନା କରୁଥିବାବେଳେ ବକ୍ତାଭାବେ ସନ୍ତୋଷ କୁମାର କର ଓ ରାଧାକାନ୍ତ ଦାଶଜୀ ମହାରାଜ ରହି ଜ୍ଞାନ ଯଜ୍ଞ ପରିଚାଳନା କରିଥିଲେ। ପ୍ରତ୍ୟେକ ଦିନ କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ ଜ୍ଞାନଯଜ୍ଞରେ ସାମିଲ ହୋଇ ଭଗବାନଙ୍କ ସାନିଧ ପ୍ରାପ୍ତ ହେଉଥିଲେ। ଆଖ ପାଖ ଗ୍ରାମର ଶ୍ରଦ୍ଧାଳୁ ଭକ୍ତ ଯୋଗ ଦେଉଥିଲେ। କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନା କରିଥିଲେ।

# ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ଦିଗପହଣ୍ଡି,୧୪।୧୨(ସମିସ):** ଭିଷ୍ଣଗିରି ରାମଜୀ ଡିଗ୍ରୀ ମହାବିଦ୍ୟାଳୟର ଯୁକ୍ତ ତିନି କଳା ବିଭାଗର ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଜୀ ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ କର ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ରୂପେ ରାମଜୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ସୁଧି ରଞ୍ଜନ ହୋତା କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କଲେଜର ସମସ୍ତ ବିଭାଗୀୟ ମୁଖ୍ୟ ତଥା କର୍ମଚାରୀ ସହଯୋଗ କରିଥିଲେ। ଅଧ୍ୟାପକ ଦେବଦତ୍ତ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଟାର୍ଗେଟରେ ସୁନା ଦୋକାନ

# ପାତ୍ରପୁରରେ ପୁଣି ଚୋରି ଉଦ୍ୟମ ପଣ୍ଡ

**ପାତ୍ରପୁର,୧୪।୧୨(ସମିସ):** ଜରଡା ଥାନା ପାତ୍ରପୁର ଭିତର ବଜାର ଗତ ଶୁକ୍ରବାର ବିଳମ୍ବିତ ରାତିରେ ଚାରିଜଣ ଚୋର ଗୋଟିଏ ସୁନା ଦୋକାନରେ ଚାବି ଭାଙ୍ଗି ଚୋରି ଉଦ୍ୟମ କରିଥିଲେ କିନ୍ତୁ ବିଫଳ ହୋଇଥିବା ଦେଖିବାକୁ ମିଳିଛି। ରାତି ପ୍ରାୟ ସାଢେ ୨ଟାରେ ଚୋରଙ୍କ ଏହି କାରନାମା ସିସିଟିଭି କ୍ୟାମେରା ଫୁଟେଜ କଏଦ ହୋଇଛି। ଯାହା ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିବା ଦେଖିବାକୁ ମିଳିଛି। ତେବେ ଚୋର ଗ୍ୟାଙ୍ଗ୍‌କୁ ଧରିବା ପାଇଁ ପୁଲିସ୍ ପ୍ରୟାସ ଜାରି ରଖିଛି।

ସୂଚନା ଥାଉ କି ଗତ ବୁଧବାର ରାତିରେ ପାତ୍ରପୁର ମୁଖ୍ୟ ବସଷ୍ଟାଣ୍ଡରେ ଏକ ମୋବାଇଲ ଦୋକାନ ଚୋରି ଉଦ୍ୟମ କରି ବିଫଳ ହୋଇଥିଲେ। ଯାହାକୁ ନେଇ ଦୋକାନୀ ମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିଲା। ଚୋର ଦଳକୁ କାବୁ କରିବା ପାଇଁ ବିଭିନ୍ନ ମହଲରେ ଦାବି ହୋଇଛି। ଅନ୍ୟପକ୍ଷେ ନିଶା ପ୍ରତି ଯୁବଗୋଷ୍ଠୀ ଆକୃଷ୍ଟ ହେବା ସହ ଅଞ୍ଚଳରେ ଜୁଆ ଅଡ୍ଡା ଯୋଗୁଁ ଚୋରି ହେଉଥିବା ସାଧାରଣରେ ମତ ପ୍ରକାଶ ପାଇଛି।

# ତମାଖୁ ମୁକ୍ତ ସଚେତନତା କାର୍ଯ୍ୟକ୍ରମ

**ଛତ୍ରପୁର,୧୪।୧୨(ସମିସ):** ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଛତ୍ରପୁର ପୁଲିସ ହାଇସ୍କୁଲ ଏବଂ ବାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତମାଖୁ ମୁକ୍ତ ଅଭିଯାନ ଲାଗି ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡାକ୍ତର ସ୍ୱାଧୀନ ରଥ ଯୋଗ ଦେଇ ଆସନ୍ତୁ ଶପଥ ନେବା ଧୂମପାନ ଓ ତମାଖୁ ବର୍ଜନ କରିବା ବୋଲି କହିଥିଲେ। ଏନେଇ ଦୁଇଟି ଅନୁଷ୍ଠାନର ବିଦ୍ୟାର୍ଥୀଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ହୋଇକୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୁଇଟି ବିଦ୍ୟାଳୟର ମୁଖ୍ୟ, ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିପିଏମ ସୀମାଞ୍ଚଳ ପ୍ରଧାନ, ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀ ଓ ଅଣ ସଂକ୍ରମଣ ରୋଗ ସଚେତକ ବି. ଦେବହରି ରେଡୀ ଉପସ୍ଥିତ ଥିଲେ।

# ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



**ଛତ୍ରପୁର,୧୪।୧୨(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ ବିକାଶ ସୋସାଇଟି ପକ୍ଷରୁ ଦାମିଆନନଗରରେ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ବିକାଶ ସୋସାଇଟିର ବିଶ୍ୱଜିତ ଦାସ, ପ୍ରଭୂଦତ୍ତ ପାତ୍ର ଓ ଅମୀୟ ନାୟକଙ୍କ ସମେତ ବହୁ ସଭ୍ୟସଭ୍ୟା ମାନେ ଉପସ୍ଥିତର ସାହି ବାସିନ୍ଦାଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ସୂଚନା ଯୋଗ୍ୟ ବିକାଶ ସୋସାଇଟି ପକ୍ଷରୁ କୋଭିଡ ସମୟରେ ମଧ ଲୋକଙ୍କୁ ବିଭିନ୍ନ ସହାୟତା ପ୍ରଦାନ କରିବା ସହିତ ବିଭିନ୍ନ ସମାଜିକ କାର୍ଯ୍ୟକ୍ରମ ଜାରି ରଖିଥିଲେ।

# ନିଷ୍ଟ ବିଶ୍ୱବିଦ୍ୟାଳୟ ଓ ବିଏସ୍‌ଏନ୍‌ଏଲ୍ ମଧ୍ୟରେ ବୁଝାମଣା

**ବ୍ରହ୍ମପୁର,୧୪।୧୨(ସମିସ):** ନିଷ୍ଟ ବିଶ୍ୱବିଦ୍ୟାଳୟ ଓ ବିଏସଏନଏଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ଭର୍ଚୁଆଲ ମୋଡରେ ସ୍ୱାକ୍ଷରିତ ବୁଝାମଣା ପତ୍ରରେ ସ୍ୱାକ୍ଷର ହୋଇଛି। ବିଏସଏନଏଲ ପକ୍ଷରୁ ବିଶ୍ୱବିଦ୍ୟାଳୟର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳରେ ବିଶେଷ କରି ୪ଜି/୫ଜି ଏବଂ ପରବର୍ତ୍ତୀ ପିଢ଼ିର ଟେଲିକମ ନେଟବାର୍କକୁ ନେଇ ସହାୟକ ଯୋଗାଇ ଦିଆଯିବ ବୋଲି ଚୁକ୍ତି ହୋଇଛି। ବିଏସଏନଏଲ ନେଟୱାର୍କ ମଧ୍ୟରେ ପ୍ରଯୁକ୍ତି ପ୍ରୟୋଗକୁ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ସୁଗମ କରିବ। ବିଏସଏନଏଲ ବିଶାଖାପାଟଣାସ୍ଥିତ ପ୍ରଶିକ୍ଷଣ କେନ୍ଦ୍ରରେ ନିଷ୍ଟ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଇଣ୍ଟର୍ନସିପ୍ ପାଇଁ ସହାୟତା ପାଇବେ। ବିଏସଏନଏଲ ଡିଜିଟାଲ ଟେଲିଫୋନି, ଇଣ୍ଟରନେଟ ଅଫ ଥିଙ୍ଗସ ଏବଂ ନିଷ୍ଟ ବିଶ୍ୱବିଦ୍ୟାଳୟରେ ରୋବୋଟିକ୍ସ ଉପରେ ଇନକ୍ୟୁବେସନ ସେଣ୍ଟର ସ୍ଥାପନ କରିବା ପାଇଁ ଆବଶ୍ୟକ ଉପକରଣ ମଧ୍ୟ ଯୋଗାଇ ଦେବ। ଏହି ବୁଝାମଣା ପତ୍ରରେ ନିଷ୍ଟ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର, ଡିନ୍ ଏକାଡେମିକ ଡ଼. ପି ରାଜେଶ କୁମାର ଏବଂ ବିଏସଏନଏଲ ଇଣ୍ଡିଆ ଲିମିଟେଡ ପକ୍ଷରୁ ବିଶାଖାପାଟଣାସ୍ଥିତ ବିଏସ୍‌ଏନ୍‌ଏଲ ଇବି ଡିଜିଏମ ଏମ. ସତ୍ୟ ପ୍ରସାଦ ସ୍ୱାକ୍ଷର କରିଥିଲେ। ବିଏସ୍‌ଏନ୍‌ଏଲ ପି. ପଲ ବିଲିୟମ(ପିଜିଏମ୍ଟିଡି), ଜି. ଆଦାମ(ପିଜିଏମ୍, ଅପରେସନ), ଏମ୍ ସତ୍ୟ ପ୍ରସାଦ(ଡିଜିଏମ୍, ଟ୍ରେନିଂ), ଏସ. ଶ୍ରୀନିବାସ ରାଓ(ଏଜିଏମ, ଟ୍ରେନିଂ), ପି. ମୋହନ ରାଓ(ଏସ୍ଡିଇ ଟ୍ରେନିଂ), ସି. ଏଚ. ଭାରା ପ୍ରସାଦ(ଟ୍ରେନିଂ କୋଅର୍ଡିନେଟର), ବି. ଶ୍ରୀନିବାସ(ଡିଜିଏମ ଆଡମିନ), କେ. ଜେ. ରାଓ (ଡିଜିଏମ ଅପରେସନ୍ସ), ଏନ. ଶ୍ରୀଦେବୀ(ଆଇଏଫଏ) ଏବଂ ବି. ତିରୁପତି ନାଇଡୁ(ଏସଡିଇ, ଇବି), ନିଷ୍ଟ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳସଚିବ ଡ଼. ବିଷ୍ଣୁକର ନାୟକ, ଇସିଇ ବିଭାଗୀୟ ମୁଖ୍ୟ ଡ. ରାଜେଶ ପାଟ୍ଟଜୋଶୀ ଓ ପ୍ରଫେସର ସ୍ୱାଧୀନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ମିନତୀ କାନୁନ୍‌ଗୋ
ତିରୋଧାନ: ୦୫.୧୨.୨୦୨୪
ଆପଣଙ୍କ ଅମର ଆତ୍ମା ଚିରଶାନ୍ତି ଲାଭ କରୁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-: ଶୋକସନ୍ତପ୍ତ :-
ପୁଅ, ବୋହୂ, ଝିଅ-ଜ୍ୱାଇଁ,
ନାତି-ନାତୁଣୀ,
ଅଣନାତି-ଅଣନାତୁଣୀ, କାନୁନଗୋ ପରିବାରବର୍ଗ, ସମସ୍ତ ବନ୍ଧୁବର୍ଗ
ଏଲ୍-୭୮, ଭି.ଏସ.ଏସ ନଗର, ଭୁବନେଶ୍ୱର



■ ଚଳନ୍ତା ଟ୍ରେନରୁ ୫୦ଲକ୍ଷର ଅଳଙ୍କାର ଚୋରି ଘଟଣା

# ୩ ଆନ୍ତଃରାଜ୍ୟ ଲୁଟେରା ଗିରଫ



ବ୍ରହ୍ମପୁର,୧୪ ।୧୨(ସମିସ): ଏକ ଚଳନ୍ତା ଟ୍ରେନରୁ ୫୦ଲକ୍ଷ ଟଙ୍କା ମୂଲ୍ୟର ସୁନା ଓ ହୀରା ଅଳଙ୍କାର ଚୋରି ଘଟଣାର ପର୍ଦ୍ଦାଫାସ କରିଛି ବ୍ରହ୍ମପୁର ରେଳବାଇ ଥାନା ପୁଲିସ(ଜିଆରପି) । ରେଳ ସୁରକ୍ଷା ବଳ(ଆରପିଏଫ) ଏବଂ ସ୍ୱତନ୍ତ୍ର କାର୍ଯ୍ୟବଳ ସହଯୋଗରେ ପୁଲିସ ଏହି ଚୋରିରେ ସଂପୃକ୍ତ ଥିବା ୩ଜଣ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରିଛି । ଗିରଫ ଲୁଟେରାମାନେ ହେଲେ ହରିଆଣା ରୋହତକ ଜିଲ୍ଲାର ସନ୍ଦୀପ(୩୨), ନରେଶ(୪୩) ଓ ସଞ୍ଜୟ(୪୩) । ପୁଲିସ ସେମାନଙ୍କ ନିକଟରୁ ୧୩୨.୭ ଗ୍ରାମ ଓଜନର ସୁନା ଅଳଙ୍କାର, ୨୯.୮ଗ୍ରାମ ରୂପା ଅଳଙ୍କାର, ନଗଦ ୫ହଜାର ୬୪ଟଙ୍କା ଓ ୨ଟି ମୋବାଇଲ ଜବତ କରିଛି । ସେମାନଙ୍କ ନିକଟରୁ ପୁଲିସ ପ୍ରାୟ ୧୦ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଜବତ କରିଥିବା ଜିଆରପି ଥାନା ଭାରପ୍ରାପ୍ତ ଅଧିକାରୀ ବିକାଶ ପଲେଇ କହିଛନ୍ତି । ସୂଚନା ପ୍ରକାରେ, ଗତ ୧୬ତାରିଖରେ ବରଗଡର ସୁରେଶ କୁମାର ଅଗ୍ରୱାଲଙ୍କ ପରିବାର ଓ ଜଣେ ବନ୍ଧୁଙ୍କ ପରିବାର ମିଶି ଗୋପାଳପୁରରେ ଏକ ଭୋଜିରେ ଯୋଗଦେବାକୁ ରାଜ୍ୟରାଣୀ ଏକ୍ସପ୍ରେସ ଯୋଗେ ବ୍ରହ୍ମପୁର ଆସିଥିଲେ । ସେମାନେ ରାଜ୍ୟରାଣୀ ଏକ୍ସପ୍ରେସର ୨-ଟାୟାର ଏସି ବଗିରେ ଏକାଧିକ ଲଗେଜ୍ ଧରି ବ୍ରହ୍ମପୁରକୁ ଆସୁଥିଲେ । ବ୍ରହ୍ମପୁର ଷ୍ଟେସନରେ ପହଞ୍ଚିବା ପରେ ଉଭୟ ପରିବାର ଗୋପାଳପୁର ଯିବାକୁ ନିଜକୁ ପ୍ରସ୍ତୁତ କରୁଥିବା ବେଳେ ସେମାନଙ୍କ ବ୍ୟାଗକୁ କାଟି ସେଥିରୁ ସୁନା ଓ ହୀରା ଅଳଙ୍କାର ଗାଏବ ହୋଇଯାଇଥିବା ଜାଣିବାକୁ ପାଇଥିଲେ । ଜିଆରପି ଥାନାରେ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ଜିଆରପି ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଥିଲା । ବ୍ରହ୍ମପୁର ଜିଆରପି ଥାନା ଓ ବ୍ରହ୍ମପୁର ଆରପିଏଫ ଥାନା ସମେତ ଆରପିଏଫର ସିଆଇବି ଓ ଏସଟିଏଫକୁ ନେଇ ଏକ ୧୪ଜଣିଆ ଟିମ ଗଠନ କରାଯାଇ ଏହି ବଡଧରଣର ଚୋରି ଘଟଣାର ତଦନ୍ତ କରାଯାଇଥିଲା । ଟ୍ରେନରେ ଯାତ୍ରା କରିଥିବା ଯାତ୍ରୀ ଓ ବ୍ରହ୍ମପୁର ସମେତ ବିଭିନ୍ନ ଷ୍ଟେସନରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଇ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା ।

■ ଜୁଆ ଆଡ୍ଡାରେ ପୁଲିସର ଚଢ଼ଉ

# ସେନା କର୍ମଚାରୀଙ୍କ ପୁଅଙ୍କ ସମେତ ୭ ଗିରଫ

ବ୍ରହ୍ମପୁର,୧୪ ।୧୨(ସମିସ): ବୈଦ୍ୟନାଥପୁର ଥାନା ପୁଲିସ ଶୁକ୍ରବାର ରାତିରେ ଲାଞ୍ଜିପଲ୍ଲୀ ରେଡ଼ିକା ସାହିରେ ଚାଲିଥିବା ଏକ ଜୁଆଆ‡ା ଉପରେ ଚଢଉ କରି ୭ଜଣ ଜୁଆଡ଼ିଙ୍କୁ କାବୁ କରିଛି । ଜୁଆଡିଙ୍କ ନିକଟରୁ ୧୩ହଜାର ୭୮୦ଟଙ୍କା ଓ ତାସ କାଟା ଜବତ କରାଯାଇଛି । ଗିରଫଙ୍କ ମଧ୍ୟରେ ଜଣେ ସେନା କର୍ମଚାରୀଙ୍କ ପୁଅ ସମେତ କ୍ଷୀର ବ୍ୟବସାୟୀ ସମ୍ପୃକ୍ତ ଥିବା ଜଣାପଡିଛି । ସମସ୍ତ ଜୁଆଡି ଲାଞ୍ଜିପଲ୍ଲୀ ରେଡିକା ସାହି ଓ କେଶବ ନଗରର ଅଞ୍ଚଳର ବୋଲି ପୁଲିସ କହିଛି ।

# କଳିଙ୍ଗ ବିଦ୍ୟାମନ୍ଦିର ବାର୍ଷିକ କ୍ରୀଡ଼ା



ବ୍ରହ୍ମପୁର,୧୪ ।୧୨(ସମିସ): ରଘୁପତିନଗରସ୍ଥିତ କଳିଙ୍ଗ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାମନ୍ଦିରର ପ୍ରଧାନ ଶିକ୍ଷୟିତ୍ରୀ ଶର୍ମିଳା ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉତ୍ସବରେ ଅତିଥିଭାବେ ଅବସରପ୍ରାପ୍ତ ସେନା ଅଧିକାରୀ ଅଶୋକ କୁମାର ସାମନ୍ତ ଯୋଗଦେଇ ଉଦଘାଟନ କରିଥିଲେ । ଶନିବାର ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ ପଟ୍ଟନାୟକ, ବିଦ୍ୟାମନ୍ଦିରର ସଭାପତି ଜବହାରଲାଲ ପାତ୍ର, ସମ୍ପାଦକ ହରିକୃଷ୍ଣ କୋଠିଆ ଯୋଗ ଦେଇ କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଦସ୍ୟ ବନମାଳୀ ପ୍ରଧାନ ଓ ସଭ୍ୟା ପ୍ରତିଭା ପଣ୍ଡା ମଞ୍ଚାସୀନ ଥିଲେ । ଚଳିତବର୍ଷ ଛାତ୍ର ଡି. ବିଷ୍ଣୁ ଓ ଛାତ୍ରୀ ଅଙ୍କିତା ମହାରଣା ଚାମ୍ପିଆନ ହୋଇଥିଲେ ।

ନିର୍ବାଚିତ ଜନପ୍ରତିନିଧିଙ୍କୁ ନବୀନଙ୍କ ପରାମର୍ଶ

# କଠିନ ପରିଶ୍ରମ ଓ ନିଷ୍ଠାର ସହ ଜନସେବା କର





ବ୍ରହ୍ମପୁର,୧୪ ।୧୨(ସମିସ): ଲୋକଙ୍କ ସହିତ ରହି ସେମାନଙ୍କ ସୁଖ ଦୁଃଖରେ ଭାଗୀଦାର ହୁଅ, କଠିନ ପରିଶ୍ରମ ସହିତ ନିଷ୍ଠାପର ଭାବେ ଜନସେବାରେ ନିଜକୁ ନିୟୋଜିତ କରିବାକୁ ଜାତୀୟସ୍ତରରେ ପୁରସ୍କୃତ ହୋଇଥିବା ଜନ ପ୍ରତିନିଧିଙ୍କୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ପରାମର୍ଶ ଦେଇଛନ୍ତି । ଗତ ୧୩ ତାରିଖ ଶୁକ୍ରବାର ନବୀନ ନିବାସରେ ନବୀନ ପଟ୍ଟନାୟକଙ୍କୁ ଏହି ଜନ ପ୍ରତିନିଧିମାନେ ସାକ୍ଷାତ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ଜାତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅର୍ଜନ କରି ପୁରସ୍କୃତ ହୋଇଛନ୍ତି ଗଞ୍ଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକର କେଲୁଆପଲ୍ଲୀ ସରପଞ୍ଚ ଅରୁଣ କୁମାର ନାୟକ । ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ଠାରେ ମହାମାନ୍ୟ ରାଷ୍ଟ୍ରପତି ଶ୍ରୀମତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଏହି ସମ୍ମାନ ଜନକ ଗ୍ରହଣ କରିଛନ୍ତି ସରପଞ୍ଚ ଅରୁଣ କୁମାର ନାୟକ । ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ପରାମର୍ଶ ଅତ୍ୟନ୍ତ ହୃଦୟସ୍ପର୍ଶୀ ଓ ପ୍ରେରଣାଦାୟୀ ଥିଲା ବୋଲି କହିଛନ୍ତି ସରପଞ୍ଚ ଅରୁଣ ନାୟକ । ନବୀନ ପଟ୍ଟନାୟକଙ୍କୁ ପ୍ରଥମ ଥର ପାଇଁ ସାକ୍ଷାତ ଆଲୋଚନା କରିବା ତାଙ୍କ ପାଇଁ ଗର୍ବର ବିଷୟ ହୋଇଥିବା ବେଳେ ସେ ଅତ୍ୟନ୍ତ ଖୁସି ଥିବାବେଳେ ନବୀନଙ୍କ ପରାମର୍ଶ ଆଗକୁ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଉତ୍ସାହ ଯୋଗାଇବ ବୋଲି ସେ କହିଛନ୍ତି । ପଞ୍ଚାୟତରେ ସ୍ୱାସ୍ଥ୍ୟକ୍ଷେତ୍ରରେ ଉନ୍ନତି ପାଇଁ ନବୀନ ପଟ୍ଟନାୟକଙ୍କ ଅମଳରେ ୭କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଅନୁଦାନ ମିଳିଥିଲା । ରଙ୍ଗେଇଲୁଣ୍ଡା ବ୍ଲକର ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କେଲୁଆପଲ୍ଲୀ ଠାରେ ସ୍ଥାପନ କରିବାରେ ନବୀନ ପଟ୍ଟନାୟକଙ୍କ ଅବଦାନ ଚିରସ୍ମରଣୀୟ । ପୂର୍ବରୁ ଏହା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଥିବା ବେଳେ ଏହାକୁ ଉନ୍ନିତ କରାଯାଇଥିଲା । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ସମଗ୍ର ବ୍ଲକର ହଜାର ହଜାର

**ସ୍ୱାସ୍ଥ୍ୟକ୍ଷେତ୍ରରେ ଅବଦାନ ପାଇଁ ଜାତୀୟସ୍ତରରେ ଚମକିଲେ କେଲୁଆପଲ୍ଲୀ ସରପଞ୍ଚ**

**ପୁରସ୍କୃତ ସରପଞ୍ଚଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସହ ପଞ୍ଚାୟତ ପରିକ୍ରମା କରାଇଲେ ଅଞ୍ଚଳବାସୀ**

**ବିଜୁବାବୁଙ୍କ ଅମଳରୁ ନାୟକ ପରିବାରର ସମ୍ପର୍କ ଅତୁଟ, ନବୀନଙ୍କ ପରାମର୍ଶ ପ୍ରେରଣାଦାୟୀ : ଅରୁଣ**

ସଂଖ୍ୟାରେ ରୋଗୀ ନିର୍ଭର କରୁଛନ୍ତି । ରୋଗୀଙ୍କ ସୁବିଧା ପାଇଁ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୪ଘଣ୍ଟିଆ କରାଯାଇଛି । ସବୁଠାରୁ ବଡକଥା ହେଲା ପଞ୍ଚାୟତକୁ ଆସୁଥିବା ମୋଟ ପାଣ୍ଠିରୁ ସିଂହଭାଗ ବା ଶତକଡା ୫୦ଭାଗରୁ ଅଧିକ କେବଳ ସ୍ୱାସ୍ଥ୍ୟକ୍ଷେତ୍ରରେ ବିନିଯୋଗ କରାଯାଉଛି । ଏହା ବ୍ୟତୀତ ଶିକ୍ଷା ଓ ପାନୀୟଜଳ ଉପରେ ମଧ୍ୟ ପ୍ରାଥମିକତା ଦିଆଯାଉଥିବା କପହିଛନ୍ତି ସରପଞ୍ଚ ଅରୁଣ ନାୟକ । ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ସହିତ କେଲୁଆପଲ୍ଲୀର ଗଙ୍ଗାଧର ନାୟକଙ୍କ ପରିବାର ମଧ୍ୟରେ ସମ୍ପର୍କ ଦିର୍ଘ ବର୍ଷର । କେଲୁଆପଲ୍ଲୀ ପଞ୍ଚାୟତରେ ଗଙ୍ଗାଧର ନାୟକଙ୍କ ପରିବାରର ଦିର୍ଘ ଦଶନ୍ଧି ଧରି ଦବଦବା ରହି ଆସିଛି । ୨୦୨୨ମସିହାରେ ସ୍ୱର୍ଗତ ଗଙ୍ଗାଧର ନାୟକଙ୍କ ପୁତ୍ର ଅରୁଣ କୁମାର ନାୟକ ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ । ଏଥିପୂର୍ବରୁ ବାପା ଗଙ୍ଗାଧର ନାୟକ ୩ଥର ସରପଞ୍ଚ ଥିବା ବେଳେ ସେଥିମଧ୍ୟରୁ ୨ଥର ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ପରବର୍ତ୍ତି ସମୟରେ ସେ ରଙ୍ଗେଇଲୁଣ୍ଡା ବ୍ଲକ ଅଧକ୍ଷ ମଧ୍ୟ ଥିଲେ । ପରେ ଅର୍ଥାତ୍ ତାଙ୍କ ବୋହୁ ପ୍ରଭାସିନି ନାୟକ ମଧ୍ୟ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ବ୍ଲକ ଅଧକ୍ଷା ଥିଲେ । ସେହିଭଳି ସ୍ୱର୍ଗତ ଗଙ୍ଗାଧର ନାୟକଙ୍କ ସାନ ପୁଅ ଅନୁଜ କୁମାର ନାୟକ ମଧ୍ୟ ୧୯୯୭ରୁ ୨୦୦୨ପର୍ଯ୍ୟନ୍ତ କେଲୁଆପଲ୍ଲୀ ପଞ୍ଚାୟତର ସରପଞ୍ଚ ଭାବେ ନିର୍ବାଚିତ ହୋଇ ଲୋକଙ୍କ ସେବାରେ ନିଜକୁ ନିୟୋଜିତ ରଖିଥିଲେ । ନାୟକ ପରିବାର ପକ୍ଷରୁ ପଞ୍ଚାୟତର ଉନ୍ନତି ପାଇଁ ନିଜସ୍ୱ ଜମି ଦାନ ସହିତ ଆର୍ଥିକ ସହାୟତା ଯୋଗାଇ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟଜଳ ଯୋଗାଣ କ୍ଷେତ୍ରରେ ଲୋକଙ୍କ ସମସ୍ୟାର ସମାଧାନ ପାଇଁ ସଦା ଚେଷ୍ଟିତ । ଯାହା ବର୍ତ୍ତମାନ ଫଳପ୍ରଦ ହୋଇଛି ଏବଂ ଜାତୀୟସ୍ତରରେ ପଞ୍ଚାୟତ ପୁରସ୍କୃତ ହୋଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

# ଅପହୃତା ନାବାଳିକା ଉଦ୍ଧାର

ବ୍ରହ୍ମପୁର,୧୪ ।୧୨(ସମିସ): ଅପହୃତା ନାବାଳିକାକୁ ଉଦ୍ଧାର କରିଛି ବୈଦ୍ୟନାଥପୁର ଥାନା ପୁଲିସ । ଏଏସପି ସୀମା ସ୍ୱାଇଁ, ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ଓ ଏକ ସ୍ୱତନ୍ତ୍ର ଟିମ ବିଭିନ୍ନ ସ୍ଥାନରେ ଚଢାଉ କରି ଅପହୃତା ନାବାଳିକାଙ୍କୁ ଉଦ୍ଧାର କରିଥିବା ଜଣାପଡିଛି । ସୂଚନାଯୋଗ୍ୟ ଯେ, ବେଗୁନିଆପଡ଼ା ଥାନା ଅଞ୍ଚଳର ଜଣେ ୧୭ବର୍ଷୀୟ ନାବାଳିକା ବ୍ରହ୍ମପୁରରେ ରହି ଯୁକ୍ତଦୁଇ ଶ୍ରେଣୀରେ ପାଠପଢୁଥିଲେ । ସେ ଡୁରା କଲେଜର ଛାତ୍ରୀ ହୋଇଥିବା ବେଳେ ବୈଦ୍ୟନାଥପୁର ଥାନା ଅଞ୍ଚଳରେ ରହୁଥିଲେ । ଗତମାସ ୧୯ତାରିଖରେ ଅପରାହ୍ନରେ ନାବାଳିକା ଜଣକ ଟିୟୁସନ ଯାଇ ଆଉ ଘରକୁ ଫେରିନଥିଲେ । ବହୁ ଖୋଜାଖୋଜି ପରେ ନାବାଳିକାଙ୍କ ପତ୍ତା ମିଳନଥିଲା । ଶେଷରେ ତାଙ୍କର ଜଣେ ସହପାଠୀ ଅପହରଣ କରି ନେଇଯାଇଥିବା ନେଇ ପରିବାର ଲୋକେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ସେହିକ୍ରମରେ ପୁଲିସ ସଂପୃକ୍ତ ସହପାଠୀ ଓ ନାବାଳିକାଙ୍କ ମୋବାଇଲକୁ ଟ୍ରାକିଂ କରିଥିଲା । ୨୪ଦିନ ପରେ ଅପହୃତା ନାବାଳିକାକୁ ପୁଲିସ ଉଦ୍ଧାର କରିବାରେ ସକ୍ଷମ ହୋଇଥିବା ଜଣାପଡିଛି । ଏଏସପି ସୀମା ସ୍ୱାଇଁ ଉକ୍ତ ଘଟଣାକୁ ଗୁରୁତର ସହ ନେଇ ସ୍ୱତନ୍ତ୍ର ଟିମକୁ ନେଇ ନିଜେ ବିଭିନ୍ନ ସ୍ଥାନରେ ଚଢଉ କରି ଶେଷରେ ଷ୍ଟେସନରୁ ଉଦ୍ଧାର କରିଥିବା ଜଣାପଡ଼ିଛି ।

■ ବିଇଏମ୍‌ସିର ବିଜେଡି କର୍ପୋରେଟରଙ୍କ ମଧ୍ୟରେ ମତାନ୍ତର ପ୍ରସଙ୍ଗ

# ୧୬ରେ ରାଜଧାନୀ ଯିବେ ଉଭୟ ଗୋଷ୍ଠୀର ସଦସ୍ୟ!

ବ୍ରହ୍ମପୁର,୧୪ ।୧୨(ସମିସ): ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟରଙ୍କ କଳିର ସମାଧାନ କରିବାକୁ ଆସନ୍ତା ୧୬ତାରିଖରେ ଭୁବନେଶ୍ୱରରେ ପୁଣିଥରେ ହେବ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା । ଏଥିପାଇଁ ଜିଲ୍ଲା ସଭାପତି ଡାକ୍ତର ରମେଶଚନ୍ଦ୍ର ଚ୍ୟାଉପଟ୍ଟନାୟକ,

**ବରିଷ୍ଠ ପର୍ଯ୍ୟବେକ୍ଷକଙ୍କ ଉପସ୍ଥିତିରେ ନବୀନ ନିବାସରେ ହୋଇଛି ପ୍ରଥମ ପର୍ଯ୍ୟାୟ ଆଲୋଚନା**

**ସମସ୍ୟା ସମ୍ପର୍କରେ ଉଭୟ ପକ୍ଷଙ୍କୁ ଲିଖିତ ମତ ରଖିବାକୁ ପରାମର୍ଶ ଦେଇଥିଲେ ରାଜ୍ୟ ନେତୃବୃନ୍ଦ**

ପୂର୍ବତନ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡୀଙ୍କ ସମେତ ଉଭୟ ଗୋଷ୍ଠୀର ଅଧିକାଂଶ କର୍ପୋରେଟର ଗସ୍ତ କରିବେ ବୋଲି ସୂଚନା ମିଳିଛି । ରାମଲିଙ୍ଗେଶ୍ୱର ଜଳ ଉଦ୍ୟାନ ପ୍ରକଳ୍ପର ବାବଦ ବକେୟା ପ୍ରାପ୍ୟ ଟ୍ରଷ୍ଟିଙ୍କୁ ତରବରିଆ ଭାବେ ପ୍ରଦାନ ସମେତ ଅନ୍ୟ କିଛି ପ୍ରସଙ୍ଗକୁ ନେଇ ବ୍ରହ୍ମପୁର ମହାନଗର ନିଗମର କର୍ପୋରେଟରଙ୍କ ମଧ୍ୟରେ ଗତ କିଛିଦିନ ଧରି ଲାଗି ରହିଛି ମତାନ୍ତର । ଯାହାକୁ ଗୋଷ୍ଠି ବିବାଦ



ବୋଲି ରାଜନୈତିକ ରୂପ ଦିଆଯାଉଛି । ୪୨ୱାର୍ଡ ବିଶିଷ୍ଟ ବ୍ରହ୍ମପୁର ମହାନଗର ନିଗମରେ ୩୬ଜଣ କର୍ପୋରେଟରଙ୍କୁ ନେଇ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଛି ବିଜେଡି । ବିଜେପିର ୩ଜଣ, କଂଗ୍ରେସର ଜଣେ ଓ ୨ଜଣ ସ୍ୱାଧିନ କର୍ପୋରେଟର ଅଛନ୍ତି । ଦଳୀୟ କର୍ପୋରେଟରଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଏଭଳି ବିବାଦକୁ ନେଇ ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ରାଜ୍ୟ ନେତୃବୃନ୍ଦଙ୍କୁ ଅବଗତ କରିଥିଲେ । ପରବର୍ତ୍ତି ସମୟରେ ଏକ ସାମାଜିକ କାର୍ଯ୍ୟରେ ଯୋଗ ଦେବାକୁ ବ୍ରହ୍ମପୁର ଗସ୍ତରେ ଆସିଥିବା ବେଳେ ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ଉପ ସଭାପତି ଦେବୀ ପ୍ରସାଦ ମିଶ୍ରଙ୍କୁ ଉଭୟ ଗୋଷ୍ଠୀର କର୍ପୋରେଟରମାନେ ସାକ୍ଷାତ ଆଲୋଚନା କରି ନିଜ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ । ପରେ ଗତ ୧୩ତାରିଖରେ ଭୁବନେଶ୍ୱରରୁ ଡାକରା ପାଇ ଦଳୀୟ ନେତୃବୃନ୍ଦ ନବୀନ ନିବାସରେ ଗଞ୍ଜାମ ଜିଲ୍ଲା ପ୍ରଭାରୀ ତଥା ବରିଷ୍ଠ ନେତା ପ୍ରଦୀପ ଅମାତ ଓ ଦେବୀ ମିଶ୍ରଙ୍କ ସହ ଆଲୋଚନା କରିଥିଲେ । ସେମାନଙ୍କ ପରାମର୍ଶ କ୍ରମେ ଉଭୟ ଗୋଷ୍ଠୀର ସଦସ୍ୟଙ୍କୁ ସେମାନଙ୍କ ସମସ୍ୟା ଲିଖିତ ଭାବେ ଜଣାଇବାକୁ କୁହାଯାଇଥିଲା । ପରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଆସନ୍ତା ୧୬ତାରିଖ ସୋମବାର ଦିନ କରାଯିବାକୁ ନିଷ୍ପତ୍ତି ହୋଇଥଇବା ସୂଚନା ମିଳିଛି ।

# ମାଟ୍ରିକ୍ ଛାତ୍ରଛାତ୍ରୀଙ୍କୁ ଏଯାଏଁ ମିଳିନି ପୋଷାକ

ବ୍ରହ୍ମପୁର,୧୪ ।୧୨(ସମିସ): ରାଜ୍ୟରେ ବିଜେପି ସରକାର ଆସିବା ପରେ ଅନେକ କିଛି ପରିବର୍ତ୍ତନ ହୋଇଛି । ଭିତ୍ତିଭୂମି ଥାଉ କି ନଥାଉ, ରଙ୍ଗ ବଦଳିବା ଜରୁରୀ ଭଳି ମନେ ହେଉଛି । ପୂର୍ବ ସରକାରଙ୍କ ସମସ୍ତ ଯୋଜନାର ନାମ ପରବର୍ତ୍ତନ କରୁଥିବା ରାଜ୍ୟ ସରକାର ୟୁନିଫର୍ମ ଯୋଗାଣ କରାଯାଉଥିବା ବେଳେ ବହୁ ସ୍କୁଲର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ୟୁନିଫର୍ମ ପ୍ରଦାନ କରାଯାଇ ନାହିଁ । ବ୍ରହ୍ମପୁର ସହରର ସରକାରୀ ପୌର ପୁରୁଣା ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟ, ଗାନ୍ଧୀନଗର ସ୍ଥିତ ସରକାରୀ ପୌର ବାରାକ୍ସ ଉଚ୍ଚ ବିଦ୍ୟାଳୟ,

**■ ୟୁନିଫର୍ମ ଯୋଗାଣ ନେଇ ଗଡୁଛି ଦିନ; ଡିଇଓଙ୍କ ନିର୍ଦ୍ଦେଶନାମା ପାଣିରଗାର**

**■ ଜୋତା, ମୋଜା ଓ ହାଉସ୍ ୟୁନିଫର୍ମ ବି ଏଯାଏ ମିଳିନି**

**■ ୟୁନିଫର୍ମରୁ ବାଦପଡ଼ିଲା 'ଆମେ ଗଢିବୁ-ନୂଆ ଓଡ଼ିଶା'**



ଏବେ ସ୍କୁଲ ପୋଷାକର ରଙ୍ଗ ବି ବଦଳାଇ ସାରିଛନ୍ତି । ଯାହାର ସିଧାସଳଖ ପ୍ରଭାବ ପଡିଛି ଛାତ୍ରାଛାତ୍ରୀଙ୍କ ଉପରେ । ସରକାରଙ୍କ ଏଭଳି ତରବରିଆ ନିଷ୍ପତି ଫଳରେ ମାସ ମାସ ଧରି ଛାତ୍ରଛାତ୍ରୀମାନେ ସ୍କୁଲ ୟୁନିଫର୍ମ ପାଇବାରୁ ବଞ୍ଚିତ ହୋଇଛନ୍ତି । ଆସନ୍ତା ଫେବୃଆରୀ ୨୨ତାରିଖରେ ୧୦ମ ବୋଡର୍ ପରୀକ୍ଷା ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇସାରିଥିବା ବେଳେ ଏଥିପାଇଁ ରହିଛି ମାତ୍ର ୨ମାସ ସମୟ । ତେବେ ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରର ବହୁ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଏଯାଏଁ ସମ୍ପୂର୍ଣ୍ଣ ଭାବେ ୟୁନିଫର୍ମ ଯୋଗାଣ ହୋଇନାହିଁ । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ପକ୍ଷରୁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ-୨, ରଙ୍ଗୁଣୀବନ୍ଧ ସାହି ସ୍ଥିତ ସୀମାଦ୍ରୀ ପଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ, ରାମାଧୀନ ମାଧ୍ୟମିକ ସଂସ୍କୃତ ମହାବିଦ୍ୟାଳୟର ପ୍ରଥମା ଓ ମାଧ୍ୟମା ଶାଖା ଭଳି ସହରର ବହୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୋଷାକ ବଣ୍ଟା ଯାଇଥିବା ବେଳେ ମୋଜା, ଜୋତା ଓ ହାଉସ୍ ୟୁନିଫର୍ମ ଏପର୍ଯ୍ୟନ୍ତ ପ୍ରଦାନ କରାଯାଇ ନାହିଁ । ଏହା ସହ ୟୁନିଫର୍ମରେ ପୂର୍ବରୁ ରହୁଥିବା 'ଆମେ ଗଢିବୁ-ନୂଆ ଓଡ଼ିଶା' ଲୋଗୋ ହଟାଇ ଦିଆଯାଇଥିବା ଦେଖିବାକୁ ମିଳିଛି । ତେବେ କାହିଁକି ଏବଂ କାହା ନିର୍ଦ୍ଦେଶରେ ୟୁନିଫର୍ମରୁ ଏହି ଲୋଗୋ ବାଦ ଦିଆଯାଇଛି ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି । ଅନ୍ୟପକ୍ଷରେ ପ୍ରତିବର୍ଷ ଅଗଷ୍ଟ ୧୫ତାରିଖ ସୁଦ୍ଧା ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ମିଳୁଥିବା ବେଳେ ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି । ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଅଭିଭାବକ ମହଲରେ ତିବ୍ର ଅସନ୍ତୋଷ ଦେଖାଦେଇଛି । ଚଳିତ ଶିକ୍ଷାବର୍ଷରେ ଜିଲ୍ଲାରେ ନବମ ଓ ଦଶମ ଶ୍ରେଣୀରେ ୮୩ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ସମସ୍ତ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଇବା ବାବଦକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୮କୋଟି ୩୪ଲକ୍ଷ ଟଙ୍କା ଜିଲ୍ଲା ଶିକ୍ଷା ବିଭାଗକୁ ପ୍ରଦାନ କରାଯାଇଛି । ଚଳିତ ବର୍ଷ ନଭେମ୍ବର ଶେଷ ସୁଦ୍ଧା ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ପ୍ରଦାନ ନିମନ୍ତେ ଜିଲ୍ଲା ଶିକ୍ଷାଧିକାରୀ ସମସ୍ତ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଡ଼ିସେମ୍ବର ମାସର ଅଧା ସମୟ ବିତିଯାଇଥିଲେ ହେଁ ନବମ ଓ ଦଶମ ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ୟୁନିଫର୍ମ ଯୋଗାଣ କରିବାରେ ଜିଲ୍ଲା ଶିକ୍ଷାବିଭାଗ ବିଫଳ ହୋଇଛି । ଏନେଇ ଜିଲ୍ଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତ ଯେ, ଜିଲ୍ଲାର କିଛି ସ୍କୁଲକୁ ବାଦ ଦେଲେ ଅବଶିଷ୍ଟ ପ୍ରାୟ ଅଧିକାଂଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ଦ୍ୱାରା ୟୁନିଫର୍ମ ପ୍ରଦାନ କରାଯାଇଛି । ଛାତ୍ରଛାତ୍ରୀଙ୍କୁ ମୋଜା, ଜୋତା ଓ ହାଉସ୍ ୟୁନିଫର୍ମ ନମିଳିବା ଘଟଣାକୁ ନେଇ ବ୍ଲକ ଶିକ୍ଷାଧୀକାରୀଙ୍କ ଠାରୁ ଜବାବ ତଲବ କରିବା ସହ ତୁରନ୍ତ ସେସବୁ ଯୋଗାଇବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି ।

# ରାଷ୍ଟ୍ରୀୟ ଲୋକ ଅଦାଲତ; ୨୫୧୫ ମାମଲାର ସମାଧାନ

ବ୍ରହ୍ମପୁର,୧୪ ।୧୨(ସମିସ): ଜାତୀୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ ପ୍ରକାରେ ଓ ରାଜ୍ୟ ଆଇନସେବା ପ୍ରାଧିକରଣ ସହଯୋଗରେ ବ୍ରହ୍ମପୁରସ୍ଥିତ ଜିଲ୍ଲା ଅଦାଲତ ପରିସରରେ ଶନିବାର ୪ର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ୫ଟି ବେଞ୍ଚରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ମୋଟ ୨୫୨୫ଟି ମାମଲାର ସମାଧାନ କରାଯାଇ ବୀମା କମ୍ପାନୀ ଓ ସଂସ୍ଥାକୁ ୮କୋଟି ୩୫ଲକ୍ଷ ଅର୍ଥରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ୬୩ଟି ମୋଟରଯାନ ଦୁର୍ଘଟଣା ଜନିତ ମାମଲାର ସମାଧାନ କରାଯାଇ କ୍ଷତିପୂରଣ ବବାଦକୁ



୪କୋଟି ୮୮ଲକ୍ଷ ୫୫ହଜାର ୩୭୬ଟଙ୍କା ପ୍ରଦାନ ପାଇଁ ବିଭିନ୍ନ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିଭଳି ୩୩ଟି ଚେକ ବାଉନ୍ସ ମାମଲାର ବିଚାରଣା କରାଯାଇ ୧କୋଟି ୩୦ଲକ୍ଷ ୩୩ହଜାର ୫୭୩ଟଙ୍କା ପୁନଃରୁଦ୍ଧାର କରାଯାଇଥିଲା । ୧୫୯ଟି ବ୍ୟାଙ୍କ ବିବାଦ ମାମଲାର ସମାଧାନ କରାଯାଇ ୧କୋଟି ୭୯ଲକ୍ଷ ୨୫ହଜାର ୧୮୧ଟଙ୍କା ଆଦାୟ କରାଯାଇଥିଲା । ସେହିପରି ଅନ୍ୟାନ୍ୟ ୬୮ଟି ଦେୱାନୀ ମାମଲାର ସମାଧାନ କରି ୩୫ଲକ୍ଷ ୨୦ହଜାର ୨୯୨ଟଙ୍କା ଆଦାୟ କରାଯାଇଥିଲା । ଏହି ଲୋକ ଅଦାଲତରେ ୫୫୨ଟି ଅନ୍ୟାନ୍ୟ ଫୌଜଦାରୀ ମାମଲାର ଆପୋଷ ବୁଝାବଣା କରାଯାଇଥିଲା । ୧୫୬୪ଟି ରାଜସ୍ୱ ମାମଲାର ସାମାଧାନ କରାଯାଇ ୧ଲକ୍ଷ ୬୮ହଜାର ୪୫୩ଟଙ୍କା ଆଦାୟ ହୋଇଥିଲା । ୩୫ଟି କ୍ରିମିନାଲ କମ୍ପାଉଣ୍ଡେବଲ ମାମଲାର ସମାଧାନ କରାଯାଇଥିଲା । ୪୧ଟି ବିବାହ ବିବାଦ ସମ୍ପର୍କିତ ମାମଲାର ଆପୋଷ ବୁଝାବଣା କରାଯାଇଥିବା ବେଳେ ଏହି ଦମ୍ପତିମାନେ ପୁଣି ଥରେ ନିଜର ବୈବାହିକ ଜୀବନ ସୁଚାରରୂପେ ନିର୍ବାହ ପାଇଁ ରାଜି ହୋଇଥିଲେ । ଲୋକ ଅଦାଲତରେ ଜିଲ୍ଲା ଜଜ୍ ରୂପଶ୍ରୀ ଚୌଧୁରୀ, ଦ୍ୱିତୀୟ ଏମଏସିଟି ରାମଶଙ୍କର ହୋତା, ଅତିରିକ୍ତ ଜିଲ୍ଲା ଦୌରା ଜଜ୍-(ପ୍ରଥମ) ଡ. ଇନ୍ଦୁ ଶର୍ମା, ଏଡିଜେ-(ଦ୍ୱିତୀୟ) ଆୟୁଷ୍ମାନ ମହନ୍ତ, ଏଡିଜେ-(ତୃତୀୟ) ବିବଶତ୍ୱ ଗୌତମ, ଏମଏସିଟି ମାମଲାର ନୋଡାଲ ଅଫିସର ଭାବେ ସିଭିଲ ରେଜିଷ୍ଟ୍ରାର ପଦ୍ମଲୋଚନ ବଡ଼ଜେନାଙ୍କ ସମେତ ବିଭିନ୍ନ ଅଦାଲତର ବିଚାରପତି ଓ ଆଇନଜୀବୀମାନେ ଉପସ୍ଥିତ ଥିଲେ । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଦେବଶ୍ରୀ ସାହୁ ଏହି ଲୋକ ଅଦାଲତ ପରିଚାଳନା କରିଥିଲେ ।

● ବାପା ଓ ସାନଭାଇଙ୍କୁ ହତ୍ୟା ଉଦ୍ୟମ

## ବଡ଼ ପୁଅକୁ ବାନ୍ଧିଲା ପୁଲିସ

**ଦିଗପହଣ୍ଡି,୧୪ ।୧୨(ସମିସ):** ଦିଗପହଣ୍ଡି ବ୍ଲକ ବଡ଼ଡୁମୁଳା ଗ୍ରାମର ବୃନ୍ଦାବନ ଗୌଡ ଏବଂ ତାଙ୍କ ସାନପୁଅ ଶଙ୍କର ଗୌଡ଼ଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ୫ ମାସ ହେଲା ଫେରାର ଥିବା ବୃନ୍ଦାବନଙ୍କ ବଡ଼ପୁଅ ରାଜେନ୍ଦ୍ର ଗୌଡ଼ଙ୍କୁ ଶନିବାର ଦିଗପହଣ୍ଡି ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ଗତ ଜୁଲାଇ ୧୧ ତାରିଖ ସନ୍ଧ୍ୟା ପ୍ରାୟ ୭ ଟାରେ ଋଣ ଟଙ୍କା ପରିଶୋଧକୁ କେନ୍ଦ୍ରକରି ଅଭିଯୁକ୍ତ ରାଜେନ୍ଦ୍ର ବାପା ଏବଂ ସାନଭାଇଙ୍କୁ ହତ୍ୟା ଉଦ୍ୟମ କରିଥିଲେ ।

ଏନେଇ ବାପା ବୃନ୍ଦାବନ ଥାନାରେ ଏତଲା ଦେବାପରେ ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ । ଘଟଣା ପରଠାରୁ ଗିରଫ ଭୟରେ ଅଭିଯୁକ୍ତ ଫେରାର ଥିଲେ । ସେ ଗାଁ କୁ ଫେରିଥିବା ଖବର ପାଇ ତଦନ୍ତକାରୀ ଅଧିକାରୀ ଏଏସଆଇ ଝୁନୁ ମାଝୀ ଅଭିଯୁକ୍ତଙ୍କୁ ଶୁକ୍ରବାର ରାତିରେ ଗିରଫ କରି ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଗଜ ବାଡ଼ିକୁ ଜବତ କରିଥିଲେ । ବୃନ୍ଦାବନ ତାଙ୍କ ଝିଅ ବାହାଘରରେ ପ୍ରାୟ ୮ ଲକ୍ଷ ଟଙ୍କା ଋଣ ଆଣିଥିଲେ । ଉଭୟ ପୁଅ ଋଣ ଟଙ୍କା ପରିଶୋଧ ପାଇଁ ସେତେବେଳେ ବାପାଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ଘଟଣା ଦିନ ଗାଁରେ ବୃନ୍ଦବାନଙ୍କ ଅନ୍ୟଏକ ଘରେ ରହୁଥିବା ବଡ଼ପୁଅ ରାଜେନ୍ଦ୍ରଙ୍କ ଘରକୁ ଯାଇ ଋଣ ପରିଶୋଧ ପାଇଁ ଟଙ୍କା ମାଗିଥିଲେ । ସେ ମନା କରିବାରୁ ବୃନ୍ଦାବନ ତାଙ୍କୁ ତୁରନ୍ତ ଘର ଖାଲି କଲେ ଉକ୍ତ ଘରକୁ ବିକ୍ରି କରି ଋଣ ପରିଶୋଧ କରିବାକୁ କହିଥିଲେ । ଏଥିରେ ଉତ୍ତେଜିତ ହୋଇ ରାଜେନ୍ଦ୍ର ଘରେ ଥିବା ଗଜ ବାଡ଼ିରେ ଉଭୟଙ୍କୁ ନିସ୍ତୁକ ମାଡ ମାରିଥିଲେ ବୋଲି ତଦନ୍ତକାରୀ ପୁଲିସ ଅଧିକାରୀ କହିଛନ୍ତି ।

● ବିଷାକ୍ତ ଦେଶୀମଦ ପ୍ରସ୍ତୁତ ଘଟଣା

## ଫେରାର ମାଆ, ପୁଅ ଗିରଫ

**ଦିଗପହଣ୍ଡି,୧୪ ।୧୨(ସମିସ):** ଦିଗପହଣ୍ଡି ଥାନା ବନ୍ଥପଲ୍ଲି ନିକଟ ବେଲପଡ଼ା ଗ୍ରାମରେ ବିଷାକ୍ତ ଦେଶୀମଦ ପ୍ରସ୍ତୁତ କରୁଥିବା ଘଟଣାରେ ଫେରାର ଥିବା ଗ୍ରାମର ମନାସ ମଲ୍ଲିକ ଏବଂ ତାଙ୍କ ପୁଅ କ୍ରିଷ୍ଣା ମଲ୍ଲିକଙ୍କୁ ତଦନ୍ତକାରୀ ଅଧିକାରୀ ତଥା ଥାନା ଆଇଆଇସି ପ୍ରଶାନ୍ତ କୁମାର ପାତ୍ର ଗିରଫ କରି ବ୍ରହ୍ମପୁର ସଦର କୋର୍ଟକୁ ଚାଲାଣ କରିଛନ୍ତି ।

ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ଜେନାପୁର ଗାଁ ରେ ବିଷାକ୍ତ ମଦ ମୃତ୍ୟୁ ଘଟଣା ପରେ ଗତ ଅଗଷ୍ଟ ୨୨ ତାରିଖ ଅପରାହ୍ନ ପ୍ରାୟ ୩ ଟାରେ ଥାନା ଏସ.ଆଇ ଜ୍ୟୋତି ରଞ୍ଜନ ବେହେରା ସଦଳବଳେ ବନ୍ଥପଲ୍ଲି, ଅନନ୍ତେଇ, ଜିନିଗୁଡ଼ା,କୁମ୍ଭଝରି, ବନ୍ଧାଗୁଡ଼ା ପ୍ରଭୃତି ଇଲାକାରେ ଚୋରା ମଦ ଜବତ ପାଇଁ ଧରପଗଡ କରୁଥିବା ବେଳେ ବେଲପଡ଼ା ଗ୍ରାମର ମନାସ ତାଙ୍କ ଘର ବାରି ପଟେ ଚୋରା ରେ ଦେଶୀମଦ ପ୍ରସ୍ତୁତ କରୁଥିବା ଖବର ପାଇ ଚଢାଉ କରିଥିଲେ । ପୁଲିସ ଟିମ୍ କୁ ଦେଖି ମନାସ ଏବଂ ତାଙ୍କ ପୁଅ ଘର ପଛ ପଟେ ଥିବା ଘଞ୍ଚ ଜଙ୍ଗଲ ଭିତରକୁ ଦୌଡ଼ି ପଳାଇଥିଲେ । ପୁଲିସ ମନାସଙ୍କ ଘରୁ ପ୍ରାୟ ୨ ଶହ ଲିଟର ମଦ ପୋଚ,ରନ୍ଧା ଦେଶୀମଦ, ମଦ କୁ ଅଧିକ ନିଶାଯୁକ୍ତ କରିବା ପାଇଁ ବ୍ୟବହୃତ ଜଙ୍ଗଲି ଚେରମୂଳି ଏବଂ ବିଭିନ୍ନ ମଦ ପ୍ରସ୍ତୁତି ସରଞ୍ଜାମ ଜବତ କରି ଥାନାରେ ଏତଲା ଦେଇଥିଲେ ବୋଲି ତଦନ୍ତକାରୀ ଅଧିକାରୀ କହିଛନ୍ତି ।ପୂର୍ବରୁ ଏହି ମାମଲାରେ ପୁଲିସ ଅଭିଯୁକ୍ତ ସିମାଞ୍ଚଳ ମଲ୍ଲିକ ଏବଂ ପଦ୍ମଚରଣ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

### ରାଜନେତା ଓ ପଦାଧିକାରୀଙ୍କ ମଧୁଚନ୍ଦ୍ରିକା

## ପୂର୍ତ୍ତ ବିଭାଗ ରାସ୍ତା ସ୍ଥିତି ବେହାଲ

**ଧରାକୋଟ,୧୪ ।୧୨(ସମିସ):** ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧିନରେ ଥିବା ଝଗଡେଇ ଠାରୁ ନୂଆଗାଁ ସୋରଡ଼ା ରାସ୍ତାର ଦୂରବସ୍ଥା କହିଲେ ନସରେ । ଏହି ରାସ୍ତା ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ସହିତ ଠିକା ସଂସ୍ଥାର ଚୁକ୍ତିନାମା ଅବଧି ଦୀର୍ଘ ଦିନରୁ ସରିଯାଇଥିଲେ ମଧ୍ୟ ରାସ୍ତା ନିର୍ମାଣ ସମ୍ପୂର୍ଣ ହୋଇପାରୁନାହିଁ । ବିଶେଷ କରି ଧରାକୋଟ ବ୍ଲକ ଅଧିନରେ ଥିବା ପାଞ୍ଚ ଖଣ୍ଡ ପଞ୍ଚାୟତ ଜାହାଡା, ଜଗମୋହନ, ଝରପାରି, ଝାଡବନ୍ଧ ଓ ସିଙ୍ଗିପୁରର ଜଗମୋହନ, ପୁଟୁ, ନନ୍ଦିଗୋର, ମୁକ୍ତାପୁଞ୍ଜି, ଜାହାଡା, ଥୁରୁଥୁରା, ସୀଙ୍ଗିପୁର ପର୍ଯ୍ୟନ୍ତ ଦଶ କିମିରୁ ଅଧିକ ରାସ୍ତା ସ୍ଥିତି ଶୋଚନୀୟ ସ୍ଥିତିରେ ରହିଛି । କେଉଁଠି ପିଚୁ ଉଠି ଯାଇଛି ରହିଛି ତ କେଉଁଠି ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଲାଣି । ଏହି ରାସ୍ତାରେ ବ୍ରହ୍ମପୁର ଠାରୁ ସୋରଡ଼ା, ସୋରଡ଼ା ଠାରୁ ଆସିକା ଦେଇ ଭୁବନେଶ୍ୱର ଓ ରାଜ୍ୟ ସରକାରଙ୍କ ପରିବହନ ବିଭାଗର ମୁଖ୍ୟମନ୍ତ୍ରୀ ବସ ଯାତାୟାତ କରୁଛି । ସେହିପରି ନିତିଦିନିଆ କାରବାର ସହ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ପ୍ରତିଦିନ ହଜାର ହଜାର ଲୋକେ ଯିବା ଆସିବା କରୁଥିବା ବେଳେ ଛାତ୍ରଛାତ୍ରୀ ମାନେ ପାଠ ପଢିବା ପାଇଁ ବିଭିନ୍ନ ବିଦ୍ୟାଳୟ ଓ କଲେଜକୁ ଏହି ରାସ୍ତା ଦେଇ ଯାତାୟାତ କରୁଛନ୍ତି । ନିମ୍ନ ମାନର ନିର୍ମାଣ କାର୍ଯ୍ୟ ଯୋଗୁଁ ଅଧିକାଂଶ ସ୍ଥାନରେ ମେଟାଲ ସବୁ ଉଠିଯାଇ ଦୁର୍ଘଟଣା ଘଟୁଛି ।



ବିଶେଷ କରି ଜାହାଡା ଗାଁ ଭିତରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଖାଲ ଖମା ହୋଇ ପାଣିଜମି ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେବା ଫଳରେ ଏହି ରାସ୍ତାରେ ଯିବା ଆସିବା କରିବାରେ ବାଧା ଉପୁଜୁଛି । ସେହିପରି ସ୍ୱପ୍ନେଶ୍ୱର ମନ୍ଦିର ପାଶ୍ୱର୍ରେ ଥିବା ପୋଖରୀ ରାସ୍ତା ଅଧା ଧସି ଗଲାଣି । ଏଣୁ ଭାରି ଯାନ ଓ ବସ ଚଳାଚଳ ବେଳେ ଗାର୍ଡ ୱାଲ ନଥିବାରୁ ପୋଖରୀ ଭିତରକୁ ଗାଡି ଖସିଯିବାର ସମ୍ଭାବନା ରହିଛି । ଆଶ୍ଚର୍ଯ୍ୟର କଥା ଭଞ୍ଜନଗର ପୂର୍ତ୍ତ ବିଭାଗ ଅଧିନରେ ଥିବା ଏହି ରାସ୍ତା ନିର୍ମାଣ ଅତ୍ୟନ୍ତ ବେଫିକର ଭାବରେ ଚାଲିଥିବା ବେଳେ ସବୁ ଜାଣି ମଧ୍ୟ ବିଭାଗୀୟ ଅଧିକାରୀ ଓ ରାଜନେତାଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ସମସ୍ତେ ଏକ ରକମ ଚୁପ ହୋଇ ବସିଛନ୍ତି । ଯାହାର ପ୍ରତିଫଳ ହଜାର ହଜାର ସାଧାରଣ ଜନତା ଭୋଗୁଛନ୍ତି । ହେଲେ ଏଥିପ୍ରତି କାହାରି ନିଘା ନାହିଁ । ଏଣୁ ଆଗାମୀ ଦିନରେ ଏହା ଏକ ଜନ ଆନ୍ଦୋଳନକୁ ପ୍ରୋତ୍ସାହିତ କରୁଛି ।

## କିଡ୍‌ନୀ ରୋଗଙ୍କୁ ସହାୟତା



**ଆସିକା,୧୪ ।୧୨(ସମିସ):** ବାଲିପଦର ଅଞ୍ଚଳର ମନ୍ଦାର ଗାଁର ନୀଳମାଧବ ପଣ୍ଡାଙ୍କ ସ୍ତ୍ରୀ ମାହେଶ୍ୱରୀ ପଣ୍ଡା ଗତ ପାଞ୍ଚ ମାସ ହେଲା କିଡ଼ନୀ ରୋଗରେ ଆକ୍ରାନ୍ତ ହୋଇ ଛଟପଟ ହେଉଛନ୍ତି । ନୀଳ ମାଧବ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ସ୍ତ୍ରୀଙ୍କ ଚିକିତ୍ସାରେ ଅର୍ଥ ବାଧକ ସାଜୁଛି ।

ଏଭଳି ଏକ ଦୁର୍ଦ୍ଦିନରେ ଆସିକା ମାନବ ସେବା ସମିତି ପକ୍ଷରୁ ପୀଡ଼ିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅନୁଷ୍ଠାନର ଅଧ୍ୟକ୍ଷ ତଥା ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରଥଙ୍କ ନେତୃତ୍ୱରେ ସମିତିର ସଦସ୍ୟ ମାନେ ଉପସ୍ଥିତ ରହି ପୀଡ଼ିତାଙ୍କୁ ୧୦ ହଜାର ୫ ସହ ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଅବସରରେ ସମିତିର ସଦସ୍ୟ ଦିଲୀପ କୁମାର ପାଣିଗ୍ରାହୀ, କାମେଶ୍ୱର ଅଚାରୀ, ପଞ୍ଚାନନ ଭଞ୍ଜ, ବିଦେଶୀ ନାହାକ, ସୁରି ବିଷୋୟୀ, ରାମ ଶରଣ ମହାପାତ୍ର, କୋଟେଶ୍ୱର ପଣ୍ଡାଙ୍କ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ ।

## ଓଡ଼ିଆ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



**ଟିକାବାଲି,୧୪।୧୨(ସମିସ):** କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସିଏସ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ସ୍ନାତକୋତ୍ତର ଛାତ୍ରଛାତ୍ରୀ ନବାଗତ ଅଧ୍ୟାପକ ରାଜେନ୍ଦ୍ର କୁମାର ନାୟକ, ରିଲୁ ପ୍ରଧାନ ଓ ପ୍ରଥମବର୍ଷର ଛାତ୍ରଛାତ୍ରୀଙ୍କୁ ପରମ୍ପରା ଅନୁଯାୟୀ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତି ଅଧ୍ୟକ୍ଷତା କରିଥିବାବେଳେ, ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ , ବନମାଳି ବେହେରା, ବିରୂପାକ୍ଷ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ । ପିଜି ଦ୍ୱିତୀୟ ବର୍ଷ ଛାତ୍ରୀ ରୁଚିସ୍ମିତା ପ୍ରଧାନ ଓ ଛାତ୍ର ଶ୍ରୀତମ ମିଶ୍ର ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ଅଧ୍ୟାପିକା ନିବେଦିତା ଭୋଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିବା ବେଳେ ଅଧ୍ୟାପିକା ଚମ୍ପା ସୋରେନ ପରିଚାଳନା କରିଥିଲେ । ଛାତ୍ର ଆଶିଷ ନାୟକ, କୁଶ କହଁର ଓ ଛାତ୍ରୀ ସୁଜ୍ଞାନି ପଣ୍ଡା ସହଯୋଗ କରିଥିଲେ । ଛାତ୍ର ଜ୍ଞାନେଶ୍ୱର୍ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ଲୋକ ଅଦାଲତରେ ୮୨୯ ମାମଲାର ଫଇସଲା

**ଭଞ୍ଜନଗର,୧୪ ।୧୨(ସମିସ):** ଭଞ୍ଜନଗର ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଅଦାଲତ ପରିସରରେ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି । ତାଲୁକ୍ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦେବଦତ୍ତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ବରିଷ୍ଠ ଦେୱାନୀ ଜଜ୍ ଦେବାଶିଷ ବିଷୋୟୀ, ଏସଡିଜେଏମ୍ ଅମିତ କୁମାର, ଜେଏମ୍ଏଫସି ଭିଏନା ନାୟକ ୮୨୯ଟି ମାମଲାର ବିଚାରଣ କରି ରାୟ ଶୁଣାଇ ଥିଲେ । ବିଚାର ହୋଇଥିବା ମାମଲା ଗୁଡ଼ିକରେ କ୍ଷତିଗ୍ରସ୍ତ ମାନଙ୍କୁ ୯୧ ଲକ୍ଷ ୬୩ ହଜାର ୨୫୩ ଟଙ୍କା କ୍ଷତିପୂରଣ ପ୍ରଦାନ କରିବା ନେଇ ଶୁଣାଣି ହୋଇଥିଲା । ଲୋକ ଅଦାଲତ ବେଞ୍ଚ୍ ସଦସ୍ୟ ଡ.ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରମେଶ ଚନ୍ଦ୍ର ପଣ୍ଡା, ତାଲୁକ୍ ଆଇନ ସେବା କମିଟି ସଦସ୍ୟା ଅଳକା ମଞ୍ଜରୀ ପଟ୍ଟନାୟକ, ଓକିଲ ସଂଘ ସଭାପତି ଶୈଳେନ୍ଦ୍ର ନାରାୟଣ ସାହୁଙ୍କ ସମେତ ଆଇନଜୀବୀ ବଂଶୀଧର ପ୍ରଧାନ, ସନ୍ତୋଷ ତିଆଡି, ସୁଧୀର ରଞ୍ଜନ ମହାପାତ୍ର, ରଜନୀ କୁମାର ପଟ୍ଟନାୟକ, ଅରୁଣ କୁମାର ପାଢୀ, ଦେବୀ ତ୍ରିପାଠୀ, ସନ୍ତୋଷ କୁମାର ନାୟକ, ରାମକୃଷ୍ଣ ଦାସ, ପ୍ରିୟ ରଞ୍ଜନ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ ଓ ସୁରେଶ୍ୱରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । କୋର୍ଟ କର୍ମଚାରୀ ଆଦିତ୍ୟ ନାରାୟଣ ରଥ, ସୁନିଲ ମୁଦୁଲି, ଇ.ରାମା ରାଓ, ରାକେଶ ପ୍ରସାଦ ନାୟକ ପ୍ରମୁଖ ସହଯୋଗ କରିଥିଲେ ।

## ଦୁଇ ଧାନଗଦା ପୋଡ଼ିଦେଲେ ଦୁର୍ବୃତ୍ତ

**ଆସିକା,୧୪ ।୧୨(ସମିସ):** ଆସିକା ଥାନା ଅନ୍ତର୍ଗତ କାମାଗଡ଼ ମୁକ୍ତେଶ୍ୱର ମନ୍ଦିର ନିକଟରେ ଦୁଇଟି ଧାନଗଦାକୁ ଜାଳି ଦେଲେ ଦୁର୍ବୃତ୍ତ । କୈଳାଶ ଚନ୍ଦ୍ର ମହାନ୍ତି ଓ ପାର୍ଥ ବାଡ଼ତ୍ୟାଙ୍କ ଦୁଇଟି ଧାନ ଗଦା ଥିବା ବେଳେ ଶନିବାର ଅପରାହ୍ନରେ ଦୁଇଟି ଧାନ ଗଦା ନିଆଁ ଲଗାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସମ୍ପୂର୍ଣ୍ଣ ଧାନଗଦା ଦୁଇଟି ପୋଡି ପାଉଁସ ହୋଇ ଯାଇଛି । ତେବେ ଦୁଇଟି ପରିବାରର ବର୍ଷ ଯାକର ଧାନ ଫସଲ କାଟି ଆଣି ଗଦା କରିଥିଲେ କିନ୍ତୁ କେତେକ ଅସାମାଜିକ ବ୍ୟକ୍ତି ନିଆଁ ଲଗାଇ ଦେଇଲେ । ତେବେ କିଏ ଓ କାହିଁକି ଧାନ ଗଦାରେ ନିଆଁ ଲଗାଇଲେ ତାହା ସ୍ପଷ୍ଟ ହୋଇନାହିଁ ।

■ ଚାକିରିଆଶାୟୀଙ୍କ ଅଭିଯୋଗ

## ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି ଏକ ପ୍ରହେଳିକା

**ସୋରଡା,୧୪ ।୧୨(ସମିସ):** ସୋରଡ଼ା ବ୍ଲକର ଜଣେ ଚାକିରି ଆଶାୟୀ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଅଭିଯୋଗ କରିବାକୁ ଯାଇଥିବାବେଳେ ତାହା ବର୍ତ୍ତମାନ ସୁଦ୍ଧା ସମାଧାନ ହୋଇପାରିନି । ୨୦୧୬ରେ ଗ୍ରାମପଞ୍ଚାୟତ ମାନଙ୍କରେ ଯୋଗାଣ ସହାୟକ ପଦବୀ ପାଇଁ ୫.୨.୨୦୧୬ ଦୈନିକ ଖବରକାଗଜରେ ବିଜ୍ଞାପନ ଦିଆଯାଇଥିଲା । ଏଥିପାଇଁ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆଗ୍ରହୀ ପ୍ରାର୍ଥୀ ଆବେଦନ କରିଥିଲେ । ତେବେ ଏହାକୁ ଅହେତୁକ ବିଳମ୍ବ କରି ଜାଲିଆତି ସହ ଲାଞ୍ଚ କାରବାର କରି ୨୦୧୭ ଶେଷ ବେଳକୁ ନିଯୁକ୍ତି ଦିଆଯାଇଛି । ଯାହାକି ସେହି ସମୟରେ ଆଲୋଡନ ସୃଷ୍ଟି କରଥିବା ବେଳେ ଆବେଦନକାରୀ ମାନେ ଅଫିସ ଓ ଅଫିସର ନିକଟକୁ ଦୌଡ଼ି ଦୌଡ଼ି ନୟାନ୍ତ ପରେ କିଛି ନ୍ୟାୟାଳୟର ଆଶ୍ରୟ ନେଇଛନ୍ତି । ଏହି କ୍ରମରେ ଗେଞ୍ଜା ପଞ୍ଚାୟତର ଲିଜାରାଣୀ ମଧ୍ୟ ଆବେଦନ କରିଥିଲେ । ତେବେ ଦୁର୍ନୀତି କରି ଏହି ପଦବୀ ପୂରଣ କରାଯାଇଥିବାରୁ ସେ ଗତ ଜୁଲାଇ ମାସ ୧୫ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣିରେ ଯୋଗଦେଇ ଅଭିଯୋଗ କରିଥିଲେ । ସେତେବେଳେ ସେଠାରେ ଉପସ୍ଥିତ ଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଲିଜାଙ୍କ ସମସ୍ତ ସାର୍ଟିଫିକେଟ ଯାଞ୍ଚ କରିବା ସହ ସମସ୍ୟାର ସମାଧାନ କରିବା ଲାଗି ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଇତିମଧ୍ୟରେ ୫ ମାସ ବିତି ଯାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନି । ତେଣୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ କେବଳ ପ୍ରହେଳିକା ବୋଲି ସେ ଅଭିଯୋଗ କରିଛନ୍ତି ।

## ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ସହ ହିଲ୍‌ଟପ୍ ସ୍ନାତକ ମହାବିଦ୍ୟାଳୟର ଏମ୍‌ଓୟୁ



**ମୋହନା,୧୪।୧୨(ସମିସ):** ମୋହନା ସ୍ଥିତ ହିଲ୍‌ଟପ୍ ସ୍ନାତକ ମହାବିଦ୍ୟାଳୟ ସହ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓଡ଼ିଶା ଶାଖା ମଧ୍ୟରେ ଏକ ବୁଝାମଣାପତ୍ର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଷ୍ଠାନର ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ ଓ ମହାବିଦ୍ୟାଳୟର ଅଧ୍ୟକ୍ଷ ଶୁଭ୍ରକାନ୍ତ ମହାନ୍ତିଙ୍କ ମଧ୍ୟରେ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଥିଲା । ଏହା ଦ୍ୱାରା ଉଭୟ ଅନୁଷ୍ଠାନ ମିଳିତ ଭାବେ ଗାନ୍ଧୀଙ୍କର ନୀତି ଓ ଆଦର୍ଶ ସମ୍ପର୍କରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଗାନ୍ଧୀଙ୍କ ଓ ଆଦର୍ଶକୁ ପାଥେୟ କରି ଆଗକୁ କିଭଳି ସୁସ୍ଥ ସମାଜ ଗଠନ କରିବାରେ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିବ ଏବଂ ଗାନ୍ଧୀ ଦର୍ଶନ ସଂପର୍କରେ ଗାନ୍ଧୀ ପ୍ରତିଷ୍ଠାନର ଆବାହକ ଡ଼.ବିଶ୍ୱଜିତ୍ ମତପ୍ରକାଶ କରିଥିଲେ । ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ହରିହର ସେନଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟାପକ ଜଗନ୍ନାଥ ପଣ୍ଡା, ଡ. ପ୍ରଣବାନନ୍ଦ ପାଟ୍ଟୋସୀ,ଡ. ମନୋରଞ୍ଜନ ପାଣିଗ୍ରାହୀ, ଶିବ ସୁନ୍ଦର ସୁଖବିନ୍ଦର ସିଂ, ସନ୍ତୋଷ ନନ୍ଦ, ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ସାହୁ ଓ ଗୀତାଞ୍ଜଳି ପାଢ଼ୀ ଉପସ୍ଥିତ ଥିଲେ ।

















ପଦ୍ମାଳୟା ସାମଲ

# ପାଳଭୂତ

ସପ୍ତାହେ ହେଲାଣି କାମବାଲିକୁ ଲଗେଇ ଘରଟାସାରା ଝଡ଼ାଝଡ଼ି, ଧୂଆପୋଛା ଦିନରାତି ଚାଲିଛି। କୋଉଠି ଟିକେ ଦାଗ ଲାଗିଲେ ମନୋରମା ଚିଡ଼ି ଉଠୁଛନ୍ତି। ସ୍ୱାମୀ ପଞ୍ଚାନନଙ୍କୁ କଡ଼ା ଚେତାବନୀ ଦିଆଯାଇଛି, ଘର ଯେମିତି ସାମାନ୍ୟ ଟିକେ ବି ଅପରିଷ୍କାର ନହୁଏ ! ପୁଅ, ବୋହୂ, ନାତି ତାଙ୍କର ବିଦେଶରୁ ଆସୁଛନ୍ତି ଚାରିବର୍ଷ ପରେ। ଘର ଭିତରୁ ବାହାରି ଆସିଲେ ମନୋରମା। ତାହାହିଁ ଯଥେଷ୍ଟ ଥିଲା ପଞ୍ଚାନନଙ୍କୁ ଅଟକାଇଦେବା ପାଇଁ ଦରଜା ପାଖରେ। ପ୍ରତିକ୍ରୟାହୀନ ଓ ଉଦାସ ଦିଶିଲା ତାଙ୍କ ମୁହଁ।

-"କୁଆଡ଼େ ପଶିଆସୁଛ ଏମିତି? କେତେ ଥର କହିଚି, ଜୋତା ବାହାରେ ରଖି ଘର ଭିତରକୁ ଆସିବା ପାଇଁ। ମୋ କଥା ତୁମେ ଶୁଣିଚ ନା, ଶୁଣିବ ? ଏଇ ଟିକିଏ ଆଗରୁ ସବୁ ପରିଷ୍କାର କରି ଯାଇଥିଲି। ମାଟି କେଉଁଠୁ ଆସିଲା?" ମନୋରମାଙ୍କ କଟକଣାରେ ପାଟିଖୋଲି ପଞ୍ଚାନନ କିଛି କହିପାରିଲେନି ସିନା, କିନ୍ତୁ ମନେ ମନେ ବିରକ୍ତ ହେଲେ।

ଅବଶ୍ୟ ପଞ୍ଚାନନ ଜାଣନ୍ତି, ଘରକୁ ବୋହୂ ହୋଇ ଆସିବା ଦିନରୁ ମନୋରମା ଏମିତି। ସେ ଜାଣନ୍ତି ଜୀବନ ବିତାଇବା ପାଇଁ ଆବଶ୍ୟକ ଗୋଟେ ଘର। ଯେଉଁଠି କେହି ଅସନ୍ତୋଷ ପ୍ରକାଶ କରିବେ ନାହିଁ। ଅଳନ୍ଧୁ ଟିକେ ନଥିବ ରୋଷେଇଘରେ। ଖାଇବା ଟେବୁଲ ଉପରେ ରଖାଯିବ ଖାଦ୍ୟ ଓ ପଣିଭରା ଗ୍ଲାସ୍। ଚାରିକାନ୍ଥ ଭିତରେ ରହିବ ନାହିଁ ଶୋଷ, ଭୋକ, ଅନଟନ। ଆଲମିରାରେ ସଜା ହୋଇଥିବ ପୋଷାକପତ୍ର। ଧୂଳି ଲାଗିବ ନାହିଁ ପଢ଼ା ଟେବୁଲରେ। ଠାକୁର ଘରେ ଠାକୁରଙ୍କ ମୁହଁ ଦିଶିବ ପ୍ରସନ୍ନ, ତେଜୋଦୀପ୍ତ। ସକାଳେ ଓ ସନ୍ଧ୍ୟାରେ ଶୁଭିବ ଶଙ୍ଖଧ୍ୱନି, ପ୍ରାର୍ଥନା ଓ ମନ୍ତ୍ରପାଠ। ଯେମିତିକି ଘର ଭିତରେ ସବୁବେଳେ ବିରାଜମାନ କରିଥିବ ପ୍ରାଚୁର୍ଯ୍ୟ, ବିଶ୍ୱାସ ଓ ଭଲପାଇବା।

ସବୁଦିନ ପରି ଆଜିର ସକାଳ ନଥିଲା। ମନୋରମା ଚାରିବର୍ଷ ପରେ ପାଖରେ ପାଇଥିଲେ ତାଙ୍କର ପୁଅ, ବୋହୂ ଆଉ ନାତିକୁ। ତାଙ୍କ ଗୋଡ଼ ଆଉ ତଳେ ଲାଗୁନଥିଲା। ଭଲିକି ଭଲି ରୋଷେଇ ପାଇଁ ବରାଦ ଦେଉଥିଲେ ରାମୁକକାଙ୍କୁ। କେବଳ ସେତିକି ନୁହେଁ, ରୋଷେଇ ଘରେ ରହି ପୁଅ ପସନ୍ଦର କିଛି ଖାଦ୍ୟ ନିଜେ ରାନ୍ଧି ପୁଅକୁ ପରଷୁଥିଲେ। ପୁଣି କେତେବେଳେ ନାତିକୁ କୋଳରେ ଧରି ଗେଲ କରିପକାଉଥିଲେ ତ ଆଉ କେତେବେଳେ ପୁଅର ଚୁଟିକୁ ସାଉଁଳେଇ ଆନନ୍ଦରେ ଗଦ୍‌ଗଦ୍ ହେଉଥିଲେ। ଏ ଦୃଶ୍ୟ ଦେଖି ପଞ୍ଚାନନ ଭାବୁଥିଲେ ଯା' ହେଉ ମନୋରମାଙ୍କ ମାନ୍ଦେଇ ପଡ଼ିଥିବା ଶରୀରରେ ପୂର୍ବ ଫୂର୍ତ୍ତି ଯେମିତି ଫେରିଆସିଛି।

ପରଦିନ ସକାଳେ ଏତେ ଦିନ ପରେ ଆମେରିକାରୁ ଫେରିଥିବାରୁ ପୁଅ ଋଷଭ ସହ ସୁଜିତ ବାହାରିଗଲା ଗାଁ ଅଭିମୁଖେ, ଉଦ୍ଦେଶ୍ୟ ଥିଲା ଗାଁ ସଂସ୍କୃତି ସହିତ ପୁଅକୁ ପରିଚିତ କରାଇବା। ଗ୍ରାମ ଦେବତୀ, ଗାଁ ନଈପଠା ଦେଖି ଆନନ୍ଦ ବିଭୋର ହେଉଥିଲା ତିନି ବର୍ଷର ଛୋଟ ଛୁଆ ଋଷଭ। ନଈ କୂଳେ କୂଳେ ଦୁହେଁ ଆଗେଇ ଚାଲିଲେ ନିଜ ଚାଷ ଜମିକୁ। ବାଟରେ ଚାଲିଚାଲି ଯାଉଥିବାବେଳେ ଡାଡି କହୁଥିବା କଥା ସବୁକୁ ମନଦେଇ ଶୁଣୁଥାଏ ଋଷଭ । ହଠାତ୍ ପୁଅ ଋଷଭ ଅଟକିଗଲା କ୍ଷେତକୁ ଜଗିଥିବା ପାଳଭୂତ ପାଖରେ ଆଉ ସୁଜିତକୁ ପ୍ରଶ୍ନ କଲା, "ଡାଡି ! ଇଏ ପୁଣି କିଏ ?"

ସୁଜିତ ପୁଅକୁ ବୁଝେଇଦେଲେ – "ଇଏ ପାଳଭୂତ, ଯିଏ ଆମ କ୍ଷେତକୁ ଜଗେ ମାସ ମାସ ଧରି। ତାକୁ ଦେଖି ଭୟରେ ମାଙ୍କଡ଼, ଛେଳି,ଷଣ୍ଢ ଭଳି ଆହୁରି କେତେ ପଶୁ ଆମ କ୍ଷେତକୁ ପଶିପାରନ୍ତି ନାହିଁ, କି ଫସଲ ନଷ୍ଟ କରିପାରନ୍ତି ନାହିଁ।" ଋଷଭ ବାବାଙ୍କ କଥା ଶୁଣି କ'ଣ ବୁଝିଲା କେଜାଣି ମୁଣ୍ଡ ଟୁଙ୍ଗାରିଲା। ଏମିତି ଋଷଭର କଅଁଳ ମନରେ ଉଠୁଥିବା କେତେ କେତେ ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଲା ସୁଜିତକୁ ଘରେ ଆସି ପହଞ୍ଚିଲା ପର୍ଯ୍ୟନ୍ତ।

ଘରେ ପହଞ୍ଚି ଋଷଭ ଦେଖିଲା ଜେଜେ ଚୁପ୍‌ଚାପ୍ ବସିଛନ୍ତି ଗେଟ୍ ପାଖରେ ପ୍ଲାଷ୍ଟିକ୍ ଚଉକି ଉପରେ । ପାଖକୁ ଲାଗି ଆସି ଋଷଭ ପଚାରିଲା – "ଜେଜେ, ତୁମକୁ ଗୋଟେ କଥା କହିବି?"

ପଞ୍ଚାନନ ନାତିର ମୁଣ୍ଡକୁ ଆଉଁଶି କହିଲେ, "କହ କ'ଣ କହିବାକୁ ଚାହୁଁଛୁ?"

ଡଗଡଗ ହୋଇ ଋଷଭ କହିଲା – "ଜେଜେ! ମୁଁ ଆଜି କ୍ଷେତରେ ପାଳଭୂତ ଦେଖିଲି, ଯିଏ ଆମ ଚାଷ ଜମିକୁ ଜଗିଛି। ମତେ ଗୋଟେ କଥା କୁହ ତ! କାଲିଠାରୁ ମୁଁ ଆସିଲାବେଳୁ ଦେଖୁଛି ତମେ ବହୁତ ସମୟ ଏଇ ଗେଟ୍ ପାଖରେ ଆମ ଘରକୁ ଜଗିକି ବସୁଛ। ତମକୁ ଦେଖି ଆମ ଘର ଭିତରକୁ କୁକୁର, ବିଲେଇ, ଅଜଣା ଲୋକ କେହି ବି ପଶି ପାରୁନାହାନ୍ତି । ସମସ୍ତେ ତମକୁ ଡରୁଛନ୍ତି। ତାହେଲେ ତମେ ଆମ ଘରର ପାଳଭୂତ ନା!"

ନାତିର କଥା ଶୁଣି ତା'ର ମାସୁମ୍ ମୁହଁକୁ ଚାହିଁ କହିଲେ– "ହଁ...ରେ ରିଷି, ଆମେ ଜେଜେମାନେ ଏଇମିତି ଗୋଟେ ଗୋଟେ ପାଳଭୂତ। ପ୍ରତିଘରକୁ ଜଗି ବସି ରହିଛୁ ବର୍ଷ ବର୍ଷ ଧରି।"

ଏକଥା କହିଲା ବେଳକୁ ପଞ୍ଚାନନଙ୍କ ଛାତି ଭିତରଟା କଇଁକଇଁ ହୋଇ କାନ୍ଦି ଉଠୁଥିଲା କେଉଁ ଏକ ଅବ୍ୟକ୍ତ ବେଦନାରେ। ■

ଭୁବନେଶ୍ୱର
ମୋ: ୭୦୦୮୩୪୮୧୭୨





# ମିଛ



ଭାରତ ମାଝୀ

ମିଛେ ଢାଙ୍କିଦେଲି ସାରାଟା ସଂସାର
ଖଣ୍ଡ ଖଣ୍ଡ କାଟିଦେଲି ଜିଭ,
ଅନାୟାସରେ ଚିପୁଡ଼ି ଦେଲି
କମଳାଲେମ୍ବୁ ପୃଥିବୀ,
କେମିତି ପାରିଲି, ମନେ ନାଇଁ,
ମୋ ଆଗରେ କୁଆଡ଼େ
ଛଦ୍ମବେଶରେ ଜଗତ
କୁହ, କାଇଁ ?

ଦଦରା ବିଶ୍ୱାସର ଆଧାରରେ
ଟପି ଆସିଲି ଏତେ ବାଟ
ହଟଚମଟ
ଖୋଜିଲି ଗତି, ଗମକ ଚମକରେ
ନିଅ, ଗତି, ମିଳୁଚି ବଜାରରେ।

ମିଛରେ ଢାଙ୍କିଦେଲି ସାରାଟା ସଂସାର
ବଜାରରେ ଠିଆ ହେଇ ଆଡ଼େଇଲି ହୁନ୍ଦର,
ବ୍ୟାଗରେ ଭର୍ତ୍ତି ମୁଁ
ଷାଠିଏ କିଲୋର ଜଞ୍ଜାଳ,
କିଏ ନେବ ହୋ, ଗରାଖ ଈଶ୍ୱର !

ହେ ମୋର ଛଦ୍ମବେଶୀ ପ୍ରେମ,
ରାସ୍ତା ଆଉ ସମୟର ତାରେ ନାରେ ନାନା,
ଏଇ ମିଛ ଟିକେ ଇ ତ ମୋର ସାନ୍ତ୍ୱନା! ■

# ଅନ୍ଧାର



ଚକ୍ରପାଣି ପରିଚ୍ଛା

॥୧॥

ବନ୍ଦକରିଦିଅ ଆକାଶର ସବୁତକ
ଦର୍ଜା ଏବଂ ଝର୍କା
ଫେରିବା ପୂର୍ବରୁ

ଏବଂ କାଟିଦିଅ ସୂର୍ଯ୍ୟର ଡେଣା,
ରକ୍ତରେ ଭିଜୁଥାଉ
ଅନ୍ଧାରର ଦିହ ହାତ

କେହି ଜଣେ
ଖୋଜୁଥାଏ ନିଜ ଜୀବାଶ୍ମ
ଅନ୍ଧାରର ପେଟରାରୁ

ଅନ୍ଧାର ଏବେ ବିସ୍ଥାପିତ
ଅନ୍ଧୁଣୀର ଆଖିରେ।

॥୨॥

ଶୂନ୍ୟରୁ ଖସିପଡ଼ିବାପରେ
ସଂଚରିଯାଏ ଅନ୍ଧାର
ସୂର୍ଯ୍ୟର ଆଖିରେ

ଏବଂ ଫୁଲ ହେଇ ଫୁଟେ
ଶବ୍ଦର

ସେ ଶବ୍ଦରେ ଥାଏ
ଆତୁରତା
ଉଚ୍ଚାଟନ ବି

ଦୁଃଖକୁ ଭୋଗିବା ନେଇ
ସାରାରାତି

ଅନ୍ଧାର
ଅନ୍ଧାରର କୋମଳଗାନ୍ଧାର
ନିଜ ପାଇଁ। ■

ମୋ: ୯୧୭୮୬୪୭୧୩୭

## ପୁସ୍ତକ ପରିଚୟ

### ଯାହା ମୁଁ ହେବାର ଥିଲା

ଗନ୍ତାୟତ ଶିବପ୍ରସାଦ



ଫ୍ରେଣ୍ଡସ୍ ପବ୍ଲିଶର୍ସ
ବିନୋଦବିହାରୀ, କଟକ
ପ୍ରଥମ ସଂସ୍କରଣ: ୨୦୨୪
ମୂଲ୍ୟ : ୧୭୦ ଟଙ୍କା

ବିଶିଷ୍ଟ ବ୍ୟଙ୍ଗ ଲେଖକ ଗନ୍ତାୟତ ଶିବପ୍ରସାଦଙ୍କ 'ଯାହା ମୁଁ ହେବାର ଥିଲା' ପୁସ୍ତକ ପ୍ରକାଶ ପାଇଛି। ଏହି ପୁସ୍ତକରେ ସଂକଳିତ ଲେଖାଗୁଡ଼ିକରେ ଶାଣିତ ବ୍ୟଙ୍ଗ ଓ ସାମାଜିକ ବାର୍ତ୍ତା ରହିଛି। 'ଈଶ୍ୱରଙ୍କ ନାମରେ', 'ଘୁଷୁରୀ ଓ ସୌଦାଗର କଥା', 'ବାପାଙ୍କ ପାଇଁ ଏତେ କଥା', 'କେବଳ ଯୁବକଙ୍କ ପାଇଁ', 'ଆମ୍ବ ମାଡିଛି', 'ଏକ ସାରସ୍ୱତ ସଙ୍କଟ', 'ସ୍ୱର୍ଗକୁ ଶିଡ଼ି', 'ଅପହୃତ ଯୌବନ', 'କ'ଣ ଖାଇବାକୁ ଭଲ ଲାଗେ', 'ଜଣେ ଲେଖକର ଦୁର୍ଦ୍ଦଶା', 'ଅପରାଧ ହଟିଯିବା ପରେ...' ଆଦି ଲେଖାଗୁଡ଼ିକ ଚମତ୍କାର ହୋଇଛି। 'ସ୍ୱର୍ଗକୁ ଶିଡ଼ି' ଏକ ଚମତ୍କାର ବ୍ୟଙ୍ଗ ରଚନା। ସ୍ୱର୍ଗକୁ ଶିଡ଼ି ପ୍ରସଙ୍ଗ ଉଠିଲେ, ସ୍ୱତଃ ମନକୁ ଆସିଯାଏ ରାବଣର କଥା। କିଭଳି ରାବଣ ସ୍ୱର୍ଗକୁ ନିଶୁଣି କରିବାର ଯୋଜନା କରି ବିଫଳ ହୋଇଥିଲା। ଏହି ରଚନା ମାଧ୍ୟମରେ ଅସମ୍ଭବ ବା ଅବାସ୍ତବ କଥାକୁ ନେଇ ସ୍ୱପ୍ନ ଦେଖିବା କିଭଳି ନିରର୍ଥକ, ତାହା ଲେଖକ ପ୍ରକାରାନ୍ତରରେ ସୂଚାଇ ଦେଇଛନ୍ତି। ସେହିପରି ଜୀବନରେ ଜଣେ ଯାହା ହେବାକୁ ଚାହେଁ, ତାହା ହୋଇପାରେନା, ଯାହା ହୋଇଥାଏ ତାହା କେବେ ଭାବି ନଥିବ। ଏଭଳି ପ୍ରସଙ୍ଗକୁ ନେଇ ରଚିତ ହୋଇଛି 'ଯାହା ମୁଁ ହେବାର ଥିଲା'। ସାଧାରଣ ଜୀବନର ଅନେକ ବାସ୍ତବ ଘଟଣାକୁ ଲେଖକ ବ୍ୟଙ୍ଗାତ୍ମକ ଭଙ୍ଗୀରେ ଅତି ସହଜ ଓ ସରଳ ଭାଷାରେ ପ୍ରକାଶ କରିଛନ୍ତି। ପ୍ରତିଟି ବ୍ୟଙ୍ଗ ରଚନାରେ ଭରି ରହିଛି ସାମାଜିକ ବାର୍ତ୍ତା, ମାନବିକତାର ସ୍ୱର। 'ଯାହା ମୁଁ ହେବାର ଥିଲା' ପୁସ୍ତକରେ ଅନ୍ତର୍ନିହିତ ବାର୍ତ୍ତା ପାଠକମାନଙ୍କୁ ପ୍ରେରଣା ଦେବ ବୋଲି ଆଶା କରାଯାଏ। ■

### ଜାଣେନା କାହା ବାଟ ରହିଛି ଚାହିଁ

କିଶୋର ଆକାଶ



୧୮୮୨, ନୟାପଲ୍ଲୀ,
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୩
ମୂଲ୍ୟ ୧୬୯ ଟଙ୍କା

କଥାକାର କିଶୋର ଆକାଶଙ୍କ 'ଜାଣେନା କାହା ବାଟ ରହିଛି ଚାହିଁ' ଗଳ୍ପ ସଂକଳନ ପ୍ରକାଶ ପାଇଛି। ଏହି ପୁସ୍ତକରେ ମୋଟ ୧୪ଟି ଭିନ୍ନ ସ୍ୱାଦର ଗଳ୍ପ ସଂକଳିତ ହୋଇଛି। 'ଅବୁଝା ଚାହାଣି- ଅକୁହା କାହାଣୀ', 'ମୁଠାଏ ମାୟାଛିନ୍ନ ମୁହୂର୍ତ୍ତ', 'ଅସହାୟ ଅନ୍ଧାରର ଆତ୍ମଲିପି', 'ସତୀ ପରୀକ୍ଷା', 'ଗଜ ଉଦ୍ଧାରଣ', 'ଫେରାର ଫଗୁଣ', 'ଅବସୋସ', 'ଚିତ୍ରପଟ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ଉଗ୍ର ଆଧୁନିକ ପତ୍ନୀ, ପୁଅ, ଝିଅ ଓ ଶାଶୁଙ୍କ ମାନସିକ ଅତ୍ୟାଚାରରେ କିଭଳି ଜଣେ ବାପା ଅସହାୟ ଜୀବନ ବଞ୍ଚୁଛି,ଆଉ ଶେଷରେ ଆତ୍ମହତ୍ୟା କରିବାକୁ ବାଧ ହେଉଛି, ତାହା ପ୍ରତିଫଳିତ ହୋଇଛି 'ବକ୍‌ରୀ ବନିଯାଉଥିବା ବାପାମାନଙ୍କ ବୃତ୍ତାନ୍ତ' ଗଳ୍ପରେ। 'ମିଠା ମିଠା ମିଛର ମହକ' ଏକ ପ୍ରେମମୂଳକ ଗଳ୍ପ। ଏହି ଗପରେ ଇତିଶ୍ରୀ ଓ ଶ୍ରୀକାନ୍ତଙ୍କ ନିରବ ପ୍ରେମ କାହାଣୀ ବର୍ଣ୍ଣିତ। ଉଭୟେ ପରସ୍ପରକୁ ଭଲ ପାଆନ୍ତି। ଶେଷରେ ପରିସ୍ଥିତିରେ ପଡ଼ି ଇତିଶ୍ରୀ ବିବାହ କରିଛି ସୌମ୍ୟରଞ୍ଜନଙ୍କୁ। ଏହି ବିବାହ କିନ୍ତୁ ଇତିଶ୍ରୀକୁ ଖୁସି କରିପାରିନଥିଲା। ସେପଟେ ଶ୍ରୀକାନ୍ତ ସନ୍ନ୍ୟାସୀ ହୋଇ ଋଷିକେଶରେ ଇତିଶ୍ରୀର ମୂର୍ତ୍ତିଟିଏ ତିଆରି କରି ପୂଜା କରିଛି। ପ୍ରେମ ଓ ତ୍ୟାଗର ଚିତ୍ର ପ୍ରତିଫଳିତ ହୋଇଛି 'ମିଠାମିଠା ମିଛର ମହକ' ଗଳ୍ପରେ । ମଣିଷ ଜୀବନର ନାନାବିଧ ସମସ୍ୟା, ମଣିଷର ଅସହାୟତା, ମାନବୀୟ ଆବେଗ, ସାମାଜିକ ବାସ୍ତବତା ଆଦିକୁ ନେଇ ଏହି ଗପଗୁଡ଼ିକର କାହାଣୀ ଗତିଶୀଳ। ସରଳ ଭାଷା, ନିଆରା ଉପସ୍ଥାପନା ଶୈଳୀ, କାହାଣୀରେ ନୂତନତା ଗଳ୍ପଗୁଡ଼ିକୁ ଅଧିକ ହୃଦୟସ୍ପର୍ଶୀ କରିଛି। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ। ■



ଡକ୍ଟର ହିମାଦ୍ରି ତନୟା ମିଶ୍ର

# ଓଡ଼ିଆ ସାହିତ୍ୟରେ ରୀତିକାବ୍ୟ ପରମ୍ପରା

ରୀତି ସମ୍ପ୍ରଦାୟର ପ୍ରତିଷ୍ଠାତା ହେଉଛନ୍ତି ଆଚାର୍ଯ୍ୟ ବାମନ। ରୀତିକୁ ଏକ ବିଶେଷ ମହତ୍ତ୍ୱ ଦେବାରେ ତାଙ୍କର ଭୂମିକା ଉଲ୍ଲେଖଯୋଗ୍ୟ। ଆଚାର୍ଯ୍ୟ ବାମନ ରୀତିକୁ କାବ୍ୟର ଆତ୍ମା ଭାବରେ ଗ୍ରହଣ କରିଥିଲେ। ସମସ୍ତ ବିଦ୍ୟା ତଥା ବୁଦ୍ଧିର ମୂଳ ଉତ୍ସ ହେଉଛି ବେଦ। ରସ ଓ ଅଳଙ୍କାର ସଦୃଶ 'ରୀତି'ର ଉଦ୍‌ଗମସ୍ଥଳ 'ବେଦ' ହିଁ କୁହାଯାଇପାରେ, କାରଣ ଏହାର କେତେକ ସ୍ଥାନରେ ରୀତି ଶବ୍ଦର ବହୁଳ ବ୍ୟବହାର ରହିଛି। ଋକ୍‌ବେଦରେ 'ଧାରା' ଅର୍ଥରେ ରୀତି ଶବ୍ଦର ପ୍ରୟୋଗ ହୋଇଛି।

ଅଳଙ୍କାରର ବିକାଶ ସଙ୍ଗେ ସଙ୍ଗେ ରୀତି ସମ୍ପ୍ରଦାୟର ବିକାଶ ହୋଇଥିବା ବିଷୟ ବହୁ ଆଚାର୍ଯ୍ୟ ସ୍ୱୀକାର କରିଛନ୍ତି। ଭରତମୁନି 'ନାଟ୍ୟଶାସ୍ତ୍ର'ରେ ପ୍ରବୃତ୍ତି ଅର୍ଥରେ ରୀତି ଶବ୍ଦର ବ୍ୟବହାର କରିଛନ୍ତି। ଆଚାର୍ଯ୍ୟ ଦଣ୍ଡୀଙ୍କ ସମୟରେ ରୀତି ପରିସର ବ୍ୟାପକ ହୋଇଥିବାର ଜଣାଯାଏ। ସେ ରୀତି ଅର୍ଥରେ 'ମାର୍ଗ' ଶବ୍ଦ ପ୍ରୟୋଗ କରି 'ବୈଦର୍ଭୀ' ଓ 'ଗୌଡ଼ୀ' ନାମକ ଦୁଇଟି ମାର୍ଗର ନିର୍ଦ୍ଦେଶ କରିଛନ୍ତି। ରୀତି ସମ୍ବନ୍ଧରେ ଆଚାର୍ଯ୍ୟ ବାମନ କହିଲେ - 'ବିଶିଷ୍ଟ ପଦରଚନା ରୀତିଃ।' ଭରତମୁନିଙ୍କ ଗୁଣ ବ୍ୟାଖ୍ୟାଠାରୁ ଆଚାର୍ଯ୍ୟ ଦଣ୍ଡୀଙ୍କର ଗୁଣ ବ୍ୟାଖ୍ୟାରେ ସ୍ୱତନ୍ତ୍ରତା ରହିଛି।

ଆଚାର୍ଯ୍ୟ ଦଣ୍ଡୀ ବୈଦର୍ଭୀ ଓ ଗୌଡ଼ୀ, ଏହି ଦୁଇଟି ରୀତିକୁ ସ୍ୱୀକୃତି ଦେଇଥିବା ବେଳେ ବାମନ ପାଞ୍ଚାଳୀ ନାମକୁ ଅନ୍ୟ ଏକ ରୀତିକୁ ସ୍ଥାନିତ କରି ରୀତିର ସଂଖ୍ୟା ତିନିକୁ ବୃଦ୍ଧି କରାଇଥିଲେ। ଯଥା- 'ବୈଦର୍ଭୀ ଗୌଡ଼ୀୟା ପାଞ୍ଚାଳୀ ଚେତି।' ବାମନଙ୍କ ପରବର୍ତ୍ତୀ ସମୟରେ ଆଳଙ୍କାରିକ ରୁଦ୍ରଟ ପଦମାନଙ୍କର ସଂଯୋଜନାକୁ ରୀତି ଭାବରେ ଗ୍ରହଣ କରି 'ଲାଟୀ' ନାମକ ଅନ୍ୟ ଏକ ଚତୁର୍ଥ ରୀତିର ଅସ୍ତିତ୍ୱକୁ ସ୍ୱୀକୃତି ଦେଇଥିଲେ।

ଯେଉଁ କାବ୍ୟ ପାଠ କରିବା ସମୟରେ ସହୃଦୟର ଚିତ୍ତବୃତ୍ତି ଶାନ୍ତ ହୋଇଯାଏ, ମନ ଆର୍ଦ୍ର ଓ କୋମଳ ହୋଇଉଠେ, ତାହାହିଁ ମାଧୁର୍ଯ୍ୟ ବା ବୈଦର୍ଭୀ ରୀତି। ଏହା ମାଧୁର୍ଯ୍ୟ ଗୁଣ ବ୍ୟଞ୍ଜକ ବର୍ଣ୍ଣଗୁଡ଼ିକ ଦ୍ୱାରା କୋମଳ, ସମାସହୀନ ବା ଅଳ୍ପ ସମାସଯୁକ୍ତ ରଚନା। ଦୀନକୃଷ୍ଣଙ୍କ 'ରସ କଲ୍ଲୋଳ', କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' ପରି ରୀତିଯୁଗୀୟ ଅନ୍ୟାନ୍ୟ କାବ୍ୟ ତଥା 'ପ୍ରେମ ଚିନ୍ତାମଣି', 'କେଳି କଳାନିଧି' ଭଳି ଅନେକ କାବ୍ୟରେ ଏହି ରୀତିର ନିବେଶ ରହିଛି। ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଦୂତୀ ଯୁଗଳଙ୍କ ଅନୁରାଗର କଥୋପକଥନ ଛଳରେ ଶ୍ରୀକୃଷ୍ଣ ଓ ଶ୍ରୀରାଧାଙ୍କ ବିପ୍ରଲମ୍ଭ ଶୃଙ୍ଗାର ବର୍ଣ୍ଣନାରେ ଏହି ରୀତିର ଚମତ୍କାରିତା ରହିଛି। 'ସୁଭଦ୍ରା ପରିଣୟ' କାବ୍ୟରେ ସୁଭଦ୍ରାଙ୍କ ପ୍ରତି ଥିବା ପ୍ରେମାସକ୍ତ ଅର୍ଜୁନଙ୍କ ମନରେ ବିଚ୍ଛେଦାବସ୍ଥାରେ ସୃଷ୍ଟି ହୋଇଥିବା ପ୍ରତିକ୍ରିୟା ବୈଦର୍ଭୀ ରୀତିର ଉଦାହରଣରେ ନିଆଯାଇପାରେ। ଯଥା-

'ଶ୍ରୀରାଧା ବାତୁଳୀ ପ୍ରେମରତ୍ନ ତୁଳୀ ଘେନ ଚିହ୍ନାରା ଗ୍ରାହକମାନେ
କୃଷ୍ଣ ଅତି ଦୀନେ ଦୂତିକାକୁ ଦିନେ ପଚାରନ୍ତି କର ଧରି ଛନେ
ପ୍ରାଣ ବନ୍ଧୁ ରୀତି।
କହି ମୋ ଶ୍ରୁତିକି କର ଗତି।' (ବିଦଗ୍ଧ ଚିନ୍ତାମଣି)

x x x

'ଶୁଣି ମଲା ମୋହ ଲାଗି ଭାଳିବ। ସଲିଳଯେ ନୟନୁ ବାହାରିବ।
ସେ ଜଳକୁ ପାଇ ସ୍ୱର୍ଗେ ବସିବି। ସନ୍ତାନ ତଳେ ସଙ୍ଗ ମନାସିବି।' (ସୁଭଦ୍ରା ପରିଣୟ)

ଗୌଡ଼ୀ ରୀତି ଦୀର୍ଘ ସମାସଯୁକ୍ତ ଓ ଓଜଃ ଗୁଣ ପ୍ରକାଶକ ବର୍ଣ୍ଣ ଦ୍ୱାରା ଆଡ଼ମ୍ବରପୂର୍ଣ୍ଣ ରଚନା। ମହାପ୍ରାଣ ଅକ୍ଷରରେ ରଚିତ ଅନୁପ୍ରାସ ବହୁଳ, ଅଳ୍ପ ବାକ୍ୟ ଏହି ରୀତିର ବୈଶିଷ୍ଟ୍ୟ। ଏହା ଚିତ୍ତକୁ ଉଦ୍ଦୀପ୍ତ କରିଥାଏ। ପାଠକ ହୃଦୟରେ ଏହା ଉତ୍ସାହ ଓ ଉତ୍ତେଜନା ସୃଷ୍ଟି କରେ। ଏହା ବୀଭତ୍ସ ଓ ରୌଦ୍ର ଭାବରେ ଅଧିକ ପ୍ରତୀତ ହୋଇଥାଏ। ଓଡ଼ିଆ ରୀତିଯୁଗୀୟ କାବ୍ୟର କେତେକ ସ୍ଥାନରେ ଗୌଡ଼ୀ ରୀତିର ଉପଲବ୍ଧି ହୁଏ। 'ମଥୁରାମଙ୍ଗଳ'



କାବ୍ୟର ବାଇଶ ଛାନ୍ଦରେ କୃଷ୍ଣ ଓ ଚାଣୂରର ସମର ବେଳର କଥା ଚିତ୍ର ବୀର ରସର ଅବତାରଣା ଗୌଡ଼ୀ ରୀତି ରହିଛି। ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' କାବ୍ୟର ପଞ୍ଚଷଠି ଛାନ୍ଦରେ ଗୋପ ବାଳକଙ୍କ ଗାଈ ରଖିବାକୁ ଯିବାବେଳେ ଯେଉଁସବୁ ଆଚରଣ କରିଛନ୍ତି, ତାହା ବୀର ରସ ଦ୍ୟୋତକ। ଆଡ଼ମ୍ବରପୂର୍ଣ୍ଣ ଶବ୍ଦ ସଂଯୋଜନା ଏହି ରୀତିର ଉଦାହରଣ।

ସାଧାରଣ ଭାବରେ ଦେଖିଲେ ବୈଦର୍ଭୀ ଓ ଗୌଡ଼ୀ ରୀତିର ମଧ୍ୟବର୍ତ୍ତୀ ରଚନା ହିଁ ପାଞ୍ଚାଳୀ ରୀତି ଜଣାଯାଏ। ଓଜଃ, କାନ୍ତି, ମାଧୁର୍ଯ୍ୟ, ସୌକୁମାର୍ଯ୍ୟ ଗୁଣ ସମ୍ପନ୍ନ ରଚନାବଳୀକୁ ପାଞ୍ଚାଳୀ ରୀତି କୁହାଯାଏ। ପ୍ରସାଦ ଗୁଣ ଏହି ରୀତିର ବୈଶିଷ୍ଟ୍ୟ। ପାଠକର ଚିତ୍ତ ଆମୋଦିତ ଓ ପୁଲକିତ ହୋଇଥାଏ, ଯାହା ପ୍ରସାଦ ଗୁଣଯୁକ୍ତ। ପାଞ୍ଚାଳୀ ରୀତି ସ୍ୱଭାବ ସୁଲଭ ବର୍ଣ୍ଣନା ଓ ଅଳ୍ପ ସମାସଯୁକ୍ତ। ଭକ୍ତ ଚରଣଙ୍କ ରଚିତ 'ମଥୁରାମଙ୍ଗଳ' କାବ୍ୟରେ ଶ୍ରୀକୃଷ୍ଣ ଓ ସଖାମାନଙ୍କ ମଥୁରା କଟକ ପରିଭ୍ରମଣ କଥା ଚିତ୍ର ବର୍ଣ୍ଣନା ବେଳେ ଏହି ପାଞ୍ଚାଳୀ ରୀତିର ଅନୁଭବ ହୁଏ। ଦୀନକୃଷ୍ଣଙ୍କ 'ରସ କଲ୍ଲୋଳ' କାବ୍ୟରେ ଋତୁ ଚିତ୍ର ବର୍ଣ୍ଣନା ଅବକାଶରେ କବି ପାଞ୍ଚାଳୀ ରୀତିର ବର୍ଣ୍ଣନା ଦେଖିବାକୁ ମିଳେ। ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରୁ ବସନ୍ତ ଋତୁ ବର୍ଣ୍ଣନା ପରିପ୍ରେକ୍ଷୀରେ ପାଞ୍ଚାଳୀ ରୀତିର ଉପଲବ୍ଧି ହୁଏ। ଯଥା-

'ମଳୟ ଶିଖରୀ ଶିରୀ ଚୋରି କରି ବହିଲାଣି ମନ୍ଦ ସମୀର
ସୁମନାଙ୍କ ବାସ ଚୋରାଇ ନେବଟି ବୋଲି କହିଲାଣି ଭ୍ରମର।' (ଲାବଣ୍ୟବତୀ)

ବୈଦର୍ଭୀ ଓ ପାଞ୍ଚାଳୀର ମଧ୍ୟବର୍ତ୍ତୀ ରୀତିକୁ ଲାଟୀ ରୀତି କୁହାଯାଏ। ବିଶ୍ୱନାଥ କବିରାଜଙ୍କ ମତରେ– 'ଲାଟୀ ରୀତି ବୈଦର୍ଭୀ ପାଞ୍ଚାଲ୍ୟୋରନ୍ତରେ ସ୍ଥିତା' ଅର୍ଥାତ୍ ସମାସର ସ୍ୱଳ୍ପତା ଓ କୋମଳ ପଦାବଳୀ ଦ୍ୱାରା ପରିଶୋଭିତ ଲାଟୀ ରୀତି ସହୃଦୟ ପାଠକ ପ୍ରାଣରେ ଆନନ୍ଦ ଭାବ ସୃଷ୍ଟି ହୋଇଥାଏ। ଓଡ଼ିଆ ରୀତିଯୁଗୀୟ କାବ୍ୟର କେତେକ ସ୍ଥଳରେ ଏହି ଲାଟୀ ରୀତିର ପ୍ରୟୋଗ ହୋଇଥାଏ। ଭକ୍ତ ଚରଣଙ୍କ 'ମଥୁରାମଙ୍ଗଳ' କାବ୍ୟରେ ଏହି ରୀତିର ନିବେଶ ଦେଖାଯାଏ। ଶ୍ରୀକୃଷ୍ଣଙ୍କର ମଥୁରା ଗମନ ଜାଣି ଯଶୋଦାଙ୍କର ମାତୃ ହୃଦୟ ବ୍ୟଥାତୁର ହୋଇଛି। ପ୍ରିୟ ପୁତ୍ର ପାଇଁ ମାତୃ ହୃଦୟର ବାତ୍ସଲ୍ୟ ମମତାର ଚମତ୍କାର ବର୍ଣ୍ଣନା କବି କରିଛନ୍ତି। ସେହିପରି ଉପେନ୍ଦ୍ର ଭଞ୍ଜଙ୍କ 'ଲାବଣ୍ୟବତୀ' କାବ୍ୟରେ ଓ ଅଭିମନ୍ୟୁଙ୍କର 'ବିଦଗ୍ଧ ଚିନ୍ତାମଣି' କାବ୍ୟରେ ଲାଟୀ ରୀତିର ପ୍ରୟୋଗ ଦେଖାଯାଏ। ଦୀନକୃଷ୍ଣ ଦାସଙ୍କ 'ରସକଲ୍ଲୋଳ' କାବ୍ୟରେ ଶ୍ରୀକୃଷ୍ଣଙ୍କ ରୂପ ବର୍ଣ୍ଣନା ପ୍ରସଙ୍ଗରେ ଲାଟୀ ରୀତିର ପ୍ରୟୋଗ ରହିଛି। ଯଥା-

'ଆରେ ବାବୁ ଶ୍ୟାମଘନ ତୁ ଗଲେ ମଧୁଭୁବନ।
କାହା ମୁଖ ଅନାଇ ବଞ୍ଚିବି
ହେବ ଦଶ ଦିଗ ଶୂନ୍ୟ ଅସ୍ଥିର ହେବ ଜୀବନ।
ନିଶି ଦିବସରେ ଝୁରୁଥିବିରେ।'(ମଥୁରା ମଙ୍ଗଳ)

ଓଡ଼ିଆ ସାହିତ୍ୟରେ ରୀତିକାବ୍ୟ ପରମ୍ପରା ଷୋଡ଼ଶ ଶତାବ୍ଦୀର ଆଦ୍ୟଭାଗରୁ ବିକାଶ ହୋଇଛି। ରୀତିଯୁଗ କାବ୍ୟ ପ୍ରଣୟନ କ୍ଷେତ୍ରରେ ବହୁ ସମୃଦ୍ଧ ଥିଲା। ଷୋଡ଼ଶ ଶତାବ୍ଦୀର ଆଦ୍ୟ ଭାଗରୁ ହିଁ ରୀତି ଶୈଳୀ ଧୀରେ ଧୀରେ ବିକଶିତ ହୋଇ ଦୀନକୃଷ୍ଣ, ଉପେନ୍ଦ୍ର ଭଞ୍ଜ, ସଦାନନ୍ଦ, ବଳଦେବ, ଅଭିମନ୍ୟୁ, ଯଦୁମଣି ଆଦିଙ୍କ ଲେଖନୀରେ ଚରମ ଉତ୍କର୍ଷ ଲାଭ କରିଅଛି। ଅଳଙ୍କାରର ସୂକ୍ଷ୍ମ ସଂଯୋଜନା, ରସ, ରୀତି, ଧ୍ୱନି, ବକ୍ରୋକ୍ତି ପ୍ରଭୃତିର ସଫଳ ପ୍ରକାଶ, ବର୍ଣ୍ଣନାର ଚମତ୍କାରିତା, କାବ୍ୟିକ ଗଠନ କୌଶଳ ରୀତି ସାହିତ୍ୟକୁ ସ୍ୱତନ୍ତ୍ର ମର୍ଯ୍ୟାଦା ଦେଇଛି। ସର୍ବଭାରତୀୟ ପରିପ୍ରେକ୍ଷୀରେ ଓଡ଼ିଆ ସାହିତ୍ୟର ରୀତିଯୁଗ ଅଧିକ ରସଗ୍ରାହୀ କାବ୍ୟ ରଚନାରେ ସକ୍ରିୟ ମନେ ହୋଇଥାଏ। ■

ଓଡ଼ିଆ ଭାଷା ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର
ଭାରତ ସରକାର, ଭୁବନେଶ୍ୱର- ୯

# ବନ୍ଦ ଆକାଉଣ୍ଟରେ ୯ ଲକ୍ଷର ଋଣ ଉଠାଣ

## ଥାନାରେ ଅଭିଯୋଗ କଲେ ଏସ୍ଏଚ୍‌ଜି ସଦସ୍ୟା

**କାମାକ୍ଷାନଗର, ୧୪।୧୨(ସମିସ):** ୭ବର୍ଷ ତଳୁ ବନ୍ଦ ହୋଇଥିବା ୩ଟି ବ୍ୟାଙ୍କ ଆକାଉଣ୍ଟ ଜରିଆରେ ୯ଲକ୍ଷ ଟଙ୍କାର ଋଣ ଉଠାଣ। ଢେଙ୍କାନାଳ ଜିଲ୍ଲା ତୁମୁସିଙ୍ଗା ଥାନା ଅଞ୍ଚଳରେ ୩ଟି ସ୍ୱୟଂସହାୟିକା ଗୋଷ୍ଠୀ ଏପରି ଠକାମିର ଶିକାର ହୋଇଛନ୍ତି। ଏ ସଂପର୍କରେ ସେମାନେ ଥାନାରେ ଅଭିଯୋଗ କରିଛନ୍ତି। ଆକାଉଣ୍ଟ ବନ୍ଦ ହେବା ପରେ କିଏ ଓ କେମିତି ଉକ୍ତ ଆକାଉଣ୍ଟଗୁଡ଼ିକ ଜରିଆରେ ଋଣ ଉଠାଇଲା, ତାହାର ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ସୂଚନାନୁସାରେ, ତୁମୁସିଙ୍ଗା ଥାନା ଗାଙ୍ଗିଯୋଡି ଗ୍ରାମରେ ମା' ଦୁର୍ଗା, ମା' ସରସ୍ୱତୀ ଓ ମା' ସନ୍ତୋଷୀ ନାମରେ ୩ଟି ମହିଳା ଏସ୍ଏଚ୍‌ଜି ଗ୍ରୁପ୍ ଗଠନ ହୋଇଥିଲା। ପ୍ରତି ଗ୍ରୁପ୍‌ରେ ୧୦ଜଣ ଲେଖାଏଁ ସଦସ୍ୟା ରହିଥିଲେ। ୨୦୧୫ ମସିହାରେ ତୁମୁସିଙ୍ଗାରେ ଥିବା ବ୍ୟାଙ୍କ ଅଫ୍ ବରୋଦା ଶାଖାରେ ସେମାନଙ୍କ ଗ୍ରୁପ୍ ନାଁରେ ୩ଟି ପୃଥକ୍ ପୃଥକ୍ ଆକାଉଣ୍ଟ ଖୋଲିଥିଲେ। କିନ୍ତୁ ଦୁଇ ବର୍ଷ ପରେ ଅର୍ଥାତ୍ ୨୦୧୭ରେ କୌଣସି କାରଣରୁ ମହିଳାମାନେ ଆକାଉଣ୍ଟଗୁଡ଼ିକୁ ବନ୍ଦ କରାଇ ଦେଇଥିଲେ। ଏହି ଘଟଣାକୁ ୭ ବର୍ଷ ବିତି ଯାଇଥିବା ବେଳେ ଏବେ ସେମାନଙ୍କ ନିକଟକୁ ବ୍ୟାଙ୍କ ନୋଟିସ୍ ଆସିଛି। ପ୍ରତି ମହିଳା ଗ୍ରୁପ୍ ନାଁରେ ୩ଲକ୍ଷ ଲେଖାଏଁ ଋଣ ଉଠାଣ ହୋଇଥିବା ନୋଟିସ୍‌ରେ ଉଲ୍ଲେଖ ରହିଛି।

# ଅବଶିଷ୍ଟାଂଶ...

## ବିକଶିତ ଭାରତ...

ନାରୀଙ୍କ ନେତୃତ୍ୱରେ ବିକାଶ, ରାଜ୍ୟ ଆଗେଇଲେ ଦେଶର ବିକାଶ ଏବଂ ଏକ ଭାରତ, ଶ୍ରେଷ୍ଠ ଭାରତ ଏହି ସଂକଳ୍ପରେ ସ୍ଥାନ ପାଇଛି।

ପ୍ରଧାନମନ୍ତ୍ରୀ ନିଜର ଅଭିଭାଷଣ ରଖିବା ସହିତ ବିଭିନ୍ନ ପ୍ରସଙ୍ଗରେ କଂଗ୍ରେସକୁ ନିଶାଣ କରି ବର୍ଷିଥିଲେ। ମୋଦୀ କହିଥିଲେ ଯେ ବିଜେପି ସବୁ ବେଳେ 'ଜୁମଲା' ( ମିଛ କଥା) କହିଆସୁଛି ବୋଲି କଂଗ୍ରେସ ବାରମ୍ବାର ଅଭିଯୋଗ କରିଆସିଛି। କିନ୍ତୁ କଂଗ୍ରେସ ଯେ ଦେଶବାସୀଙ୍କୁ ସବୁଠୁ ଅଧିକ ମିଛ କହି ଆସିଛି ସେନେଇ ଚର୍ଚ୍ଚା କରିବା ଦରକାର। କଂଗ୍ରେସର 'ଗରିବୀ ହଟାଓ' ନାରା ଦେଶର ରାଜନୈତିକ ଇତିହାସରେ ସବୁଠୁ ବଡ଼ ମିଥ୍ୟା। ୧୯୭୧ ଲୋକସଭା ନିର୍ବାଚନ ବେଳେ ଇନ୍ଦିରା ଗାନ୍ଧୀ 'ଗରିବୀ ହଟାଓ, ଦେଶ ବଚାଓ' ନାରା ଦେଇଥିଲେ। କିନ୍ତୁ ଏହାର ବର୍ଷ ବର୍ଷ ପରେ ମଧ୍ୟ ଏହି ଦଳ ଦେଶରୁ ଗରିବୀ ହଟାଇପାରି ନାହିଁ। କିନ୍ତୁ ଆମ ସରକାର କୋଟି କୋଟି ଗରିବ ଲୋକଙ୍କୁ ଦାରିଦ୍ର୍ୟରୁ ଉପରକୁ ଆଣିବାକୁ କାର୍ଯ୍ୟ କରିଛି ବୋଲି ମୋଦୀ କହିଥିଲେ। ସେ କହିଥିଲେ ଯେ ସମ୍ବିଧାନ ପ୍ରତି କଂଗ୍ରେସର ଆସ୍ଥା ନାହିଁ। ସମ୍ବିଧାନକୁ ଯଦି କେହି ବେଶି କ୍ଷତାକ୍ତ କରିଛି, ତାହା ହେଉଛି କଂଗ୍ରେସ ସରକାର। ନିଜ ସ୍ୱାର୍ଥକୁ ସୁହାଇବା ଲାଗି କଂଗ୍ରେସ ସରକାର ଅମଳରେ ସମ୍ବିଧାନ ।।ରେ ୭୫ଥର ସଂଶୋଧନ କରାଯାଇଛି। ୧୯୭୫ରେ ଇନ୍ଦିରା ଗାନ୍ଧୀଙ୍କ ଦ୍ୱାରା ଜାରି କରାଯାଇଥିବା ଜରୁରୀ ପରିସ୍ଥିତି ଥିଲା ସମ୍ବିଧାନ ଉପରେ ସବୁଠାରୁ ବଡ଼ ଆକ୍ରମଣ। ରାହୁଲଙ୍କ ନାମ ନନେଇ ପ୍ରଧାନମନ୍ତ୍ରୀ କହିଲେ ଯେ ୟୁପିଏ ସରକାରରେ ଆସିଥିବା ଅଧ୍ୟାଦେଶର କପିକୁ ସାଧାରଣରେ ଚିରି ଏହାର ଅପମାନ କରାଯାଇଥିଲା। ପ୍ରଧାନମନ୍ତ୍ରୀ କହିଲେ ଯେ ୧୯୪୯ରେ ଗୃହୀତ ହେବା ଦିନଠାରୁ ଭାରତର ସମ୍ବିଧାନର ଯାତ୍ରା ଏବଂ ଭାରତର ଗଣତନ୍ତ୍ର ବିଶ୍ୱବାସୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଅନ୍ୟମାନଙ୍କ ପାଇଁ ଏହା ପ୍ରେରଣାର ଉତ୍ସ ହୋଇଥିବାରୁ ଭାରତକୁ ଗଣତନ୍ତ୍ରର ଜନକ ବୋଲି କୁହାଯାଉଛି। ଆମେ କେବଳ ବୃହତ୍ ଗଣତନ୍ତ୍ର ନୁହେଁ, ଗଣତନ୍ତ୍ରର ଜନକ ମଧ୍ୟ।

## ସରକାର ଯୁବପିଢ଼ିଙ୍କ...

ମନୁସ୍ମୃତି। ଏହି ଗ୍ରନ୍ଥକୁ ଆଧାର କରି ପ୍ରାଚୀନ ଭାରତରେ ସଂସ୍କୃତି ଠାରୁ ଆରମ୍ଭ କରି ପରାମ୍ପରା, ସାମାଜିକ ଚଳଣି ଏବଂ ପ୍ରଥା ଆଦି ରହିଆସିଛି। ତେଣୁ ପ୍ରତ୍ୟେକ ହିନ୍ଦୁଙ୍କ ପାଇଁ ମନୁସ୍ମୃତି ହିଁ ଧାର୍ମିକ ଏବଂ ଆଧ୍ୟାତ୍ମିକ ଦୃଷ୍ଟି କୋଣରୁ ମହତ୍ତ୍ୱ ବହନ କରେ। ଏହି ଗ୍ରନ୍ଥ ହିଁ ଆଜି ଭାରତୀୟ ସମାଜ ପାଇଁ ଆଇନ ଭଳି କାର୍ଯ୍ୟ କରିବ' ବୋଲି ସବରକର୍ କହିଥିଲା ବେଳେ ଏହାକୁ ରାହୁଲ ଗୃହରେ ପାଠ କରିବା ସହିତ ବିଜେପି କିଭଳି ସମ୍ବିଧାନକୁ ପାଳନ କରୁଛି ବୋଲି ପ୍ରଶ୍ନ କରିଥିଲେ। ରାହୁଲ ଗୋଟିଏ ହାତରେ ସମ୍ବିଧାନ ପୁସ୍ତିକା ଏବଂ ଅନ୍ୟ ହାତରେ ମନୁସ୍ମୃତି ଗ୍ରନ୍ଥ ଧରି ଶାସକ ସଦସ୍ୟମାନଙ୍କୁ ପ୍ରଶ୍ନ କରି କହିଥିଲେ ଯେ, ଆଜି ସମ୍ବିଧାନର ୭୫ ବର୍ଷ ପୂର୍ତ୍ତି ପାଳନ କରାଯିବା ସହିତ ଏହା ଉପରେ ଆଲୋଚନା କରାଯାଉଛି। ବିଜେପି ସମ୍ବିଧାନକୁ ନେଇ ଗର୍ବ କରିବା ସହିତ ପ୍ରଶଂସା କରୁଛନ୍ତି। କିନ୍ତୁ ହିନ୍ଦୁତ୍ୱର ଆଦର୍ଶ ପୁରୁଷ ସବରକର ସମ୍ବିଧାନକୁ ନେଇ ଏସବୁ ଯାହା କହିଛନ୍ତି ତାହାକୁ ବିଜେପି କିଭଳି ଗ୍ରହଣ କରୁଛି ବୋଲି ପ୍ରଶ୍ନ କରିଥିଲେ। ବିଜେପି ସମ୍ବିଧାନକୁ ପ୍ରଶଂସା କରି ପରୋକ୍ଷରେ ସବରକରଙ୍କୁ ଅପମାନିତ କରୁନାହିଁ କି ବୋଲି କଟାକ୍ଷ କରି କହିଥିଲେ।

ଏହାବ୍ୟତୀତ ରାହୁଲ ଗୃହରେ ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟ ଉପାଖ୍ୟାନ ଶୁଣାଇ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ଦ୍ରୋଣାଚାର୍ଯ୍ୟ ନିଜ ଶିଷ୍ୟ ଏକଲବ୍ୟଙ୍କ ଠାରୁ ଗୁରୁ ଦକ୍ଷିଣା ନେବା ଉଦ୍ଦେଶ୍ୟରେ ଯେଭଳି ତାଙ୍କ ଅଙ୍ଗୁଳି କାଟିଥିଲେ ଆଜି ବିଜେପି ନେତୃତ୍ୱ କେନ୍ଦ୍ର ସରକାର ଯୁବପିଢିଙ୍କ ଅଙ୍ଗୁଳି କାଟିବାରେ ଲାଗିଛନ୍ତି। ଅଗ୍ନିବୀର ଯୋଜନାରେ ସରକାର ଯୁବକମାନଙ୍କ ଅଙ୍ଗୁଳି କାଟୁଥିଲା ବେଳେ ଆଦାନୀ ଗ୍ରୁପ୍ ହାତରେ ଦେଶର ସବୁ ଶିଳ୍ପ, ବନ୍ଦର ,ବିମାନ ବନ୍ଦର ଏବଂ କାରବାର ଟେକି ଦେଇ ଚାଷୀଙ୍କ ଠାରୁ ଆରମ୍ଭ କରି କ୍ଷୁଦ୍ର ଉଦ୍ୟୋଗୀମାନଙ୍କୁ ମଧ୍ୟ ନିରାଶ କରିଛନ୍ତି। କିନ୍ତୁ ରାହୁଲଙ୍କ ଏଭଳି ପ୍ରଶ୍ନକୁ ନେଇ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର କଂଗ୍ରେସ ଉପରେ ବର୍ଷିବା ସହିତ କହିଥିଲେ ଯେ, ଆପଣ ଅଙ୍ଗୁଳି କାଟିବା କଥା କହୁଛନ୍ତି। କିନ୍ତୁ ଆପଣଙ୍କ ସରକାର ସମୟରେ ଶିଖ ଭାଇମାନଙ୍କ ଗଳା କାଟି ଦିଆଯାଇଥିଲା। ଏଥିପାଇଁ ଆପଣ ଦେଶବାସୀଙ୍କୁ କ୍ଷମା ମାଗିବା ଉଚିତ।

## ନ୍ୟାୟ ଅପେକ୍ଷାରେ...

ଅପରପକ୍ଷେ ଓଡ଼ିଶାକୁ ଆସୁଥିବା ପାଣି ଜଳସେଚନ ପାଇଁ ପର୍ଯ୍ୟାପ୍ତ ହେଉନାହିଁ। କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ତଳମୁଣ୍ଡରେ ପାଣି ପହଞ୍ଚୁ ନାହିଁ। ଚାଷୀ ଚାଷ ପାଇଁ ପାଣି ପାଉନାହାନ୍ତି। ଏହା ଏକ ରାଜନୈତିକ ସମସ୍ୟା ନୁହେଁ, ରାଜ୍ୟର ସାଧାରଣ ଲୋକଙ୍କ ସମସ୍ୟା। ଆଗାମୀ ଦିନରେ ରାଜ୍ୟରେ ପାଣି ସମସ୍ୟା ଆହୁରି ଭୟଙ୍କର ହେବ। ରାଜ୍ୟ ସରକାର ତୁରନ୍ତ ମାମଲାରେ ହସ୍ତକ୍ଷେପ କରି ଜଳ କମିଶନ ଗଠନ କରନ୍ତୁ ବୋଲି ସେ ଦାବି କରିଛନ୍ତି। ବିଜେଡିର ବରିଷ୍ଠ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ମହାନଦୀର ପ୍ରବେଶ ପଥ ଶୁଖାସୋଡ଼ା ସମ୍ପୂର୍ଣ୍ଣ ଭାବେ ଶୁଖିଯାଇଛି। ଅତୀତରେ ବାରମ୍ବାର ବିଜେଡି ଏନେଇ କେନ୍ଦ୍ର ସରକାରଙ୍କ ହସ୍ତକ୍ଷେପ ଲୋଡ଼ିଛି। ମାତ୍ର କୌଣସି ସମାଧାନ କରାଯାଇ ନାହିଁ। ଯେତେବେଳେ ଓଡ଼ିଶା, ଛତିଶଗଡ଼ ଏବଂ କେନ୍ଦ୍ରରେ ବିଜେପିର ଟ୍ରିପଲ୍ ଇଞ୍ଜିନ ସରକାର ଗଠନ ହେଲା, ଆମେ ଏହାର ତ୍ୱରିତ୍ ସମାଧାନ ଆଶା କରୁଥିଲୁ। ମାତ୍ର ଓଡ଼ିଶାବାସୀ ନିରାଶ ହୋଇଛନ୍ତି। ଟ୍ରିବ୍ୟୁନାଲର ଅଧ୍ୟକ୍ଷ ପରିବର୍ତ୍ତନ ହେଲେ। ବିଚାର ପ୍ରକ୍ରିୟା ପୁଣିଥରେ ମୂଳରୁ ଆରମ୍ଭ ହୋଇପାରେ। ଯାହାଫଳରେ ପ୍ରକ୍ରିୟା ଆହୁରି ବିଳମ୍ବ ହେବ। କେବେ ଏହାର ସମାଧାନ ହେବ ତାହା କାହାକୁ ଜଣାନଥିବା ବେଳେ, ସମାଧାନ ହେବା ବେଳକୁ ମହାନଦୀ ମରୁଭୂମିରେ ପରିଣତ ହୋଇ ସାରିଥିବ। ଏହାର ଦାରୁଣ ଏବଂ ସାଂଘାତିକ ପରିଣତି ଓଡ଼ିଶା ଭୋଗିପାରେ ବୋଲି ସେ ମତପ୍ରକାଶ କରିଛନ୍ତି।

ଅପରପକ୍ଷେ ମହାନଦୀ ବଞ୍ଚାଅ, ଓଡ଼ିଶା ବଞ୍ଚାଅ ଅଭିଯାନର ଆବାହକ ସୁଦର୍ଶନ ଛୋଟରାୟ କହିଛନ୍ତି ଯେ ମହାନଦୀ ଜଳବିବାଦ ମାମଲାରେ କେନ୍ଦ୍ର ସରକାର ଆରମ୍ଭରୁ ନିଜ ଦାୟିତ୍ୱ ନିର୍ବାହ କରିନାହାନ୍ତି। ଯାହାଫଳରେ ବିଗତ କିଛି ବର୍ଷ ଧରି ଓଡ଼ିଶା ପ୍ରବଳ କ୍ଷତି ସହି ଆସୁଛି। ଟ୍ରିବ୍ୟୁନାଲରେ ତାରିଖ ପରେ ତାରିଖ ଗଡ଼ି ଚାଲିଥିବା ବେଳେ ଏବେ ନୂଆ ଅଧ୍ୟକ୍ଷଙ୍କୁ ନିଯୁକ୍ତି ଦିଆଗଲା। ଆମର ଆଶଙ୍କା ମହାନଦୀର ଦଶା କାବେରୀ ଜଳବିବାଦ ପରି ନ ହେଉ। ନୂଆ ଅଧ୍ୟକ୍ଷ ପୂର୍ବ ତ୍ରୁଟି ସଂଶୋଧନ କରି ଅନ୍ତତଃପକ୍ଷେ ତ୍ୱରିତ୍ ଅନ୍ତରୀଣ ରାୟ ପ୍ରଦାନ କରନ୍ତୁ। ନ ହେଲେ ବିଳମ୍ବିତ ରାୟ ଦ୍ୱାରା ଓଡ଼ିଶା ସର୍ବାଧିକ କ୍ଷତିଗ୍ରସ୍ତ ହେବ ବୋଲି ସେ ମତ ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଛତିଶଗଡ଼ ସହ ଜଳବିବାଦର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶରେ କେନ୍ଦ୍ର ସରକାର ୨୦୧୮ ମାର୍ଚ୍ଚ ୧୨ତାରିଖରେ ଜଷ୍ଟିସ ଏ. ଏମ୍ ଖାନୱାଲିକରଙ୍କ ଅଧ୍ୟକ୍ଷତାରେ ଟ୍ରିବ୍ୟୁନାଲ ଗଠନ କରିଥିଲେ। ଶେଷଥର ପାଇଁ ଟ୍ରିବ୍ୟୁନାଲରେ ଶୁଣାଣି ଗତ ଫେବ୍ରୁଆରୀ ୨୨ତାରିଖରେ ହୋଇଥିଲା।

## ଆଡଭାନୀ ଅସୁସ୍ଥ...

ଭର୍ତ୍ତି କରାଯାଇଛି। ଆପୋଲୋ ହସ୍ପିଟାଲର ସ୍ନାୟୁ ବିଭାଗର ବରିଷ୍ଠ ଡାକ୍ତର ବିନୀତ ସୂରୀଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଥିଲା ବେଳେ ଏବେ ତାଙ୍କ ଅବସ୍ଥା ସ୍ଥିର ରହିଥିବା କୁହାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ମାସରୁ ବର୍ତ୍ତମାନ ସୁଦ୍ଧା ଆଡ଼ଭାନୀଙ୍କୁ ୪ ଥର ହସ୍ପିଟାଲରେ ଭର୍ତ୍ତି କରାଗଲାଣି।

## ଆଇଏଏସ୍ ବିଷ୍ଣୁପଦଙ୍କୁ...

କେଉଁଆଡ଼େ ଯାଉଥିଲେ, ସେ ସମ୍ପର୍କରେ ସିବିଆଇ ଡ୍ରାଇଭରମାନଙ୍କୁ ପଚରାଉଚରା କରିଛି।

ମିଳିଥିବା ସୂଚନା ଅନୁସାରେ ବିଷ୍ଣୁପଦ ସେଠୀଙ୍କୁ ନୂଆପଲ୍ଲୀସ୍ଥିତ କାର୍ଯ୍ୟାଳୟରେ ହାଜର ହେବାକୁ ସିବିଆଇ ଗତ ୧୦ ତାରିଖରେ ନୋଟିସ ପଠାଇଛି। ଭୁବନେଶ୍ୱରରେ ଟେଣ୍ଡର ଫିକ୍ସିଂ ଓ ୧୦ଲକ୍ଷ ଟଙ୍କା କାରବାର ମାମଲାରେ ତିନି ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବା ଓ ଏ ମାମଲା ସମ୍ପର୍କରେ ବିଷ୍ଣୁପଦ ସେଠୀଙ୍କ ନିକଟରେ କିଛି ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଥିବା ଉଲ୍ଲେଖ କରି ତଦନ୍ତରେ ସହଯୋଗ କରିବାକୁ ସିବିଆଇ ନୋଟିସରେ ଉଲ୍ଲେଖ କରିଛି। ଅନୁରୂପ ଭାବେ ବିଷ୍ଣୁପଦ ବ୍ୟବହାର କରୁଥିବା ସରକାରୀ ଗାଡ଼ିଗୁଡ଼ିକର ୩ ଡ୍ରାଇଭରଙ୍କୁ ମଧ୍ୟ ହାଜର ସମନ ଦିଆଯାଇଛି । ସେମାନଙ୍କ ମଧ୍ୟରୁ ନୃସିଂହ ଶତପଥି ଏବଂ ତୁଷାର ନାମକ ଡ୍ରାଇଭର ଶନିବାର ସିବିଆଇରେ ହାଜର ହୋଇଛନ୍ତି। ଅନ୍ୟ ଜଣଙ୍କୁ ସମନ ହୋଇଥିଲେ ବି ସେ ହାଜର ହୋଇନାହାନ୍ତି। ହାଜର ହୋଇଥିବା ଦୁଇ ଜଣଙ୍କଠାରୁ ବିଷ୍ଣୁପଦଙ୍କ ଦିନତମାମର ରୁଟିନ୍ ସମ୍ପର୍କରେ ପଚାରିଛନ୍ତି ସିବିଆଇ ଅଧିକାରୀ। ଏହାବ୍ୟତୀତ ବିଷ୍ଣୁପଦଙ୍କ ଘରେ ସିସିଟିଭି ଲାଗିଛି କି ନାହିଁ, ସେ କୁଆଡ଼େ ଯାତାୟତ କରନ୍ତି, କେତେଜଣ ଡ୍ରାଇଭର ଅଛନ୍ତି, ସରକାରୀ ଗାଡ଼ି ଭିନ୍ନ ସେ ଅନ୍ୟ କେଉଁ ଗାଡ଼ି ବ୍ୟବହାର କରନ୍ତି ଆଦି ସିବିଆଇ ପଚାରିଥିବା ଜଣାପଡ଼ିଛି।

ସିବିଆଇ କାର୍ଯ୍ୟାଳୟରୁ ବାହାରିବା ପରେ ଡ୍ରାଇଭର ତୁଷାର କହିଛନ୍ତି ଯେ ତାଙ୍କ ସହ ସିବିଆଇ ଅନ୍ୟ ଦୁଇ ଡ୍ରାଇଭରଙ୍କୁ ଜେରା କରିଛି। ସିବିଆଇ ଯାହା ପଚାରିଥିଲା, ସେ ସବୁ କଥା କହିଛନ୍ତି । ଏହାସହ ବାବୁ (ବିଷ୍ଣୁପଦ) ଅନ୍ୟ ମାନଙ୍କ ଗାଡ଼ିରେ ବି ଯିବା ଆସିବା କରନ୍ତି। ବିଷ୍ଣୁପଦଙ୍କ ଅନ୍ୟଜଣେ ଡ୍ରାଇଭର ନୃସିଂହ କହିଛନ୍ତି ଯେ, ସେ ଏସସି ଏସଟି ବିଭାଗରେ କାମ କରନ୍ତି। ସିବିଆଇ ଯାହା ପଚାରିଲେ ତାହାର ଉତ୍ତର ଦେଇଛି। ବିଷ୍ଣୁପଦ ଘରୁ ବାହାରି କୁଆଡେ କୁଆଡେ ଯାଉଥିଲେ ତାହା ସିବିଆଇ ପଚାରିଥିଲା। ୭ ତାରିଖ ସନ୍ଧ୍ୟା ସମୟରେ ବିଷ୍ଣୁପଦ କେଉଁଠି ଥିଲେ ସେ ନେଇ ଜାଣିବାକୁ ଚାହିଁଥିଲା । ସେଦିନ ସନ୍ଧ୍ୟା ୭ ଟାରେ ବିଷ୍ଣୁପଦଙ୍କୁ ଘରେ ସେ ଘରେ ଛାଡ଼ିଥିଲେ ଓ ଏହାପରେ ସେ କୁଆଡେ ଯାଇଥିବେ ମୁଁ ଜାଣିନି ବୋଲି ସିବିଆଇକୁ କହିଥିବା ନୃସିଂହ ସୂଚନା ଦେଇଛନ୍ତି । ବିଷ୍ଣୁପଦ ସାରଙ୍କର ତିନି ଜଣ ଡ୍ରାଇଭର ଅଛନ୍ତି। ମୁଁ ଦିନ ଦୁଇଟା ପର୍ଯ୍ୟନ୍ତ ସାରଙ୍କୁ ନେବା ଆଣିବା କରେ। ପରେ ଡ୍ରାଇଭର ତୁଷାର ନେବା ଆଣିବା କରେ। ଆଉ ଜଣେ ଡ୍ରାଇଭର ରାମ ମଧ୍ୟ ଅଛନ୍ତି ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ସିବିଆଇରେ ସମନ ନେଇ ବରିଷ୍ଠ ଆଇଏଏସ୍ ବିଷ୍ଣୁପଦ ସେଠୀ ମୁହଁ ଖୋଲି ନାହାନ୍ତି। ଅନ୍ୟପକ୍ଷରେ ସିବିଆଇ ଆଜି ବ୍ରିଜ ଆଣ୍ଡ ରୁଫ୍ କମ୍ପାନୀର ସମସ୍ତ ଦସ୍ତାବିଜ ଜବତ କରିଛି। ଗୋଟିଏ ବ୍ୟାଗ ଭର୍ତ୍ତି ଦସ୍ତାବିଜ ଅଧିକାରୀମାନେ ସିବିଆଇ ଅଫିସକୁ ଆଣିଛନ୍ତି।






# ଉତ୍ସବରେ ଦୁଲୁକୁଛି ଗଜପତି ଜିଲ୍ଲା

ଗଜପତି ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଉତ୍ସବ ଓ ମହୋତ୍ସବମାନ ଆୟୋଜନ କରାଯାଇଛି । ଫଳରେ ସଞ୍ଜ ହେଲେ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ନାଚଗୀତର ଆସର ଜମୁଛି । ନାଚଗୀତ ସାଙ୍ଗକୁ ମେଳା ଓ ଷ୍ଟଲ୍‌ରେ ଲୋକଙ୍କ ଭିଡ଼ ଜମୁଛି । ପ୍ରତ୍ୟେକ ଦିନ ହଜାର ହଜାର ଲୋକେ ଏହି ଉତ୍ସବସ୍ଥଳରେ ଏକତ୍ରିତ ହେଉଛନ୍ତି ।

## ନୂଆଗଡ଼ରେ ଋଷିଶୃଙ୍ଗ ମହୋତ୍ସବ ଉଦ୍‌ଯାପିତ



ନୂଆଗଡ,୧୪ା୧୨(ସମିସ): ଲୋକ କଳାର ବିକାଶ ତଥା ଗ୍ରାମାଞ୍ଚଳରେ ରହୁଥିବା କଳାକାରଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ସହିତ ଜିଲ୍ଲାର ଐତିହ୍ୟ ଓ ପରମ୍ପରା ପୁନରୁଦ୍ଧାର ଓ ପ୍ରଶାସନ ଦ୍ୱାରା ଗୋଷ୍ଠୀର ସମୂହ ଉନ୍ନତିର ବାସ୍ତବ ଚିତ୍ରକୁ ସର୍ବ ସାଧାରଣରେ ପ୍ରଦର୍ଶିତ ତଥା ବଡ଼ଦିନ, ନୂଆବର୍ଷ, ପୋଙ୍ଗଲ ଓ କୃଷି ଉତ୍ପାଦିତ ଦ୍ରବ୍ୟ ଘରକୁ ଆଣିବା ପରର ସଙ୍ଗୀନ ମୁହୂର୍ତ୍ତରେ ଟିକେ ହସ ଭରି ଦେବା ପାଇଁ ଗଜପତି ଜିଲ୍ଲା ନୂଆଗଡ଼ ସଦର ମହକୁମାସ୍ଥିତ ମିନି ଷ୍ଟାଡିୟମରେ ଅନୁଷ୍ଠିତ ବ୍ଲକସ୍ତରୀୟ ଗଜପତି ଉତ୍ସବ ତଥା ଋଷିଶୃଙ୍ଗ ମହୋତ୍ସବ ଉଦଯାପିତ ହୋଇଛି । ଉଦଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷ ଜି.ଗାବରା ତିରୁପତି ରାଓ, କାଶୀନଗର ବ୍ଲକ ଅଧକ୍ଷା ବାଲା ସାୟାମା, ଗୁମ୍ମା ବ୍ଲକ ଅଧକ୍ଷା ସୁନାମି ମଣ୍ଡଳ, ବ୍ଲକ ଅଧକ୍ଷା ମାଳତୀ ପ୍ରଧାନ, ଉପାଧକ୍ଷ ନିହିମୀୟ ରଇତ, ବିଡିଓ ଲୋକନାଥ ଶବର ଓ ତହସିଲଦାର ମୋନାଲିସା ଆଚାର୍ଯୀ ଯୋଗ ଦେଇଥିଲେ । ଜିଲ୍ଲାପାଳ ବିଜୟ କୁମାର ଦାସ କିଛି ସମୟ ଉପସ୍ଥିତ ହୋଇ ଗପ କହି ଦର୍ଶକଙ୍କୁ ମନମୁଗ୍ଧ କରାଇଥିଲେ । ପ୍ରଥମେ ବ୍ଲକର ବିଭିନ୍ନ ଗଣମାଧମ ପ୍ରତିନିଧିଙ୍କୁ ସମ୍ମାନିତ କରାଯିବା ସହ ବିଭିନ୍ନ ସରକାରୀ ବିଭିନ୍ନ , ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂଗଠନ, କେତେକ ବ୍ୟକ୍ତି ବିଶେଷଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ଉଦଯାପନୀ ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ଗାୟକ ରୁକୁ ସୁନା । ଏଥିସହ ଗ୍ରାମାଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା । ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତିସଭ୍ୟ ଓ ପିଆରଆଇ ମେମ୍ବର ସହଯୋଗ କରିଥିଲେ ।

## ମୋହନା ମହୋତ୍ସବ ଉଦ୍‌ଯାପିତ

### ସାଂସ୍କୃତିକ କାର୍ଯ୍ୟକ୍ରମରେ ଦୁଲୁକିଲା ମଞ୍ଚ




ମୋହନା,୧୪ା୧୨(ସମିସ)

ଗଜପତି ଜିଲ୍ଲା ମୋହନାସ୍ଥିତ ହାଇସ୍କୁଲ ମିନି ଷ୍ଟାଡିୟମରେ ଶୁକ୍ରବାର ବ୍ଲକସ୍ତରୀୟ ମୋହନା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି । ଏଥିବରେ ମୁଖ୍ୟଅତିଥି ଭାବେ ମୋହନା ବିଧାୟକ ଦାଶରଥି ଗମାଙ୍ଗ ଯୋଗ ଦେଇଥିଲେ । ଉତ୍ସବରେ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ ପାଣିଗ୍ରାହୀ, ଜିଲ୍ଲାପାଳ ବିଜୟ ଦାସ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିରାଙ୍ଗ ବୌଦ୍ଧ ମନ୍ଦିର ଗୁରୁଜୀ ଖେଁପୋ ପେମା ଟେମ୍ପଲ ଓ ବ୍ଲକ ଅଧକ୍ଷ ରଞ୍ଜୀବ ଶବର ଯୋଗ ଦେଇଥିଲେ । ବିଭିନ୍ନ ଷ୍ଟଲ ପ୍ରଦର୍ଶିତ ହୋଇଛି । ମୋହନା ବିଡ଼ିଓ ରାଜୀବ ଦାସଙ୍କ ସଂଯୋଜନାରେ ଆୟୋଜିତ ଦ୍ୱିତୀୟ ସନ୍ଧ୍ୟାରେ ରାଜ୍ୟର ବହୁ ସୁନାମଧନ୍ୟ କଳାକାର ଯୋଗଦେଇ ସଂଗୀତ ପରିବେଷଣ କରିଥିଲେ । ଏଥିସହ ସ୍ଥାନୀୟ ବିଭିନ୍ନ ଅଞ୍ଚଳରୁ ଆସିଥିବା କଳାକାର ନୃତ୍ୟ ଏବଂ ଗୀତ ପରିବେଷଣ କରିଥିଲେ । ସାଂସ୍କୃତକ କାର୍ଯ୍ୟକ୍ରମରେ ମଞ୍ଚ ଦୁଲୁକି ଉଠିଥିଲା । ସମ୍ମାନିତ ଅତିଥି ଭାବେ

## ରାୟଗଡ଼ରେ ମହେନ୍ଦ୍ର ଉତ୍ସବ ଉଦ୍‌ଘାଟିତ

ରାୟଗଡ଼,୧୪ା୧୨(ସମିସ): ଯେଉଁ ନା ପୃଥିବୀର ସମସ୍ତଙ୍କୁ ଆକର୍ଷଣ କରିବା ପାଇଁ ସାମର୍ଥ୍ୟ ରଖେ ସେ ନା ହେଉଛି ମହେନ୍ଦ୍ର । ସେହି ନାମରେ ଆଜି ନାମକରଣ କରାଯାଇ ମହେନ୍ଦ୍ର ଉତ୍ସବ ପାଳନ ହେଉଛି ବୋଲି ବ୍ଲକସ୍ତରୀୟ ମହେନ୍ଦ୍ର ଉତ୍ସବକୁ ଉଦଘାଟନ କରି ଖଣି, ଇସ୍ପାତ ଏବଂ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ଗଜପତି ଜିଲ୍ଲା ରାୟଗଡ ବ୍ଲକ ସଦରମହକୁମା ହାଇସ୍କୁଲ ପଡିଆରେ ଦୁଇ ଦିନ ଧରି ବ୍ଲକସ୍ତରୀୟ ମହେନ୍ଦ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ଅଧକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଡାଇରେକ୍ଟର ଟିଡିସିସି-ଓଏଲ ଅନ୍ତର୍ଯ୍ୟାମୀ ଗମାଙ୍ଗ, ଉପାଧକ୍ଷ ଜ୍ୟୋତି ପ୍ରସାଦ ପାଣି, ବିଡ଼ିଓ ସୁଧୀର କୁମାର ସିଂ, ତହସିଲଦାର ସୁକାନ୍ତ ପ୍ରଧାନ ଓ ଜିଲ୍ଲା ପରିଷଦ ସଭ୍ୟା ଗୌତମୀ ଜାନିଙ୍କ ସମେତ ସମସ୍ତ ପଞ୍ଚାୟତ ପ୍ରତିନିଧି ମଞ୍ଚାସୀନ ଥିଲେ । ସ୍ଥାନୀୟ ଶିବ ମନ୍ଦିରରେ ପୂଜା ଅର୍ଚ୍ଚନା କରି ମଶାଲ ଶୋଭାଯାତ୍ରା ବାହାରିଥିଲା । ମଶାଲ ସଭାସ୍ଥଳରେ ପହଞ୍ଚିଥିଲା । ଉକ୍ତ କାର୍ଯ୍ୟକ୍ରମ ଦୀର୍ଘ ୧୯ ବର୍ଷ ଧରି ରାୟଗଡ ବ୍ଲକରେ ଅନୁଷ୍ଠିତ ହୋଇ ଆସୁଛି । ଏହି ଅବସରରେ ବିଭିନ୍ନ ପଞ୍ଚାୟତ କଳାକାର÷ଙ୍କ ଦ୍ୱାରା ବିଭିନ୍ନ ପ୍ରକାରର କଳା ପ୍ରଦର୍ଶିତ ହୋଇଥିଲା । ଏହା ସହ ପାରଳାଖେମୁଣ୍ଡିର ବନ୍ଦେ ମାତରମ୍ ଡ୍ୟାନ୍ସ ଗ୍ରୁପର କଳାକାର ଓ ମିରାକାଲ ଡ୍ୟାନ୍ସ ଗ୍ରୁପର ପ୍ରଦର୍ଶନ ଦର୍ଶକଙ୍କୁ ମଧରାତ୍ର ପର୍ଯ୍ୟନ୍ତ ବାନ୍ଧି ରଖିଥିଲା । ଡ. ଲିମା ମହାନ୍ତି ଓ କାଳୀପ୍ରସାଦ ଶବର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



### ରାଷ୍ଟ୍ରୀୟ ଲୋକ ଅଦାଲତ

## ଗଜପତିରେ ୧୬୧୮ ମାମଲାର ତ୍ୱରିତ ସମାଧାନ

**୩୨,୨୯,୬୩୫ ଟଙ୍କା ଜରିମାନା ଆଦାୟ**

ପାରଳାଖେମୁଣ୍ଡି,୧୪ ।୧୨(ସମିସ): ଗଜପତିରେ ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି । ଜାତୀୟ ଆଇନ ସେବା ପ୍ରାଧିକରଣ ଓ ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ ପ୍ରକାରେ ଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ଗଜପତି ଜିଲ୍ଲା ତଥା ଦୌରାଜଜ୍ ପ୍ରଣବ କୁମାର ରାଉତରାୟ ଉପସ୍ଥିତ ରହି କୋର୍ଟ କାର୍ଯ୍ୟ ତଦାରଖ ସହ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଲୋକ ଅଦାଲତରେ ସଚିବ ବିମଳ ରାଉଳ ପରିଚାଳନା କରିଥିଲେ । ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ବିଚାରଧୀନ ଥିବା ମାମଲାର ତ୍ୱରିତ ବିଚାର ପାଇଁ ପଦକ୍ଷେପ ସ୍ୱରୂପ ବିଭିନ୍ନ କୋର୍ଟ ବ୍ୟାଞ୍ଚ୍ ମାନ ପ୍ରତିଷ୍ଠା କରାଯାଇଥିଲା । ଲୋକ ଅଦା ।ଲତରେ ପରିବାର ଅଦା ।ଲତ ଜଜ୍ ଅଶୋକ କୁମାର ପହି, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଦୀପ କୁମାର ସାମଲ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ ନରୋତ୍ତମ ସେଠୀ, ରେଜିଷ୍ଟ୍ରାର୍, ସିଭିଲ୍ କୋର୍ଟ ପ୍ରସନ୍ନ କୁମାର ବେହେରା, ବରିଷ୍ଠ ଦେୱାନୀ ଅଧିକାରିଣୀ ମହିଳା କୋର୍ଟ ରଶ୍ମିତା ସାହୁ, ଉପଖଣ୍ଡୀୟ ବିଚାର ବିଭାଗୀୟ ଅଧିକାକାରିଣୀ ବିଷ୍ଣୁପ୍ରିୟା ସାମନ୍ତରାୟ ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୁଭାଶିଷ ପାଣି ଉପସ୍ଥିତ ରହି ନିଜ କୋର୍ଟ କାର୍ଯ୍ୟ ସମ୍ପାଦନ କରିଥିଲେ । ସେହିପରି ରା.ଉଦୟଗିରି କୋର୍ଟରେ ଆଆୟୋଜିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ସବ୍‌ଜଜ୍ ପୁଣ୍ୟଶ୍ଲୋକ ରଥ, ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ତରୁଣ କୁମାର ସେଠୀ, ମୋହନା କୋର୍ଟ ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରୀ ଶୁଭଜିତ ବେହେରା ଓ କାଶୀନଗର ଗ୍ରାମ୍ୟ ନ୍ୟାୟାଳୟର ପ୍ରଥମ ଶ୍ରେଣୀୟ ବିଚାର ବିଭାଗୀୟ ଅଧିକାରିଣୀ ମୋନାଲିସା ବେହେରା ଉପସ୍ଥିତ ରହି ନିଜ ନିଜ କୋର୍ଟ କାର୍ଯ୍ୟ ସମ୍ପା ।ଦନ କରିଥିଲେ । ଆୟୋଜିତ ଲୋକ ଅଦାଲତରେ ରାଜ୍ୟ ଆଇନ ସେବା ପ୍ରାଧିକାରଣଙ୍କ ନିର୍ଦ୍ଦେଶ କ୍ରମେ ବିଭିନ୍ନ ରାଷ୍ଟ୍ରୀୟ ବ୍ୟାଙ୍କର ଅଧିକାରୀ ମଧ ଉପସ୍ଥିତ ରହି ବିଭିନ୍ନ ବ୍ୟାଙ୍କ ସମ୍ବନ୍ଧୀୟ ବିଭିନ୍ନ ମାମଲାର ସମାଧାନ ପାଇଁ ଚେଷ୍ଟା କରିଥିଲେ । ଆୟୋଜିତ ଏହି ଲୋକ ଅଦାଲତରେ ଜିଲ୍ଲା କୋର୍ଟ ଓକିଲ ସଂଘର ସଭାପତି ଓ ସମ୍ପାଦକଙ୍କ ସମେତ ସମସ୍ତ ବରିଷ୍ଠ ଓକିଲ ବୃନ୍ଦ ଉପସ୍ଥିତ ଥିଲେ । ବିଭିନ୍ନ କୋର୍ଟରେ ସମୁଦାୟ ୨୯୦୦ କେସକୁ ବିଚାରକୁ ନିଆଯାଇ ୧୬୧୮ ମାମଲାର ତ୍ୱରିତ ସମାଧାନ କରାଯାଇ ୩୨,୯୬,୬୩୫ ଜରିମାନା ଆଦାୟ କରାଯାଇଥିଲା । କୋର୍ଟ କର୍ମଚାରୀ ଓ ପ୍ରାଧିକରଣର କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

## ବସ୍-ବାଇକ୍ ମୁହାଁମୁହିଁ, ଜଣେ ମୃତ

ଫୁଲବାଣୀ,୧୪ା୧୨(ସମିସ): ଶୁକ୍ରବାର ରାତିରେ ସଦର ଥାନା ଅଞ୍ଚଳରେ ଏକ ଯାତ୍ରୀବାହୀ ବସ ସହିତ ବାଇକ ମୁହାଁମୁହିଁ ହେବା ଫଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଛି । ମୃତକ ଜଣକ ସାରଙ୍ଗଡ ଅଞ୍ଚଳର ଗୌର ଚନ୍ଦ୍ର ନାୟକ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଗୌର ଶୁକ୍ରବାର କୌଣସି କାମରେ ଫୁଲବାଣୀ ଆସି ରାତିରେ ବାଇକରେ ସାରଙ୍ଗଡ ଫେରୁଥିଲେ । ସଦର ଥାନା ବିଶିପଡା ଛକ ନିକଟରେ ବରଗଡରୁ ବ୍ରହ୍ମପୁର ଯାଉଥିବା ସରକାରୀ ଯାତ୍ରୀବାହୀ ବସ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଏଥିରେ ଗୌରଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା । ସଦର ପୁଲିସ ପହଞ୍ଚି ବସକୁ ଜବତ କରିବା ସହିତ ଡ୍ରାଇଭରଙ୍କୁ ଅଟକ ରଖିଛି । ସଦର ଥାନା ଅଧିକାରୀ ବସର ଯାତ୍ରୀଙ୍କୁ ଫୁଲବାଣୀ ବସଷ୍ଟାଣ୍ଡରେ ପହଞ୍ଚାଇବା ବ୍ୟବସ୍ଥା କରିଥିଲେ । ଯାତ୍ରୀ ଅନ୍ୟ ବସରେ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ଯାଇଥିଲେ ।

### ପରିବହନ ମନ୍ତ୍ରୀଙ୍କ ରାୟଗଡ଼ ବ୍ଲକ୍ ଗସ୍ତ

## ମାରାଥନ୍ ଗସ୍ତ ସମୟରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ଉଦ୍‌ଘାଟନ କଲେ



ପାରଳାଖେମୁଣ୍ଡି,୧୪ ।୧୨(ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଜିରାଙ୍ଗ ଗ୍ରାମରେ ଖଣି ଓ ଇସ୍ପାତ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୁତି ଭୂଷଣ ଜେନା ଓ ମୋହନା ବିଧାୟକ ଦାଶରଥି ଗମାଙ୍ଗଙ୍କ ଦ୍ୱାରା ଶୁକ୍ରବାର ଉନ୍ନତିମୂଳକ ପ୍ରକଳ୍ପ ଉଦ୍‌ଘାଟିତ ହୋଇଛି । ମନ୍ତ୍ରୀ ଶ୍ରୀ ଜେନା ଗୁରୁବାର ମହେନ୍ଦ୍ରଗିରିରେ ରାତ୍ରିଯାପନ କରି ଶୁକ୍ରବାର ସକାଳେ କଇଁପୁରରେ ପହଞ୍ଚି ମାରାଥନ୍ ଗସ୍ତ ଆରମ୍ଭ କରିଥିଲେ । କଇଁପୁର ଗ୍ରାମରେ ରାଧାକୃଷ୍ଣ ମନ୍ଦିର ମଣ୍ଡପର ଶୁଭାରମ୍ଭ କରିଥିଲେ । ସେହିପରି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳରେ ୨୧ ଉନ୍ନତିମୂଳକ କାର୍ଯ୍ୟର ଉଦଘାଟନ କରିବା ପରେ ମଧ୍ୟାହ୍ନରେ ଜିରାଙ୍ଗରେ ପହଞ୍ଚିଥିଲେ । ମନ୍ତ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରେ ନୂତନ କରି ନିର୍ମାଣ ହୋଇଥିବା ଗୋଷ୍ଠୀଗୃହ ଓ ରୋଷେଇ ଗୃହର ଉଦଘାଟନ କରିଥିଲେ । ଏହାପରେ ରଥଦାଣ୍ଡସାହିରେ ନବନିର୍ମିତ ବାଲିଘର ଓ ଗୋଷ୍ଠୀକେନ୍ଦ୍ର ଉଦଘାଟନ କରିଥିଲେ । ଜିରାଙ୍ଗ ଦେଇ ପାରଳାଖେମୁଣ୍ଡି ଠାରୁ ପୁରୀ ଏକ ସରକାରୀ ବସ ଓ ଜିରାଙ୍ଗରେ ଥିବା ଗୁପ୍ତେଶ୍ୱର ମନ୍ଦିରର ଉନ୍ନତି ଓ ରାସ୍ତା ନିର୍ମାଣ ପାଇଁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହା ସହିତ ଭଗ୍ନ ତୁମ୍ବେଶ୍ୱର ମନ୍ଦିର ଓ ଗ୍ରାମଦେବୀ ମା ଠାକୁରାଣୀ ମନ୍ଦିରର ବିକାଶ ପାଇଁ ମଧ ସ୍ମାରକପତ୍ର ଦିଆଯାଇଥିଲା । ସେହିପରି ବିଷମପାଡ୍ଡୁ ଗ୍ରାମ ଛକରେ ଅଞ୍ଚଳବାସୀ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ଅଞ୍ଚଳର ସମସ୍ୟାକୁ ନେଇ ସ୍ମାରକପତ୍ର ପ୍ରଦାନ କରିଥିଲେ । ସ୍ମାରକପତ୍ର ତଥା ଅଭିଯୋଗ ପତ୍ର ଗ୍ରହଣ କରି ମନ୍ତ୍ରୀ ଶ୍ରୀ ଜେନା ସମ୍ପୃକ୍ତ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସହ ଆଲୋଚନା କରି ସମସ୍ୟା ଗୁଡିକର ସମାଧାନ ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ମନ୍ତ୍ରୀଙ୍କ ମାରାଥନ୍ ଗସ୍ତ ସମୟରେ ଅନ୍ୟମାନଙ୍କ ମଧରେ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାଶ, ଉପଜିଲ୍ଲାପାଳ ଅନୁପ ପଣ୍ଡା, ରାୟଗଡ଼ ବିଡ଼ିଓ ସୁଧୀର କୁମାର ସିଂ, ରାୟଗଡ଼ ବ୍ଲକ ଅଧ୍ୟାକ୍ଷା ପୂର୍ଣ୍ଣବାସୀ ନାୟକ, ଟିଡିସିସି ଓଏଲ ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଗମାଙ୍ଗ, ବିଜେପି କାର୍ଯ୍ୟକାରିଣୀ ସଦସ୍ୟ, ସିଦ୍ଧେଶ୍ୱର ମିଶ୍ର, ପ୍ରଶାନ୍ତ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ବସ୍-ପିକ୍‌ଅପ୍ ମୁହାଁମୁହିଁ; ୨୦ ଆହତ, ତିନି ଗୁରୁତର

ଫୁଲବାଣୀ,୧୪ା୧୨(ସମିସ)

ଶନିବାର ସକାଳେ ସଦର ଥାନା ଶଙ୍ଖିକଟା ବୁଲାଣୀ ନିକଟରେ ଏକ ଯାତ୍ରୀବାହୀ ବସ ସହିତ ଏକ ପିକଅପ ଭ୍ୟାନ ମୁହାଁମୁହିଁ ଧକ୍କା ହେବା ଫଳରେ ୨୦ ଜଣ ଆହତ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ତିନି ଜଣ ଗୁରୁତର ଅଛନ୍ତି । ସୂଚନା ଅନୁଯାୟୀ ଦାରିଙ୍ଗବାଡିରୁ ଫୁଲବାଣୀ ଆସୁଥିବା ଏସକର୍ଟ ନାମକ ଯାତ୍ରୀବାହୀ ବସ ସଦର ଥାନା ଅନ୍ତର୍ଗତ ଶଙ୍ଖିକଟା ବୁଲାଣୀ ନିକଟରେ ଫୁଲବାଣୀରୁ ଫିରିଙ୍ଗିଆ ଆଡକୁ ଯାଉଥିବା ଏକ ପିକ ଅପ ଭ୍ୟାନ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ପ୍ରାୟ ୨୦ ଜଣ ଆହତ ହୋଇଛନ୍ତି । ବସର ହେଲପର ସିବିର ପ୍ରଧାନଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି । ଅନ୍ୟ ଦୁଇ ଗୁରୁତର ବିଘ୍ନେ ବେହେରା ଓ ପ୍ରତିମା ନାୟକ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ସଦର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଛି ।

## ସମ୍ପୂର୍ଣ୍ଣ ହେଉନି ବଜାର ପୋଖରୀ ପୁନରୁଦ୍ଧାର କାମ

ଜି.ଉଦୟଗିରି,୧୪ା୧୨(ସମିସ)

ପୂରା ସହର ବଜାର ପୋଖରୀ ଉପରେ ନିର୍ଭର କରୁଥିବା ବେଳେ ସଂପୂର୍ଣ୍ଣ ହୋଇ ପାରୁନି ପୁନରୁଦ୍ଧାର କାମ । ଏହା ଦିନକୁ ଦିନ ଦୂଷିତ ହେଉଥିବା ବେଳେ ପରିଶ୍ରାଗାରରେ ପରିଣତ ହେଉଛି । ସମସ୍ତେ ପୋଖରୀରେ ସ୍ନାନ କରୁଥିବା ବେଳେ ବିଭିନ୍ନ ଆଧାମିକ, ମାଙ୍ଗଳିକ ଓ ଶୁଦ୍ଧକ୍ରିୟା କାର୍ଯ୍ୟ ପାଇଁ ମଧ ଲୋକେ ଏହି ପୋଖରୀ ଉପରେ ନିର୍ଭରଶୀଳ ।

ବିଶେଷକରି ଦଣ୍ଡଯାତ୍ରା ସମୟରେ ୧୩ ଦିନ ଯାତ୍ରା ସମୟରେ ଠାକୁରଙ୍କ ସ୍ନାନ ରୀତିନୀତି ହୋଇଥାଏ । ଏହାକୁ ନେଇ ପୂରା ସହର ଉତ୍ସବମୁଖର ରହିଥାଏ । ହେଲେ ଗତ କିଛି ବର୍ଷ ହେଲା ଏହି ପୋଖରୀ ବ୍ୟବହାର ଉପଯୋଗୀ ହୋଇ ନ ପାରିବା କାରଣରୁ ନଦୀନାଳରେ ସ୍ନାନ କରୁଛନ୍ତି । ଯାହାକୁ ନେଇ ସହରରେ ଉଦବେଗ ପ୍ରକାଶ ପାଇଛି । ପ୍ରତି ବର୍ଷ ଦଣ୍ଡ ଯାତ୍ରା ପରିଚାଳନା କମିଟି ତରଫରୁ କାର୍ଯ୍ୟ ସଂପୂର୍ଣ୍ଣ କରିବାକୁ ଅନୁରୋଧ କରାଯାଉଥିଲେ ମଧ ତାହା ହେଉନାହିଁ । ଆଗକୁ ଦଣ୍ଡ ଯାତ୍ରା ଆସୁଥିବା ବେଳେ ଚଳିତ ବର୍ଷ ପୋଖରୀ ଠାକୁରଙ୍କ ସ୍ନାନ ରୀତିନୀତି ହୋଇପାରିବ କି ନାହିଁ ସନ୍ଦେହ ପ୍ରକାଶ ପାଇଛି । ପାଖାପାଖି ୧୮ ଲକ୍ଷ ଟଙ୍କାରେ ଆମ ପୋଖରୀ, ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନରେ ପୁନରୁଦ୍ଧାର ୬ ମାସ ପୂର୍ବେ କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ଶେଷ ହେଉନି । ପୂରା ସହର ନିର୍ଭର କରୁଥିବା ପୋଖରୀ ସହିତ ଠାକୁରଙ୍କ ସ୍ନାନ ରୀତିନୀତି ଲକ୍ଷ୍ୟ କରି ଶୀଘ୍ର ପୁନରୁଦ୍ଧାର କାର୍ଯ୍ୟ ଶେଷ କରିବାକୁ ଦାବି ହେଉଛି । ଏସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯିବାରେ ଖୁବଶୀଘ୍ର କାର୍ଯ୍ୟ ଶେଷ କରାଯିବ ବୋଲି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡଙ୍ଗୀ କହିଛନ୍ତି ।



## ଜି.ଉଦୟଗିରିରେ ପ୍ରାକ୍ ବଡ଼ଦିନ ପର୍ବ

ଜି.ଉଦୟଗିର,୧୪ା୧୨(ସମିସ): ଫୁଲବାଣୀ ଧର୍ମାଞ୍ଚଳ ପକ୍ଷରୁ ଜି.ଉଦୟଗିରି ସ୍ଥିତ ମନରୋମା ରିସର୍ଟରେ ପ୍ରାକ ବଡ଼ଦିନ ପର୍ବ ପାଳିତ ହୋଇଛି । ମୁଖ୍ୟଅତିଥି ଫୁଲବାଣୀ ଧର୍ମାଞ୍ଚଳ ବିଶପ ମହାଚାର୍ଯ୍ୟ ଭାଓଲେଟ ନାୟକ, ମୁଖ୍ୟବକ୍ତା ଆଚାର୍ଯ୍ୟ ଡ.ବିନୋଦ ପିତର ସେନାପତି ଯୋଗ ଦେଇଥିଲେ । ମୁଖ୍ୟଅତିଥି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଆରମ୍ଭ କରିଥିବା ବେଳେ ଜି.ଉଦୟଗିରି ପାଷ୍ଟରେଟ ୟୁନିଅନର ସମ୍ପାଦକ ବାକିରାମ ନାୟକ ଓ ଆଚାର୍ଯ୍ୟ ଆଲୋକ ପ୍ରଧାନ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ । ଏଥିରେ ୧୯ ମଣ୍ଡଳୀର ସଭ୍ୟଙ୍କ ସହ ବହୁ ସଂଖ୍ୟାରେ ଖ୍ରୀଷ୍ଟ ଧର୍ମାବଲମ୍ବୀ ଯୋଗ ଦେଇଥିଲେ ।

## ଫିରିଙ୍ଗିଆ ଓ ଗୋଛାପଡ଼ା ଅଞ୍ଚଳରୁ ୨୬୨ ଏକର ଗଞ୍ଜେଇ ଗଛ ନଷ୍ଟ

ଫିରିଙ୍ଗିଆ,୧୪ା୧୨(ସମିସ): କନ୍ଧମାଳ ଜିଲାରେ ଗଞ୍ଜେଇ କଟା ଅଭିଯାନ ଜୋର ସୋର ଚାଲିଥିବା ବେଳେ ଶନିବାର ପୁଣି ଫିରିଙ୍ଗିଆ ଥାନା ବନ୍ଧଗଡ଼ ପଞ୍ଚାୟତର ବିଭିନ୍ନ ଜଙ୍ଗଲ ଏରିଆରୁ ଏବଂ ଗୋଛାପଡ଼ା ଥାନା ର କ୍ରାଣ୍ଡି ବାଲି ପଞ୍ଚାୟତର ବିଭିନ୍ନ ଗ୍ରାମର ଜଙ୍ଗଲ ଅଞ୍ଚଳରୁ ୨୬୨ ଏକର ଗଞ୍ଜେଇ ଗଛ ନଷ୍ଟ କରାଯାଇଛି । ସୂଚନା ଅନୁସାରେ ଫିରିଙ୍ଗିଆ ଥାନା ଓ ଅବକାରୀ ବିଭାଗ ତରଫରୁ ମିଳିତ ଭାବରେ ଫିରିଙ୍ଗିଆ ବ୍ଲକ ବନ୍ଧଗଡ଼ ପଞ୍ଚାୟତର ଚଡିଆପାଲୀ, ବେହେରା ପକାଲ, କଟ୍ର ପକାଲ, ଗାଁର ଜଙ୍ଗଲରେ ଲାଗିଥିବା ୧୧୨ ଏକର ବେଆଇନ ଗଞ୍ଜେଇ ଗଛକୁ କାଟି ନଷ୍ଟ କରାଯାଇଛି । ସେହିଭଳି ଫିରିଙ୍ଗିଆ ବ୍ଲକ ଗୋଛାପଡା ଥାନା କ୍ରାଣ୍ଡିବାଲି ପଞ୍ଚାୟତର ଗାଡିପଦର, ଗାଁର ଜଙ୍ଗଲରୁ ୧୫୫ ଏକର ବେଆଇନ ଗଞ୍ଜେଇ ଗଛକୁ କାଟି ସଫା କରିଛି ଗୋଛାପଡା ପୁଲିସ । ଏହି ଗଞ୍ଜେଇ କଟା ଅଭିଯାନରେ ପୁଲିସ, ଅବକାରୀ ବିଭାଗ କର୍ମଚାରୀଙ୍କ ସହ ଶ୍ରମିକ ନିୟୋଜିତ ହୋଇଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ଡି ଭି ଏଫ ଯବାନ ସାମିଲ ଥିଲେ ।



# ଶ୍ରୀଅରବିନ୍ଦ ଯୋଗାଶ୍ରମର ବାର୍ଷିକ ଉତ୍ସବ ଶୁଭାରମ୍ଭ



**ରମ୍ଭା,୧୪।୧୨(ସମିସ):** ଶନିବାର ଦିନ ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ସାବୁଳିଆ ପଞ୍ଚାୟତର ଶ୍ରୀଅରବିନ୍ଦ ଯୋଗାଶ୍ରମ ସମ୍ମୁଖରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଦିନରେ ମଦର୍ଶ ମ୍ୟୁଜିକ, ପତାକା ଉତ୍ତୋଳନ, ଶାରୀରିକ କ୍ରୀଡା ନୈପୁନ୍ୟ ପ୍ରଦର୍ଶନ, ସାଂସ୍କୃତିକ ବିଚିତ୍ରା, ସାମରିକ ଅଭିବାଦନ(ମାର୍ଚ୍ଚ ପାଷ୍ଟ, ସ୍ୱାଗତିକାର ନବ ଛନ୍ଦ), ଜ୍ଞାନପତ୍ର ଗ୍ରହଣ, କୃତୀ ଛାତ୍ର ଛାତ୍ରୀଙ୍କୁ ପୂର୍ବରୁ ଅନୁଷ୍ଠିତ ଖେଳକୁଦର ପ୍ରାଇଜ ସହ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା କେ ବେଦମତୀ ପାତ୍ର, ମ୍ୟାନେଜିଙ୍ଗ ଟ୍ରଷ୍ଟି ଗୋପାଳକୃଷ୍ଣ ସେନାପତି, ରମ୍ଭା ଏନଏସି ପୂର୍ବତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା, ଡିଓଏଲଆଇସି ଛତ୍ରପୁର ପ୍ରଭାକର ନାହାକ, ବିଡିସି (ଏଲଆଇସି) ସମ୍ପାଦକ ମନ୍ମଥ କୁମାର ପାଢ଼ୀ, ଖଲ୍ଲିକୋଟ ବ୍ଲକ ଅରବିନ୍ଦ ପାଠଚକ୍ର ସଂଗଠନ ଶିବରାମ ପଣ୍ଡା, ପୂର୍ବତନ ସରପଞ୍ଚ ସାବୁଳିଆ ପଞ୍ଚାୟତ ଶ୍ରୀଦ୍ଧାର୍ଥ ଶଙ୍କର ପଲାଇ, ରାଉରକେଲା ଷ୍ଟିଲ ପ୍ଲାଣ୍ଟ ବରିଷ୍ଠ ମ୍ୟାନେଜର ଅରୂପ କୁମାର ସୁବୁଦ୍ଧି, ଏମ ନରସିଂହ ସୁବୁଦ୍ଧି, ଟି ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି (ଶିଳ୍ପପତି), ପି ପ୍ରସାଦ ରାଓ ପୃଷ୍ଟି ପ୍ରମୁଖ ମଞ୍ଚାସୀନ ରହିଥିଲେ। ସଭା ସଞ୍ଚାଳନରେ ଲକ୍ଷ୍ମୀବାଇ ଦଳାଇ(ସାଧିକା ଶିକ୍ଷୟିତ୍ରୀ) ରହିଥିବା ବେଳେ ଶିକ୍ଷାକେନ୍ଦ୍ରର ଅପା / ଭାଇ ସଂଯୋଜନା କରିଥିଲେ।

# ପବ୍ଲିକ୍ ସ୍କୁଲରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ

**ବୁଗୁଡ଼ା,୧୪।୧୨(ସମିସ):** ସ୍ଥାନୀୟ ନିୟୁ ଏରା ପବ୍ଲିକ୍ ସ୍କୁଲ ପକ୍ଷରୁ ସ୍ୱପରିସରରେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୪୭ଟି ପ୍ରକଳ୍ପ ସ୍ଥାନ ପାଇଥିବା ବେଳେ ବିଚାରକ ଭାବେ ଭାମାଯାଳି ହାଇସ୍କୁଲ ଶିକ୍ଷୟିତ୍ରୀ ପ୍ରିୟଦର୍ଶନୀ ପ୍ରଧାନ, ବିରଞ୍ଚି ନାରାୟଣ ବାଳିକା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସଂଗ୍ରାମ କେଶରୀ ନାୟକ, ବୁଦ୍ଧଗିରି ବିଦ୍ୟାପୀଠ ଶିକ୍ଷକ ବରାହ ପ୍ରସାଦ ମହାପାତ୍ର ପ୍ରମୁଖ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ସ୍କୁଲ ଉପାଧ୍ୟକ୍ଷ ଅନିରୁଦ୍ଧ ଗୌଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ଶଙ୍କର ନାୟକ, ଗୋରୀ ମିଶ୍ର, ସିମାଞ୍ଚଳ ଦାଶ, ନାରାୟଣ ସେଠୀ, ବୈଷ୍ଣବ ଚରଣ ଦାଶ ଏବଂ ଶିକ୍ଷୟିତ୍ରୀ ରୋଜାଲିନ୍ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



# ଗ୍ରାମ୍ୟ କୃଷି କର୍ମଚାରୀ ଶାଖା ସମ୍ମିଳନୀ



**ଛତ୍ରପୁର,୧୪।୧୨(ସମିସ):** ଆଞ୍ଚଳିକ କୃଷି ସମ୍ପ୍ରସାରଣ ଓ ତାଲିମ ପ୍ରତିଷ୍ଠାନ ସ୍ଥିତ କନଫରେନ୍ସ ହଲରେ ଗ୍ରାମ୍ୟ କୃଷି କର୍ମଚାରୀ ସଂଘ ଗଞ୍ଜାମ ଜିଲ୍ଲା ଶାଖାର ସଭାପତି ଅରୁଣ ପ୍ରଧାନଙ୍କ ନେତୃତ୍ୱରେ ସାଧାରଣ ବୈଠକ ତଥା ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବ ବିବରଣୀ ପାଠ କରାଯାଇଥିଲା ଏବଂ ସଂଘର ବିଭିନ୍ନ ସମସ୍ୟା ଓ ଦାବି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ ସଂଗଠନକୁ କିଭଳି ସୁଦୃଢ଼ କରାଯିବ ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ଜିଲ୍ଲାର ବହୁ ସଂଖ୍ୟାରେ ଗ୍ରାମ୍ୟ କୃଷି କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଂଘର ଚ୍ୟାୟରମ୍ୟାନ ଭାବେ ଦେବପ୍ରସାଦ ସାହୁ, ଉପଦେଷ୍ଟା ଭାବେ ରାଜେଶ କୁମାର ସେଠି, ସଭାପତି ଭାବେ ସନାତନ ବେହେରା, ସାଧାରଣ ସମ୍ପାଦକ ଭାବେ ବୈରାଗୀ ସ୍ୱାଇଁ, ଉପ ସଭାପତି ଭାବେ ଅଶୋକ କୁମାର ବେହେରା, କୃଷ୍ଣଚନ୍ଦ୍ର ସାହୁ ଓ ଚିତ୍ତରଞ୍ଜନ ଜାଲୀ, ସଂଗଠନ ସମ୍ପାଦକ ଭାବେ ଅନିଲ ପଣ୍ଡା ଓ ଧରିତ୍ରୀ ପାଢ଼ୀ, କୋଷାଧ୍ୟକ୍ଷ ଭାବେ ଦଣ୍ଡେଶ୍ୱର ପରିଡା, ସହ ସମ୍ପାଦକ ଭାବେ ରାଜେନ୍ଦ୍ରନନ୍ଦ ରେଡି ଓ ସଂଯୁକ୍ତା ପଣ୍ଡା, ମିଡ଼ିଆ ସମ୍ପାଦକ ଭାବେ ଅଶୋକ କୁମାର ସାହୁ, ସମୀକ୍ଷକ ଭାବେ ଜଗନ୍ନାଥ ଛୋଟରାୟ ଓ ମୁରଲୀଧର ପାତ୍ରଙ୍କୁ ଚୟନ କରାଯାଇଥିଲା।












ସକାଳ THE SAKALA
www.sakalaepaper.com
ଦକ୍ଷିଣ ଓଡ଼ିଶା

# ଦୀର୍ଘସ୍ଥାୟୀ ଔଷଧୀୟ ମଶାରି ବଣ୍ଟନ

**ଫୁଲବାଣୀ,୧୪।୧୨(ସମିସ):** ସଦର ବ୍ଲକ ଅନ୍ତର୍ଗତ ଗୁମାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୁଲ୍ୟରେ ବ୍ଲକସ୍ତରୀୟ ଦୀର୍ଘସ୍ଥାୟୀ ଔଷଧୀୟ ମଶାରୀ ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ପଞ୍ଚାୟତ ସମିତି ଅଧକ୍ଷା ସସ୍ମିତା କହଁର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଆୟୋଜିତ ସଚେତନତା ବୈଠକରେ ଫୁଲବାଣୀ ବ୍ଲକର ୧୧ ସରପଞ୍ଚ, ଗୁମାଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ଅଧିକାରୀ କଳ୍ପନା ଦଳେଇ, ସିଡିପିଓ ବୈଜୟନ୍ତି ମଲ୍ଲିକ, ଭିବିଡିସି ପରାମର୍ଶଦାତା କୁମୁଦ ସାହୁ, ଭିବିଡିଟିଏସ ପ୍ରତ୍ୟୁଷ ସାବତ, କମ୍ୟୁନିଟି ସ୍ୱାସ୍ଥ୍ୟ ଅଧିକାରୀ ଶର୍ମିଷ୍ଠା ମହାପାତ୍ରଙ୍କ ସମେତ ସ୍ୱାସ୍ଥ୍ୟକର୍ମୀ, ଆଶାଦିଦି, ଅଙ୍ଗନବାଡ଼ି କର୍ମୀ ଏବଂ ଗଞ୍ଜୁଗୁଡ଼ା ପଞ୍ଚାୟତର ଗ୍ରାମବାସୀ ଉପସ୍ଥିତ ଥିଲେ। ମେଲେରିଆରୁ ସୁରକ୍ଷା ଓ ନିରାକରଣ ନିମନ୍ତେ ୨୦୦ରୁ ୩୦୦ର ଲୋକଙ୍କୁ ମଶାରୀ ବଣ୍ଟନ ସହିତ ବ୍ୟବହାର ବିଷୟରେ ସଚେତନ କରାଯାଇଥିଲା।

# ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ

**ପାରଳାଖେମୁଣ୍ଡି,୧୪।୧୨(ସମିସ):** ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଜାତୀୟ ଶକ୍ତି ସଂରକ୍ଷଣ ଦିବସ ପାଳିତ ହୋଇଥିଲା। ପ୍ରଧାନଶିକ୍ଷୟିତ୍ରୀ ମୋନାଲିସା ଦାସ ସବୁଜ ପତାକା ଦେଖାଇ ଶକ୍ତି ସଂରକ୍ଷଣର ଏକ ସଚେତନତା ରାଲିର ଉଦଘାଟନ କରିଥିଲେ। ବିଦ୍ୟାଳୟର ପ୍ରାୟ ପଚାଶ ଜଣ ଛାତ୍ର ହାତରେ ପ୍ଲାକାର୍ଡ ଧରି ସହରର ମୁଖ୍ୟ ରାସ୍ତାରେ ସ୍ଲୋଗାନ ମାଧ୍ୟମରେ ଲୋକଙ୍କୁ ଶକ୍ତି ସଂରକ୍ଷଣର ବାର୍ତ୍ତା ଦେଇଥିଲେ । ଏହା ପରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀରାମ ମୂର୍ତ୍ତି ଶକ୍ତି ସଂରକ୍ଷଣରେ ଛାତ୍ରଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଛାତ୍ରଙ୍କୁ ବିକଳ୍ପ ଶକ୍ତିର ବ୍ୟବହାର ଓ ପରିବେଶ ସୁରକ୍ଷା ଉପରେ ସଚେତନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ମିଶ୍ର, ସୁଲତା ଶୁଭଦର୍ଶିନୀ ଓ ଏନର୍ଜି କ୍ଲବ ଦାୟିତ୍ୱ ରେ ଥିବା ଶିକ୍ଷୟିତ୍ରୀ ହିନ୍ମୟୀ ନାୟକ ଶିକ୍ଷାର୍ଥୀଙ୍କ ଜୀବନରେ ପରିବେଶ ଭୂମିକା ଓ ସେମାନଙ୍କର ପରିବେଶ ପ୍ରତି କର୍ତ୍ତବ୍ୟବୋଧ ସମ୍ପର୍କରେ କହିଥିଲେ। ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ପଟ୍ଟନାୟକ ଛାତ୍ର ମାନଙ୍କୁ ଜଳବାୟୁ ପରିବର୍ତ୍ତନ କିପରି ବିଶ୍ୱପାଇଁ ଏକ ଆହ୍ୱାନ ହୋଇଛି ତାହା ବୁଝାଇଥିଲେ। ଦଶମ ଶ୍ରେଣୀର ସୁଶିଲ ବିଶ୍ୱାଳ ଓ ଶ୍ରୀତମ ମହାରଣା ଏକ ସୁନ୍ଦର ବିକଳ୍ପ ଶକ୍ତିର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଶିକ୍ଷକ ଜିକୋରିଆ ଶବର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ପରିତ୍ୟକ୍ତ ଅବସ୍ଥାରେ ପୁରାତନ ପୂର୍ତ୍ତ ଡାକବଙ୍ଗଳା

**ଫିରିଙ୍ଗିଆ,୧୪।୧୨(ସମିସ):**

## ବିଭାଗୀୟ ଅବହେଳା ପାଇଁ ହୋଇପାରୁନି ରକ୍ଷଣବେକ୍ଷଣା

## ରାତିହେଲେ ଜମୁଛି ଅସାମାଜିକଙ୍କ ଆଡ୍ଡା



କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବଜାର ମଧ୍ୟରେ ଥିବା ବହୁ ପୂରାତନ ପୂର୍ତ୍ତ ବିଭାଗ ଡ଼ାକବଙ୍ଗଳା ବର୍ତ୍ତମାନ ଭୂତକୋଠି ପାଲଟିଛି। ଡାକବଙ୍ଗଳାରେ ଫିରିଙ୍ଗିଆ ଅଞ୍ଚଳକୁ ଆସୁଥିବା ଲୋକ ମାନଙ୍କ ରହିବା ସହ ବିଭାଗୀୟଅଧିକାରୀ ଆସି ରାତ୍ରିଯାପନ କରୁଥିଲେ। ହେଲେ ତାହା ଏବେ ପରିତ୍ୟକ୍ତ ଅବସ୍ଥାରେ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ବାହାରୁ ଆସୁଥିବା ଅତିଥିଙ୍କ ପାଇଁ କୌଣସି ଅତିଥି ଭବନ କିମ୍ବା କୌଣସି ସୁବିଧା ନାହିଁ। କିଛିବର୍ଷ ହେବ ଡାକବଙ୍ଗଳା ବିଭାଗୀୟ ଅବହେଳା ପାଇଁ ରକ୍ଷଣାବେକ୍ଷଣା ଅଭାବରୁ ପରିତ୍ୟକ୍ତ ହୋଇ ପଡ଼ିରହି ଭୂତକୋଠି ପାଲଟିଛି। ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇଥିବା ବେଳେ ବଙ୍ଗଳା ଭିତରେ ଥିବା ଲକ୍ଷାଧିକ ଟଙ୍କାର ଆସବାବପତ୍ର ନଷ୍ଟ ହେବାକୁ ବସିଛି। କେବଳ ସେତିକି ନୁହଁ ପରିତ୍ୟକ୍ତ ଅବସ୍ଥାରେ ପଡିରହିଥିବା ବଙ୍ଗଳା କାର୍ଯ୍ୟରେ ଲାଗି ପାରୁ ନଥିବାରୁ ସନ୍ଧ୍ୟା ହେଲେ ଅସାମାଜିକ ଯୁବକଙ୍କ ଅଡ୍ଡା ସ୍ଥଳି ପାଲଟିଛି। ସହରର କିଛି ମଦ୍ୟପ ଏହି ବଙ୍ଗଳା ପରିସରରେ ମଦ୍ୟପାନ କରୁଥିବାରୁ କୁଢ଼କୁଢ଼ ମଦ ବୋତଲ ଗଡୁଥିବା ଦେଖିବାକୁ ମିଳିଛି। ଏହି ବଙ୍ଗଳାର ଉନ୍ନତି କରଣ କଲେ କାମରେ ଲାଗିପରିବ ବୋଲି ସହରର ବୁଦ୍ଧିଜୀବୀଙ୍କ ସହ ଜନସାଧାରଣ ଦାବି କରୁଛନ୍ତି। ବଙ୍ଗଳାର ରକ୍ଷଣାବେକ୍ଷଣା ବିଷୟରେ ଦାୟିତ୍ୱରେ ଥିବା ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ କର୍ମଚାରୀ ଅଭାବରୁ ରକ୍ଷଣା ବେକ୍ଷଣା ହୋଇପାରୁନାହିଁ। ଖୁବ ଶୀଘ୍ର ବଙ୍ଗଳାର ଉନ୍ନତିକରଣ କରାଯାଇ ବଙ୍ଗଳାକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି।

# ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

**ବ୍ରହ୍ମପୁର,୧୪ ।୧୨(ସମିସ):** ସ୍ଥାନୀୟ ଶଶିଭୂଷଣ ରଥ ସରକାରୀ(ସ୍ୱୟଂଶାସିତ) ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଶ୍ରେଣୀ ପ୍ରକୋଷ୍ଠରେ ମାସିକ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ପାଠ ଆସର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଓ ପ୍ରାଚୀନ ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଆସରରେ ଆଇନଜୀବୀ ଇଂ. ବିଜୟ ଚନ୍ଦ୍ର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆସରରେ ଡ. ଲକ୍ଷ୍ମୀ ନାରାୟଣ ଦାଶ ମୁଖ୍ୟ ଆଲୋଚକ ଭାବେ ଯୋଗ ଦେଇ କବି ନାରାୟଣ ନନ୍ଦ ଅବଧୂତ ସ୍ୱାମୀଙ୍କ ରଚିତ "ରୁଦ୍ର ସୁଧାନିଧି' ପ୍ରବନ୍ଧ ବିଷୟରେ ଆଲୋଚନା କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ କୁରେଶ କୁମାର ମହାରଣା ବକ୍ତବ୍ୟ ରଖିଥିଲେ। କବୟିତ୍ରୀ ସୌଦାମିନୀ ମିଶ୍ର କବିତା ପାଠ ଆସରର ସଂଯୋଜନା କରିଥିଲେ। ପ୍ରାଚୀନ ସାହିତ୍ୟ ସଂସଦର ସମ୍ପାଦକ ବଂଶୀଧର ସେଠୀ ଆସରର ସଂଯୋଜନା ଓ ପରିଚାଳନା କରିଥିଲେ। ଶେଷରେ ସୁଧାଞ୍ଜଳୀ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଆବର୍ଜନା ସଫାକଲେ ସମାଜସେବୀ

**ଦାରିଙ୍ଗବାଡ,୧୪।୧୨(ସମିସ):** ଓଡ଼ିଶାର କାଶ୍ମୀର କୁହାଯାଉଥିବା ଦାରିଙ୍ଗବାଡ଼ିରେ ଦିନକୁ ଦିନ ପର୍ଯ୍ୟଟକଙ୍କ ଭିଡ଼ ଜମିବାରେ ଲାଗିଛି। ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ହେଲେ ମାସ ମାସ ଧରି ପର୍ଯ୍ୟଟନ ସ୍ଥଳୀ କଫି ବଗିଚା ଯିବା ରାସ୍ତା କଡ଼ରେ ଆବର୍ଜନା ପଡ଼ି ଦୁର୍ଗନ୍ଧ ହେଉଥିଲା। ପର୍ଯ୍ୟଟକମାନେ ଉକ୍ତ ରାସ୍ତା ଦେଇ ପର୍ଯ୍ୟଟନ ସ୍ଥଳୀକୁ ଯିବାକୁ ନାକ ଟେକୁଥିଲେ। ତିନି ମାସ ପୂର୍ବରୁ ବ୍ଲକ ପ୍ରଶାସନକୁ ଏ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହାର କୌଣସି ସମାଧାନ ହୋଇନଥିଲା। ବାରମ୍ବାର ପ୍ରଶାସନଙ୍କୁ ଜଣାଇବା ପରେ ମଧ୍ୟ ସଫେଇ ନ ହେବାରୁ ସମାଜସେବୀ ମୋହନ ସୁବୁଦ୍ଧି କ୍ଷୋଭ ପ୍ରକାଶ କରି ନିଜେ ସଫେଇ କରିବାକୁ ଅଣ୍ଟା ଭିଡ଼ିଥିଲେ। ଶେଷରେ ସେ ଜେସିବି ଗାଡ଼ି ନେଇ ଆବର୍ଜନା ସବୁକୁ ସଫେଇ କରିବା ସହିତ କଫି ବଗିଚା ମୁଖ୍ୟ ଫାଟକ ସମ୍ମୁଖରେ ଥିବା ଅଳିଆକୁ ସଫା କରାଇଥିଲେ। ପେଷାରେ ସେ ଜଣେ ବ୍ୟବସାୟୀ ହେଲେ ମଧ ନିଶା ତାଙ୍କର ସମାଜସେବା। ଆବର୍ଜନା ସଫେଇ ସମୟରେ ତାଙ୍କ ସହ ଶିକ୍ଷକ ମୋହନ ସାହୁ ସହଯୋଗ କରିଥିଲେ। ସମାଜସେବୀଙ୍କର ଏଭଳି କାର୍ଯ୍ୟକୁ ପର୍ଯ୍ୟଟକ ତଥା ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଏଥିସହ କଫି ବଗିଚାକୁ ଆସୁଥିବା ପର୍ଯ୍ୟଟକଙ୍କୁ ପ୍ଲାଷ୍ଟିକ ବ୍ୟବହାର ନ କରିବାକୁ ସଚେତନ କରିଥିଲେ।

# ଶିଶୁ ମନ୍ଦିରରେ ଗୀତା ଜୟନ୍ତୀ

**ରମ୍ଭା,୧୪ ।୧୨(ସମିସ):** ସ୍ୱାମୀ ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିର ରଘୁନାଥ ପୁରରେ ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଗୀତା ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ସୁବାଷ ଚନ୍ଦ୍ର ପଣ୍ଡା ଏବଂ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ ବିଶ୍ୱାଳଙ୍କ ଉପସ୍ଥିତିରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆବିଷ୍କାର ଏବଂ ଜ୍ଞାନର ମାର୍ଗରେ ଏକ ମାର୍ଗଦର୍ଶକ ଆଲୋକ ଭାବେ ଭଗବଦ୍ ଗୀତାକୁ ଆପଣେଇବାକୁ ବିଦ୍ୟାର୍ଥୀ ମାନଙ୍କୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷାନୁଷ୍ଠାନର ଗୁରୁଜୀ / ଗୁରୁମା ସଂଯୋଜନା କରିଥିଲେ।

# ପଲ୍ଲବୀ ନାଟ୍ୟ ସଂସ୍ଥାର ପାଣ୍ଡୁଲିପି ପୂଜନ



**ବ୍ରହ୍ମପୁର,୧୪ ।୧୨(ସମିସ):** ସ୍ଥାନୀୟ ଉତ୍କଳ ଆଶ୍ରମଠାରେ ପଲ୍ଲବୀ ନାଟ୍ୟ ସଂସ୍ଥା ପକ୍ଷରୁ ସଂସ୍କାରଧର୍ମୀ ସାମାଜିକ ନାଟକ 'ମଞ୍ଚ ଅଭିନେତ୍ରୀ'ର ପାଣ୍ଡୁଲିପି ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନାଟକକୁ ଯୁବ ନାଟ୍ୟକାର ଚିନ୍ମୟ ରଞ୍ଜନ ମିଶ୍ର ରଚନା କରିଥବା ବେଳେ ସଙ୍ଗୀତରେ ଅରୁଣ ରାଜ୍, ବ୍ୟବସ୍ଥାପକ ଅନୀଳ କୁମାର ପାତ୍ର, ମଞ୍ଚସଜ୍ଜାରେ ନଳିନୀ ଗୌଡ, ଅଭିନୟରେ ସୌରାଷ୍ଟ୍ର ବାଡତ୍ୟା, ଭକ୍ତି ବିନୋଦ ରଥ, ଚିକୁ ପ୍ରତିନିଧି ଓ କୁନିପଣ୍ଡାଙ୍କ ସହ ଜାହ୍ନବୀ ପଣ୍ଡା ଅଭିନୟ କରୁଛନ୍ତି। କୃଷ୍ଣ ପଣ୍ଡାଙ୍କ ନିର୍ଦ୍ଦେଶନା ନାଟକକୁ ସର୍ବାଙ୍ଗ ସୁନ୍ଦର କରିବ ବୋଲି ଆଶା କରାଯାଉଛି। ଗଞ୍ଜାମ୍ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ଦ୍ୱାରା ଅୟୋଜିତ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବ ରାଜ୍ୟର ବିଭିନ୍ନ ନାଟ୍ୟାନୁଷ୍ଠାନଙ୍କୁ ନେଇ ଜାନୁଆରୀ ୩ତାରିଖରୁ ଆରମ୍ଭ ହୋଇ ୯ତାରିଖରେ ସମାପ୍ତ ହେବ। ପ୍ରତିଯୋଗିତାର ଅନ୍ତିମ ସନ୍ଧ୍ୟା ଜାନୁଆରୀ ୮ତାରିଖରେ ଏହି ନାଟକ ସ୍ଥାନୀୟ ପ୍ରକାଶମ୍ ହଲରେ ପରିବେଷଣ ହେବ ବୋଲି ପଲ୍ଲବୀ ନାଟ୍ୟ ସଂସ୍ଥା ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନାଟକର କଳାକାରଙ୍କ ସହ ନାଟ୍ୟ ନିର୍ଦ୍ଦେଶକ ମଦନ ମିଶ୍ର, ଗୋକୁଳ ପଣ୍ଡା, କାର୍ତ୍ତିକ ପାଣିଗ୍ରାହୀ, କବି ସୁଶାନ୍ତ କର ଓ ସମାଜସେବୀ ପ୍ରଫୁଲ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିଶ୍ୱ ଶକ୍ତି ସଂରକ୍ଷଣ ଦିବସରେ ବିଭିନ୍ନ ପ୍ରତିଯୋଗିତା, ଶୋଭାଯାତ୍ରା




**ଜି.ଉଦୟଗିରି,୧୪।୧୨(ସମିସ):** ବିଶ୍ୱ ଶକ୍ତି ସଂରକ୍ଷଣ ଦିବସ ବିଭିନ୍ନ ଶିକ୍ଷାନୁଷ୍ଠାନ ରେ ପାଳିତ ହୋଇଥିବା ବେଳେ ଏହିକ୍ରମରେ ବାଉଡିନାଜୁ ବନଶ୍ରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା ସହିତ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟୁତ ପ୍ରଭା ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶକ୍ତି ସଂରକ୍ଷଣକୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ସହିତ ରଂଗୋଲି ପ୍ରତିଯୋଗିତା ହୋଇଥିଲା। ଏଗା ସହିତ ଶକ୍ତି ସଂରକ୍ଷଣ ପାଇଁ ଏଲଇଡ଼ି ବଲବ ବ୍ୟବହାର କରିବା ସହିତ ବାୟୋଗ୍ୟାସ ବ୍ୟବହାର କରିବା ଆଦି ସଚେତନତା ମୂଳକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗ୍ରେସିଙ୍ଗିଆ ସରପଞ୍ଚ ତ୍ରୀଶିଳା ପ୍ରଧାନ ଯୋଗ ଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିବା ବେଳେ ଏନର୍ଜି ବ୍ଲକ ମେଣ୍ଟର୍ ଶିକ୍ଷକ ଜିତେନ୍ଦ୍ର କୁମାର ସାମଲଙ୍କ ସହିତ ଶିକ୍ଷୟତ୍ରୀ ସ୍ୱପ୍ନା ରାଣୀ ଗୌଡ ଓ ମମତା ଆଲୁକ୍ ପରିଚାଳନା କରିଥିଲେ।

# ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍ଯାପିତ



**ବାଲିଗୁଡ଼ା,୧୪।୧୨(ସମିସ):** କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ନେତାଜୀ ସୁଭାଷ ବୋଷ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦଯାପିତ ହୋଇଯାଇଛି। ଶୁକ୍ରବାର ଓ ଶନିବାର ଦୁଇ ଦିନ ଧରି ହୋଇଥିଲା। ଉଦଘାଟନୀ ଦିବସରେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନହରଲାଲ ହରିପାଳ ମୁଖ୍ୟଅତିଥି ଓ ଯୁବନେତା ନେତ୍ର ମାନସେଠ୍ ଓ ସାଂସଦ ପ୍ରୀତିନିଧି ପୂର୍ଣ୍ଣ ଚନ୍ଦ୍ର ପାଢ଼ୀ ଯୋଗ ଦେଇଥିଲେ। ଉଦଯାପନୀ ଦିବସରେ ସ୍ଥାନୀୟ ପଂଚାୟତ ସମିତି ଅଧକ୍ଷା ବାସନ୍ତୀ ମାଝୀ ଯୋଗ ଦେଇଥିଲେ। ଉଭୟ ଦିନରେ ଉଚ୍ଚ ମଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ. ସୁନୀଲ କୁମାର ପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ବାଳକ ଓ ବାଳିକା ବିଭାଗ ଦୌଡ ପ୍ରତିଯୋଗିତା ସହ ସଟପୁଟ ଓ ଡିସକସ ତଥା କୌତୁକ ପ୍ରତିଯୋଗିତା ହୋଇଥିଲା। ବାଳକ ବିଭାଗରେ ଦ୍ୱିତୀୟ ବର୍ଷ ଛାତ୍ର ଲମ୍ବୋଦର ମାଝୀ ଓ ବାଳିକା ବିଭାଗରେ ସବିତା ମାଝୀ ଚାମ୍ପିଅନ ହୋଇଥିଲେ। ଉଦଯାପନ ସମାରୋହରେ ସମସ୍ତ ସଫଳ ଖେଳାଳିଙ୍କୁ ମୁଖ୍ୟଅତିଥି ବାସନ୍ତୀ ମାଝୀ ଓ ଅଧକ୍ଷ ଡ. ସୁନୀଲ କୁମାର ପାତ୍ର ପୁରସ୍କୃତ କରିଥିଲେ। ଖେଳ ଶିକ୍ଷକ ସଞ୍ଜୟ କୁମାର ସାହୁ, ଧୀରଜ ପାଣିଗ୍ରାହୀ, ଓ ବିଚିତ୍ର ଛତ୍ରିଆ ପରିଚାଳନା କରିଥିଲେ। ସଭା ଶେଷରେ ଛାତ୍ରୀନିବାସର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏଥିରେ ସମସ୍ତ ଅଧାପକ ଅଧାପିକା ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ । ଅତିଥି ପରିଚୟ ଡ. ସତ୍ୟ ରଞ୍ଜନ ପାଣିଗ୍ରାହୀ, ଶିକ୍ଷା ଓ ଇଂରାଜୀ ଅଧାପକ ଦୁଃଖିଶ୍ୟାମ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

■ ମହିଳାଙ୍କୁ ହତ୍ୟା ଘଟଣା; ମିଳିଲା ପରିଚୟ

# ମୃତ ମହିଳା ନର୍ଲା ତହସିଲଦାରଙ୍କ ଭଉଣୀ

**ନୟାଗଡ଼/ଦଶପଲ୍ଲା, ୧୪।୧୨(ସମିସ):** ନୟାଗଡ଼ ଜିଲ୍ଲା ବାଣୀଗୋଛା ଥାନା କୁଜାମେଣ୍ଡି ପଞ୍ଚାୟତ ଗଙ୍ଗାଡିହ ଗାଁ ପାର୍ଶ୍ୱ ଜଙ୍ଗଲୀ ରାସ୍ତାରୁ ଗତକାଲି ଉଦ୍ଧାର ହୋଇଥିବା ମୃତ ମହିଳାଙ୍କ ପରିଚୟ ମିଳିଛି। ସେ ହେଲେ, କଳାହାଣ୍ଡି ଜିଲ୍ଲା ନର୍ଲା ତହସିଲଦାର ବଳଦେବ ବେହେରାଙ୍କ ଭଉଣୀ। ତାଙ୍କ ଘର କନ୍ଧମାଳ ଜିଲ୍ଲା ଚକାପାଦ ଥାନା ଅନ୍ତର୍ଗତ ତଟାଗୁଡ଼ା ଗାଁରେ। ତାଙ୍କ ମାଆଙ୍କର ୭ ବର୍ଷ ତଳେ ମୃତ୍ୟୁ ଘଟିଥିବା ବେଳେ ବାପା ଶିକ୍ଷକ ଅଭିମନ୍ୟୁ ବେହେରାଙ୍କ କିଛି ଦିନ ତଳେ ଦେହାନ୍ତ ହୋଇଛି।



ସୂଚନାଯୋଗ୍ୟ, ବୃତ୍ତଙ୍ଗ ପୋଲ ସନ୍ନିକଟ କାଙ୍କାଳି ପାହାଡ଼ ତଳି ଜଙ୍ଗଲରେ ତାଙ୍କୁ ହତ୍ୟା କରାଯାଇଥିବା ପୁଲିସ୍ ସନ୍ଦେହ କରୁଛି। ତାଙ୍କ ଗଳା କଟା ଯାଇଥିବା ବେଳେ ପେଟ ଓ ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଛି।

ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡ଼ିଛି ଯେ ସୁକାନ୍ତି ସୁଧ ବ୍ୟବସାୟ କରନ୍ତି। ଗତ ବୁଧବାର ମଧାହ୍ନରେ ସେ ଚକାପାଦ ହାଟକୁ ଆସିଥିଲେ। ଆସିବା ସମୟରେ ତାଙ୍କ ବେକରେ ଏକ ଦାମୀ ସୁନାହାର ରହିଥିଲା। ବାଟରେ ଆସିବା ପରେ ଭଞ୍ଜନଗରରେ ରହୁଥିବା ଶିକ୍ଷୟିତ୍ରୀଙ୍କୁ ଭଉଣୀଙ୍କୁ ଫୋନ କରିଥିଲେ। କିନ୍ତୁ କିଛି ସମୟ ପରେ ତାଙ୍କ ଫୋନ୍ ସୁଇଚ୍ ଅଫ୍ ରହିଥିଲା। ଗୁରୁବାର ସକାଳୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସୁକାନ୍ତିଙ୍କୁ ଲୁଟ୍ କରିବା ଉଦ୍ଦେଶ୍ୟରେ ହତ୍ୟା କରାଯାଇଥାଇପାରେ ବୋଲି ଅନୁମାନ କରାଯାଉଛି। ସୁକାନ୍ତିଙ୍କ ବେକରେ ସୁନାହାର, ମୋବାଇଲ ନଥିବାରୁ ଏପରି ସନ୍ଦେହ କରାଯାଉଛି।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୁରସ୍କାର ବିତରଣ



**ବ୍ରହ୍ମପୁର, ୧୪।୧୨(ସମିସ):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳକଣ୍ଠନଗର ପରିସର ମଧ୍ୟରେ ବାର୍ଷିକ ଉତ୍ସବର ଅବ୍ୟବହତି ପୂର୍ବରୁ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ମହାଆଡମ୍ବର ସହ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧକ୍ଷ ଏସ୍. ମୋହନ ରାଓ ମଞ୍ଚାସୀନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି କାର୍ଯ୍ୟକ୍ରମର ଉଦ୍ଦେଶ୍ୟଜ୍ଞାପନ କରିଥିଲେ। ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର ଏବଂ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ପରେ ପରେ ବିଦ୍ୟାଳୟର ପରିଚାଳନା ସମିତିର ସଭାପତି ଡଃ. ଜୀବାନନ୍ଦ ତ୍ରିପାଠୀ ଅଧକ୍ଷୀୟ ଅଭିଭାଷଣ ପ୍ରଦାନ କରିଥିଲେ। ୨୦୨୩-୨୪ ଶିକ୍ଷାବର୍ଷରେ ବାହ୍ୟ ଏବଂ ଆଭ୍ୟନ୍ତରୀଣ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତିର ଯୁଗ୍ମସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧକ୍ଷ ସୋମନାଥ ନନ୍ଦ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ, ଡିଗ୍ରୀ ବିଦ୍ୟାମନ୍ଦିରର ଅଧକ୍ଷ ଡଃ. ସୁବ୍ରତ ପାଣିଗ୍ରାହୀ, ଡିଗ୍ରୀ ବିଦ୍ୟାମନ୍ଦିରର ଡିନ୍ ଡଃ. ବିବେକାନନ୍ଦ ପଣ୍ଡା, ପ୍ରାଧାପକ ବି. ରାଜେନ୍ଦ୍ର ମୂର୍ତ୍ତି, ପ୍ରାଧାପକ ଉମେଶ ସାହୁ, ଅନୁଷ୍ଠାନର ଉପଦେଷ୍ଟା ନରସିଂହ ଚୌଧୁରୀ, ହରେକୃଷ୍ଣ ପାଢ଼ୀ, ସଦସ୍ୟା ଇଂ. ମମତା ପାଣିଗ୍ରାହୀ, ସଦସ୍ୟା ପ୍ରଣତି ସାମଲ, କେ. ଭେଙ୍କେଟ୍ ରାଓ, ଡଃ. ପ୍ରସନ୍ନ କର, ସ୍ଥାନୀୟ ଗୋଷାଇଁ ନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସମ୍ପାଦକ ପ୍ରକାଶ ପାତ୍ର, ଶିକ୍ଷାପ୍ରେମୀ କୃଷ୍ଣଚନ୍ଦ୍ର ପାଢ଼ୀ, ବସନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ବେଲଗୁଣ୍ଠା :** ବେଲଗୁଣ୍ଠା ବ୍ଲକ୍ ଗାଙ୍ଗପୁର ସ୍ଥିତ ବିବେକାନନ୍ଦ ଶିଶୁ ଶିକ୍ଷା ପ୍ରତିଷ୍ଠାନର ୨୭ ତମ କ୍ରୀଡ଼ା ଉତ୍ସବ ଉଦଘାଟିତ ହୋଇଯାଇଛି। ପରିଚାଳନା କମିଟି ସମ୍ପାଦକ ସୀମାଞ୍ଚଳ ପୃଷ୍ଟିଙ୍କ ଅଧକ୍ଷତା ତଥା ପ୍ରଧାନ ଆଚାର୍ଯ୍ୟା ସସ୍ମିତା ମାଝୀଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ରୂପେ ୪୮ ନମ୍ବର୍ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ସୁଧୀର କୁମାର ଜେନା ଯୋଗ ଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଗାଙ୍ଗପୁର ବନପାଳ ମିତା ପଲାଇ, ଗାଙ୍ଗପୁର ସରପ ପ୍ରତିନିଧି ସୁରେନ୍ଦ୍ର କୁମାର ଡାକୁଆ, ସମିତି ସଭ୍ୟ ପ୍ରତିନିଧି ଅର୍ଜୁନ ବିଷୋୟୀ, ବିଦ୍ୟାଳୟ ପରିଚାଳନା କମିଟି ସସ୍ୟ ସନ୍ତୋଷ କୁମାର ବିଷୋୟୀ, ବ୍ଲକର ବିଷୋୟୀ, ନିତ୍ୟାନନ୍ଦ ବିଷୋୟୀ, କ୍ରୀଡ଼ା ଶିକ୍ଷକ ଆଶୁତୋଷ ସ୍ୱାଇଁ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟ ଅତିଥି ସୁଧୀର କୁମାର ଜେନା ଏବଂ ସମ୍ମାନିତ ଅତିଥି ଅର୍ଜୁନ ବିଷୋୟୀ କ୍ରୀଡ଼ା ପତାକା ଖୋଇ ମଶାଲ ଶୋଭାଯାତ୍ରାକୁ ଉଦଘାଟନ କରିଥିଲେ। କ୍ରୀଡ଼ା ଶିକ୍ଷକ ବୋଶିଷ ବିଷୋୟୀ, ସାଂସ୍କୃତିକ ପରିଷଦ ମୁଖ୍ୟ ମିଥୁନ୍ ନାୟକ, ବରିଷ୍ଠ ଗୁରୁଜୀ ଗଣେଶ ସାହୁ, ପବିତ୍ର ମୋହନ ବିଷୋୟୀ ପ୍ରମୁଖ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିବାବେଳେ ଗୁରୁମା ପ୍ରତିମା ବିଷୋୟୀ, ରିନା ସାହୁ, ରୋଜୀମା, ଅଙ୍କିତା, ସୁଜ୍ଞାନୀ, ମନିଷା, ରାଜ୍ କୁମାରୀ ସେଠୀ, ଆଶା, ଝାନସୀ ଭୂୟାଁ, ଜ୍ୟୋସ୍ନା ରାଣୀ ପ୍ରଧାନ, ସନ୍ତୋଷିନୀ ଗୌଡ଼, ତେଜକୁମାରୀ ବେହେରା ପ୍ରମୁଖ ସହଯୋଗ କରିଥିଲେ।



**କବିସୂର୍ଯ୍ୟନଗର :** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବଛାତ୍ର ତଥା କବିସୂର୍ଯ୍ୟନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସହକାରୀ ଡାକ୍ତର ସତ୍ୟନାରାୟଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ଯୁଗ୍ମ ସମ୍ପାଦକ ବୁଲୁ ପୋଲେଇ ଉପସ୍ଥିତ ରହି ପୁରସ୍କାର କିଭଳି ଶିଶୁଙ୍କୁ ଆଗକୁ ବଢ଼ିବାରେ ଉତ୍ସାହିତ କରିଥାଏ ତାହା ଉପସ୍ଥାପନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁ ଉତ୍ସବର ଉଦ୍ଦେଧଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମକୁ ସୂର୍ଯ୍ୟନାରାୟଣ ତ୍ରିପାଠୀ ଗୁରୁଜୀ ପରିଚାଳନା କରିବା ସହିତ ସୂର୍ଯ୍ୟନାରାୟଣ ରେଡ୍ଡୀ ପରିଚୟ ପ୍ରଦାନ କରିଥିଲେ। ସବିତା ରାଣୀ ଦେବୀ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ। ଜ୍ଞାନ ବିଜ୍ଞାନ ମେଳା ଓ ଖେଳ ପ୍ରତିଯୋଗିତାରେ ୧୫୦ ଜଣ ଶିଶୁଙ୍କୁ ପ୍ରଥମ, ୧୦୭ ଜଣ ଶିଶୁଙ୍କୁ ଦ୍ୱିତୀୟ ଓ ୧୦୬ ଜଣ ଶିଶୁଙ୍କୁ ତୃତୀୟ ପୁରସ୍କାର ପ୍ରଦାନ କରାଯାଇଥିଲା। ଚାମ୍ପିଅନ ହୋଇଥିବା ଶିଶୁ ଆଲେଖ୍ୟା ପ୍ରଧାନ, ଅନୁପମା ସ୍ୱାଇଁ ଓ ଶୁଭଶ୍ରୀ ତ୍ରିପାଠୀଙ୍କୁ ବିଦ୍ୟାଳୟର ସମ୍ପାଦକ ଶ୍ରୀ ମିହିର କୁମାର ଶତପଥୀ ଚାମ୍ପିଅନ ଟ୍ରଫି ପ୍ରଦାନ କରିଥିଲେ।

# ତୃତୀୟ ଟେଷ୍ଟ: ନ୍ୟୁଜିଲାଣ୍ଡ ୩୧୫/୯

ହାମିଲଟନ, ୧୪।୧୨(ଏଜେନ୍ସି): ସ୍ଥାନୀୟ ସେଡନ ପାର୍କ ଗ୍ରାଉଣ୍ଡରେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଶନିବାରଠାରୁ ତୃତୀୟ ତଥା ଅନ୍ତିମ ଟେଷ୍ଟ ମ୍ୟାଚ୍ ଆରମ୍ଭ ହୋଇଛି। ପ୍ରଥମ ଦୁଇଟି ଟେଷ୍ଟରେ ଇଂଲଣ୍ଡ ବିଜୟୀ ହୋଇ ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ ହାତେଇ ନେଇଛି। ଏହି ଟେଷ୍ଟ ଜିତି ନ୍ୟୁଜିଲାଣ୍ଡ ସାନ୍ତ୍ୱନାମୂଳକ ବିଜୟ ହାସଲ କରିବାକୁ ପ୍ରୟାସ କରିବ। ଟସ୍ ଜିତି ଇଂଲଣ୍ଡ ନ୍ୟୁଜିଲାଣ୍ଡକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ପ୍ରଥମ ପାଳି ଆରମ୍ଭ କରି ନ୍ୟୁଜିଲାଣ୍ଡ ପ୍ରଥମ ଦିବସ ଖେଳ ଶେଷ ସୁଦ୍ଧା ୮୨ ଓଭରରେ ୯ ୱିକେଟ ହରାଇ ୩୧୫ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ମିଚେଲ ସାଣ୍ଟନର ୫୦ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଓ ୱିଲିୟମ ଓ'ରୁର୍କ ବିନା ସ୍କୋରରେ ଅପରାଜିତ ରହିଛନ୍ତି।

### ଲାଥମ, ସାଣ୍ଟନରଙ୍କ ଅର୍ଦ୍ଧଶତକ

ଦଳ ନିୟମିତ ଅନ୍ତରରେ ୱିକେଟ ହରାଇଥିଲେ ମଧ୍ୟ ବ୍ୟାଟରମାନେ ଅଳ୍ପବହୁତ ରନ୍ ସଂଗ୍ରହ କରି ଦଳର ସ୍କୋରକୁ ୩୦୦ ରନ ପାର କରାଇଥିଲେ। ଏହି କ୍ରମରେ ଓପନର ତଥା ଅଧିନାୟକ ଟମ୍ ଲାଥମ ୬୩, ୱିଲି ୟଙ୍ଗ ୪୨, ଅଭିଜ୍ଞ କେନ୍ ୱିଲିୟମସନ ୪୪, ଟିମ୍ ସାଉଦି ୨୩, ୱିକେଟରକ୍ଷକ ବ୍ୟାଟର ଟମ୍ ବ୍ଲଣ୍ଡେଲ ୨୧, ରଚିନ ରବୀନ୍ଦ୍ର ୧୮, ଡାରିଲ ମିଚେଲ ୧୪ ରନକରି ଆଉଟ ହୋଇଥିଲେ। ବୋଲିଂରେ ଇଂଲଣ୍ଡ ତରଫରୁ ମାଥ୍ୟୁ ପଟ୍ସ ଓ ଗସ୍ ଅଟକିନସନ ୩ଟି ଲେଖାଏ, ବ୍ରାଇଡନ କାର୍ସ ୨ ଓ ବେନ ଷ୍ଟୋକ୍ସ ଗୋଟିଏ ୱିକେଟ ଅକ୍ତିଆର କରିଥିଲେ। ପୂର୍ବରୁ ଇଂଲଣ୍ଡ ପ୍ରଥମ ଟେଷ୍ଟରେ ୮ ୱିକେଟରେ ଓ ଦ୍ୱିତୀୟରେ ୩୨୩ ରନରେ ବିଜୟ ହାସଲ କରିଥିଲା।

■ ବରିଷ୍ଠ ମହିଳା ଏକଦିବସୀୟ କ୍ରିକେଟ

## ଓଡ଼ିଶା ବିପକ୍ଷରେ ମୁମ୍ବାଇ ବିଜୟୀ

ଭୁବନେଶ୍ୱର, ୧୪।୧୨(ସମିସ): ବରିଷ୍ଠ ମହିଳା ଜାତୀୟ ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୁମ୍ବାଇ ନିକଟରୁ ୬୭ ରନ୍‌ରେ ଓଡ଼ିଶା ପରାଜିତ ହୋଇଛି। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଖେଳାଯାଇଥିବା ୬ଷ୍ଠ ଲିଗ୍ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ଦଳ ୪୭.୨ ଓଭରରେ ୧୬୫ ରନ୍



କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ବୃଶାଳୀ ଭଗତ ସର୍ବାଧିକ ୫୫ ଓ ଏମ୍ ଦକ୍ଷିଣୀ ଅପରାଜିତ ୩୬ ରନ୍ କରିଥିଲେ। ଓଡ଼ିଶା ପକ୍ଷରୁ ଭଲ ବୋଲିଂ କରିଥିବା ସୁଶ୍ରୀ ଦିବ୍ୟଦର୍ଶିନୀ ଓ ଜ୍ୟୋତି ପ୍ରସାଦ ୩ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ତରନ୍ନା ପ୍ରଧାନ, ରୀମାଲକ୍ଷ୍ମୀ ଏକ୍କା ଓ ସଙ୍ଗୀତା ଖାଡ଼ିଆଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା। ଜବାବରେ ଓଡ଼ିଶା ୧୬୬ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ମାତ୍ର ୩୦.୩ ଓଭରରେ ୯୮ ରନ୍ କରି ଅଲଆଉଟ ହୋଇଯାଇଥିଲା। ସୁଶ୍ରୀ ବ୍ୟାଟିଂରେ ମଧ୍ୟ କମାଲ ଦେଖାଇ ଦଳ ପକ୍ଷରୁ ସର୍ବାଧିକ ୪୪ ରନ୍ କରିଥିଲେ। ସେ ୫୦ ବଲ୍ ଖେଳି ୫ ଚୌକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋନାଲିସା ରାଉତ ୧୦ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ଓଡ଼ିଶାର ପ୍ରଥମ ୩ଜଣ ବ୍ୟାଟର ମାଧୁରୀ ମେହେଟା ୧, ସରିତା ମେହେର ୨ ଓ ସଙ୍ଗୀତା ଖାଡ଼ିଆ ଶୂନ୍ ରନ୍‌ରେ ଆଉଟ ହୋଇଥିଲେ। ମୁମ୍ବାଇ ପକ୍ଷରୁ ଜାହ୍ନବୀ ୩ଟି, ଦକ୍ଷିଣୀ ଓ ସାୟଲି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୬ଷ୍ଠ ଲିଗ୍ ମ୍ୟାଚ୍ ପରେ ଓଡ଼ିଶା ୩ଟି ବିଜୟ ଓ ୩ଟି ପରାଜୟ ବରଣ କରିଛି।

■ ଜାତୀୟ କାନୋଏ ସ୍ପ୍ରିଣ୍ଟ ଚାମ୍ପିଅନସିପ୍

## ଓଡ଼ିଶାକୁ ୪ ସ୍ୱର୍ଣ୍ଣ ସହ ୧୭ ପଦକ



ଭୁବନେଶ୍ୱର, ୧୪।୧୨(ସମିସ): ଉତ୍ତରାଖଣ୍ଡରେ ଚାଲିଥିବା ୩୫ତମ ଜାତୀୟ ବରିଷ୍ଠ କାନୋଏ ସ୍ପ୍ରିଣ୍ଟ ଚାମ୍ପିଅନସିପ୍ ଶନିବାର ଶେଷ ହୋଇଛି। ଏଥିରେ ଓଡ଼ିଶାର କାନୋଏ ସ୍ପ୍ରିଣ୍ଟରମାନେ ଚମତ୍କାର କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ୪ଟି ସ୍ୱର୍ଣ୍ଣ, ୬ଟି ରୌପ୍ୟ ଓ ୭ଟି କାଂସ୍ୟ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଏହି ସଫଳତା ବଳରେ ଦଳ ଜାତୀୟ କ୍ରୀଡ଼ା ଲାଗି ଯୋଗ୍ୟତା ଅର୍ଜନ କରିଛି। ଓଡ଼ିଶା ପକ୍ଷରୁ ୪ଟି ବିଭାଗରେ ମହିଳା ପ୍ରତିଯୋଗୀମାନେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଓଇନାମ ବିଦ୍ୟା ଦେବୀ ଏକାକୀ ୩ଟି ଇଭେଣ୍ଟରେ ସ୍ୱର୍ଣ୍ଣିମ ସଫଳତା ପାଇଛନ୍ତି। କେ-୪ ମହିଳା ୧୦୦୦ ମିଟରରେ ବିଦ୍ୟା ଦେବୀ, ଶ୍ରୁତି ଚୌଗୁଲେ, ଲିଚେନବାମ ସୋନିଆ ଓ ଧନମଞ୍ଜରୀ ଦେବୀ ପ୍ରଥମ ସ୍ୱର୍ଣ୍ଣ ଜିତିଥିଲେ। କେ-୨ ମହିଳା ୧୦୦୦ ମିଟରରେ ବିଦ୍ୟା ଦେବୀ ଓ ବିନିତା ଚାନୁ, କେ-୪ ମହିଳା ୫୦୦ ମିଟରରେ ବିଦ୍ୟା ଦେବୀ, ଶ୍ରୁତି ଚୌଗୁଲେ, ଓଇନାମ ବିନିତା ଚାନୁ ଓ କେ. ଧନମଞ୍ଜରୀ ଦେବୀ ଏବଂ ସି-୨ ମହିଳା ୫୦୦ ମିଟରରେ ରଶ୍ମିତା ସାହୁ ଓ ସାନତୋମ୍ବି ଦେବୀ ସ୍ୱର୍ଣ୍ଣପଦକ ଜିତି ଓଡ଼ିଶାର ଗୌରବ ବଢ଼ାଇଛନ୍ତି।

### ଓଡ଼ିଶା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପନ ଆଜି

# ପୁରୁଷ ଏକକରେ ରିଥଭିକ୍-ଥାରୁନ ଫାଇନାଲ

ଭୁବନେଶ୍ୱର, ୧୪।୧୨(ସମିସ): କଟକର ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମରେ ଚାଲିଥିବା ସୁପର ୧୦୦ ଓଡ଼ିଶା ମାଷ୍ଟର୍ସ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପୁରୁଷ ଓ ମହିଳା ବିଭାଗର ଏକକ ଓ ଯୁଗଳ ଏବଂ ମିଶ୍ରିତ ଯୁଗଳ ଇଭେଣ୍ଟର ଫାଇନାଲ ମୁକାବିଲା ସ୍ପଷ୍ଟ ହୋଇଛି। ରବିବାର ସବୁ ବିଭାଗର ଫାଇନାଲ ମ୍ୟାଚ୍ ଖେଳାଯିବ। ପୁରୁଷ ଏକକରେ ଦୁଇ ଭାରତୀୟ ଖେଳାଳି ରିଥଭିକ୍ ସଞ୍ଜିବୀ ଓ ଥାରୁନ ମାନ୍ନେପାଲି ଟାଇଟଲ ପାଇଁ ମୁହାଁମୁହିଁ ହେବେ। ଶନିବାର ଖେଳାଯାଇଥିବା ସେମିଫାଇନାଲରେ ରିଥଭିକ୍ ୨୧-୧୭, ୨୧-୧୪ରେ ଅଷ୍ଟମ ସିଡ ଥାଇଲାଣ୍ଡର ପନିତଚାଫନ ତିରାରାସାକୁଲଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି। ସେହିପରି ଥାରୁନ୍ ୧୨-୨୧, ୨୧-୧୯, ୨୧-୧୨ରେ ନିଜ ଦେଶର ଷଷ୍ଠ ସିଡ୍ ଖେଳାଳି ସତିଶ କରୁଣାକରନଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି।




### ମହିଳା ଫାଇନାଲରେ ତନଭି- ୟାନୟାନ

ଅପରପକ୍ଷରେ ମହିଳା ଏକକ ସେମିରେ ଭାରତର ତନଭି ଶର୍ମା ଓ ଚୀନର କାଇ ୟାନୟାନ ଟାଇଟଲ ପାଇଁ ଫାଇନାଲରେ ପରସ୍ପରକୁ ଭେଟିବେ। ତନଭି ୨୧-୧୯, ୨୧-୧୯ରେ ନିଜ ଦେଶର ଶ୍ରିୟାଂସି ବାଲିସେଟ୍ଟୀଙ୍କୁ ପରାସ୍ତ କରି ଏବଂ ୟାନୟାନ ୨୧-୧୭, ୨୧-୧୯ରେ ଜାପାନର ସୋରାନୋ ୟୋସିକାୱାଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଯୁଗଳ ଇଭେଣ୍ଟରେ ଚୀନର ଡି ହୁଆଙ୍ଗ ଓ ଲିୟୁ ୟାଙ୍ଗ୍ ଏବଂ ଜାପାନର କାକେରୁ କୁମାଗାଇ ଓ ହିରୋକି ନିଶି ଟାଇଟଲ ପାଇଁ ଫାଇନାଲରେ ମୁହାଁମୁହିଁ ହେବେ। ଏହି ଜାପାନ ଯୋଡି ଶନିବାର ସେମିଫାଇନାଲରେ ଭାରତର ପୃଥ୍ୱୀ ରଏ ଓ କେ ସାଇ ପ୍ରତିକଙ୍କୁ ୧୬-୨୧, ୨୧-୧୯, ୨୨-୨୦ରେ ପରାସ୍ତ କରି ଫାଇନାଲକୁ ଉଠିଥିଲେ। ସେହିପରି ମହିଳା ଯୁଗଳ ପ୍ରତିଯୋଗିତାରେ ଜାପାନର ହାରା ନାନାକୋ ଓ କିଓସେ ରିକୋ ଏବଂ ଚୀନର କେଙ୍ଗ ଶୁଲିଆଙ୍ଗ୍ ଓ ୱାଙ୍ଗ ତିଙ୍ଗେ ଫାଇନାଲରେ ପରସ୍କରକୁ ଭେଟିବେ। ସେମିରେ ଜାପାନ ଯୋଡି ୨୧-୧୭, ୨୧-୧୪ରେ ଷଷ୍ଠ ସିଡ ଭାରତୀୟ ଯୋଡି ଗାୟତ୍ରୀ ରାୱତ ଓ ମନସା ରାୱତଙ୍କୁ ହରାଇ ଏବଂ ଚୀନ୍ ଯୋଡି ୨୧-୭, ୨୨-୨୪, ୨୧-୧୭ରେ ଚତୁର୍ଥ ସିଡ୍ ଭାରତର କେ ଅଶ୍ୱିନୀ ଭଟ୍ଟ ଓ ଶିଖା ଗୌତମଙ୍କୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି।

ଅପରପକ୍ଷରେ ମିଶ୍ରିତ ଯୁଗଳ ଇଭେଣ୍ଟରେ ଚୀନ୍‌ର ଜିଆଜୁଆନ ଗାଓ ଓ ରୁଇଝି ଟାଙ୍ଗ ଏବଂ ସିଙ୍ଗାପୁରର ହି ତେରି ଓ ୟୁଜିଆ ଜିନ୍ ଫାଇନାଲରେ ପରସ୍ପରକୁ ଭେଟିବେ। ଷଷ୍ଠ ସିଡ୍ ଏହି ସଙ୍ଗାପୁର ଯୋଡି ୨୧-୧୪, ୧୮-୨୧, ୨୧-୧୯ରେ ଦ୍ୱିତୀୟ ସିଡ୍ ଭାରତୀୟ ଯୋଡି ରୋହନ କପୁର ଓ ରୁଥଭିକା ଗାଡେଙ୍କୁ ପରାସ୍ତ କରି ଫାଇନାଲକୁ ଉଠିଛନ୍ତି।

**ସର୍ବଭାରତୀୟ ସବ୍ ଜୁନିଅର କରାଟେ**

## ପ୍ରଥମ ଦିନରେ ଓଡ଼ିଶାକୁ ୧୫ ପଦକ



ଭୁବନେଶ୍ୱର, ୧୪।୧୨(ସମିସ): କରାଟେ ଇଣ୍ଡିଆ ଅର୍ଗାନାଇଜେସନ (କିଓ) ଆନୁକୂଲ୍ୟରେ ନୂଆଦିଲ୍ଲୀ ସ୍ଥିତ ତାଲକୋଟରା ଇଣ୍ଡୋର ଷ୍ଟାଡୟମରେ ଶନିବାରଠାରୁ ସର୍ବଭାରତୀୟ ସବ୍ ଜୁନିଅର କରାଟେ ପ୍ରତିଯୋଗିତା ଆରମ୍ଭ ହୋଇଛି। ୬ରୁ ୧୩ ବର୍ଷ ବାଳକା ଓ ବାଳିକା ଏହି ପ୍ରତିଯୋଗିତାରେ ପ୍ରଥମ ଦିନରେ ଓଡ଼ିଆ ପ୍ରତଯୋଗୀମାନେ ୧୫ଟି ପଦକ ଜିତିଛନ୍ତି। ଓଡ଼ିଶାର ଚିତ୍ରାକ୍ଷ ଦାସ, ନକ୍ସ ପୋଦ୍ଦାର, ଆଶିଷ ପଣ୍ଡା, ଅଭିଜ୍ଞାଲା ମହାନ୍ତି ଗୋଟିଏ ଲେଖାଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି କୌଭବ ପଟ୍ଟନାୟକ, ହର୍ସଦ କୁମାର, ଶ୍ରେୟାଂଶୁ ସାହୁ, ସୌମ୍ୟ ରଞ୍ଜନ ପାତ୍ର, ପିୟୂଷ ରଞ୍ଜନ ସାହୁ, ଶିବକୃପା ମିଶ୍ର, ଅଭିଯୁକ୍ତ ମିଶ୍ର, ମେହୁଲ ପରିଡ଼ା ଗୋଟିଏ ଲେଖାଏ ରୌପ୍ୟ ପଦକ ଜିତିଛନ୍ତି। ଅନ୍ୟପଟେ ନୀତିକ ମହନ୍ତ, ଆରିଆନ ମହାନ୍ତି ଗୋଟିଏ ଲେଖାଏ କାଂସ୍ୟ ପଦକ ହାସଲ କରିଛନ୍ତି। ସବ ଜୁନିଅର ବାଳକ ଟିମ୍ କାଟାରେ ଶିବକୃପା ମିଶ୍ର, ଅପିତ ଦାସ, ଦେବେନ୍ଦ୍ର ପରିଡ଼ା ଓ ସୌର୍ଯ୍ୟ ଚନ୍ଦୁକା କାଂସ୍ୟ ପଦକ ହାସଲ କରିଛନ୍ତି। ପଦକ ବିଜୟୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା କରାଟେ ସଂଘ ତରଫରୁ ଅଭିନନ୍ଦନ ଜଣାଯାଇଛି।

## ପାକିସ୍ତାନ ୭ ୱିକେଟରେ ପରାସ୍ତ

ସେଞ୍ଚୁରିଅନ, ୧୪।୧୨(ଏଜେନ୍ସି): ପାକିସ୍ତାନ ବିପକ୍ଷ ହାଇସ୍କୋରିଂ ଦ୍ୱିତୀୟ ଟି-୨୦ ମୁକାବିଲାରେ ଘରୋଇ ଦକ୍ଷିଣ ଆଫ୍ରିକା ୩ ବଲ୍ ବାକିଥାଇ ୭ ୱିକେଟରେ ବିଜୟୀ ହୋଇଛି। ଏଥିସହ ୩ ମ୍ୟାଚ୍ ବିଶିଷ୍ଟ ଏହି ଟି-୨୦ ସିରିଜରେ ଦକ୍ଷିଣ ଆଫ୍ରିକା ୨-୦ରେ ଅଗ୍ରଣୀ ହେବା ସହ ଆଗୁଆ ସିରିଜ୍ ହାତେଇ ନେଇଛି। ପୂର୍ବରୁ ପ୍ରଥମ ଟି-୨୦ରେ ଦକ୍ଷିଣ ଆଫ୍ରିକା ୧୧ ରନରେ ଜିତିଥିଲା। ସ୍ଥାନୀୟ ସୁପର ସ୍ପୋର୍ଟ ପାର୍କ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୫ ୱିକେଟ ହରାଇ ୨୦୬ ରନ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୧୯.୩ ଓଭରରେ ୩ ୱିକେଟ ହରାଇ ୨୧୦ ରନକରି ବିଜୟୀ ହୋଇଥିଲା। ୨୦୨୨ ପରେ ଦକ୍ଷିଣ ଆଫ୍ରିକା ପ୍ରଥମ ଦ୍ୱିପାକ୍ଷିକ ଟି-୨୦ ସିରିଜରେ ବିଜୟ ହାସଲ କରିଛି। ୧୧୭ ରନର ବିସ୍ଫୋରକ ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଦକ୍ଷିଣ ଆଫ୍ରିକା ଓପନର ରିଜା ହେଣ୍ଡ୍ରିକ୍ସ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ହେଣ୍ଡ୍ରିକ୍ସ କ୍ୟାରିଅରର ପ୍ରଥମ ଟି-୨୦ ଶତକ ଅର୍ଜନ କରିଛନ୍ତି।

ଜାତୀୟ ମହିଳା ଫୁଟବଲ |

## ମଣିପୁରଠୁ ହାରିଲା ଓଡ଼ିଶା

ଭୁବନେଶ୍ୱର, ୧୪।୧୨(ସମିସ): ୨୯ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ ଜିଜାବାଇ ଟ୍ରଫିରେ ଓଡ଼ିଶା ପ୍ରଥମ ପରାଜୟ ବରଣ କରିଛି। ଏହି ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିବା ପରେ ଛତିଶଗଡ଼ର ଆରକେଏମ୍ ଆଶ୍ରମ ଗ୍ରାଉଣ୍ଡରେ ପ୍ୟାରୀ ଖାଖାଙ୍କ ନେତୃତ୍ୱାଧୀନ ଓଡ଼ିଶା ୦-୨ ଗୋଲରେ ମଣିପୁରଠାରୁ ପରାଜିତ ହୋଇଥିଲା। ଜାତୀୟ ମହିଳା ଫୁଟ୍‌ବଲରେ ଓଡ଼ିଶା ଓ ମଣିପୁର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ବିବେଚିତ। ଏହି ମ୍ୟାଚ୍‌ର ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ଜୋର ଦେଇ ଲଢ଼ିଥିଲେ। କିନ୍ତୁ କେହି କାହାରିକୁ ଗୋଲ ଦେବାରେ ସମର୍ଥ ହୋଇପାରି ନଥିଲେ। ଦ୍ୱିତୀୟାର୍ଦ୍ଧର ୫୮ତମ ମିନିଟ୍‌ରେ ମଣିପୁର ପ୍ରଥମ ଗୋଲ ଦେବାରେ ସମର୍ଥ ହୋଇଥିଲା। ଦଳର ତାରକା ଖେଳାଳି ହେମମ ସିଲକି ଦେବୀ ପ୍ରଥମ ଓ ୭୮ତମ ମିନିଟ୍‌ରେ ବଦଳ ଖେଳାଳି ଲାଇଶ୍ରମ ବିବିଛା ଦେବୀ ଦଳପକ୍ଷରୁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ।






ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ

ମହାଶୟା/ମହାଶୟ,
ଚଳିତ ବର୍ଷ ଖୋର୍ଦ୍ଧା ମହୋତ୍ସବର ରୌପ୍ୟ ଜୟନ୍ତୀ ଆସନ୍ତା ୧୫ ତାରିଖ ଠାରୁ ୨୨ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ହାବେଳୀ ପଡ଼ିଆ ଠାରେ ମହାସମାରୋହରେ ଅନୁଷ୍ଠିତ ହେବାକୁ ଯାଉଅଛି।

ଆପଣମାନଙ୍କର ଉପସ୍ଥିତି
ଓ ସହଯୋଗ ଏକାନ୍ତକାମ୍ୟ।

॥ ଇତି ॥
ଆପଣଙ୍କ ଅପେକ୍ଷାରେ

ନରେନ୍ଦ୍ର ପୃଷ୍ଟି, ସାଧାରଣ ସଂପାଦକ
ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ସଭାପତି
ନିକୁଞ୍ଜ ପଟ୍ଟନାୟକ, ମୁଖ୍ୟ ସଂଯୋଜକ
ଡ. ସଞ୍ଜୟ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି

# ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଫାଇନାଲ୍ ଆଜି

ନନ୍ଦନକାନନ, ୧୪।୧୨(ସମିସ): ଭୁବନେଶ୍ୱର ଉତ୍ତର ଗଣ୍ଡରପୁର ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ୍‌ରେ ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟ୍ସ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ଗ୍ରାମାଞ୍ଚଳ 'କ' ବିଭାଗରେ ବରାହୀପୁର ବନାମ ଜୟପୁର, 'ଖ' ବିଭାଗରେ ପଦ୍ମକେଶରୀପୁର ବନାମ ଗବବସ୍ତ, ସହରାଞ୍ଚଳ ବିଭାଗରେ କୋଲକାତା କାମେରୁନ୍-୧୧ ବନାମ ସନ୍‌ରାଇଜ୍ କ୍ଲବ୍ (କଟକ) ମଧ୍ୟରେ ଅନୁଷ୍ଠିତ ହେବ। ରବିବାର ଶେଷ ଦିନରେ ୩ଟି ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି ଆୟୋଜକ ପ୍ରକାଶ କରିଛନ୍ତି। ଶନିବାର ୩ଟି ସେମି ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଟୁର୍ଣ୍ଣାମେଣ୍ଟର ସପ୍ତମ ଦିନରେ ଖେଳାଯାଇଥିବା ସହରାଞ୍ଚଳ ସେମି ଫାଇନାଲ୍ ମ୍ୟାଚ୍‌ରେ କୋଲକାତା କାମେରୁନ୍-୧୧ ସହିତ ୱାଇଡିସି ମଣିପୁର ମଧ୍ୟରେ ଜୋର୍‌ଦାର ସଂଘର୍ଷ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ୫-୪ ଗୋଲ୍‌ରେ ଟାଇବ୍ରେକର ଜରିଆରେ କୋଲକାତା ଦଳ ମଣିପୁରକୁ ହରାଇ ଫାଇନାଲ୍ ଖେଳିବାର ସୁଯୋଗ ହାସଲ କରିଥିଲା।

ସେହିପରି ଗ୍ରାମାଞ୍ଚଳ ବିଭଗରେ ପ୍ରଥମ ମ୍ୟାଚ୍‌ଟି ବନ ମହାବୀର କ୍ଲବ୍ ଜୟପୁର ସହିତ ମୁଣ୍ଡମୁହାଣ କ୍ଲବ୍ ମଧ୍ୟରେ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଟାଇ ବ୍ରେକର ଜରିଆରେ ଜୟପୁର ୪-୩ ଗୋଲ୍‌ରେ ମୁଣ୍ଡମୁହାଣକୁ ହରାଇ ପ୍ରଥମ ଦଳ ଭାବେ ଫାଇନାଲ୍‌ରେ ପ୍ରବେଶ କରିଛି। ଦ୍ୱିତୀୟ ସେମି ଫାଇନାଲ୍ ମ୍ୟାଚ୍‌ରେ ବରାହୀପୁର ୩-୧ ଗୋଲ୍‌ରେ ମା' ମଙ୍ଗଳା କ୍ଲବ୍ (ଗୋଠପୁର)କୁ ହରାଇ ଜୟପୁର ସହିତ ଫାଇନାଲ୍ ଖେଳିବା ପାଇଁ ନିଜର ସ୍ଥାନ ସୁରକ୍ଷିତ କରିଛି। ଏହି ମ୍ୟାଚ୍‌ରେ ମୁଖ୍ୟ ଅତିଥି ଭାବରେ ସୁଭାଶିଷ ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଶ୍ରୀମୟୀ ମିଶ୍ର, ଇପ୍ସିତା ସାହୁ, ଭୋଳାନାଥ ମହାରଣା, ନୁର୍ ହାସନ, ସନ୍ତୋଷ ନାଥ, ବାସୁଦେବ ରାଉତ, ମନୋରଞ୍ଜନ ଦାସ, ଭାସ୍କର ପଢ଼ିହାରୀ, ଜିତେନ୍ଦ୍ର ସେନାପତି, ପ୍ରଶାନ୍ତ ପଢ଼ିହାରୀ, ନୃସିଂହ ଖାଡ଼େଙ୍ଗା, ସନ୍ତୋଷ ନାଥ ଯୋଗଦେଇଥିଲେ। ମ୍ୟାଚ୍‌ଗୁଡ଼ିକୁ ରେଫରୀ ସୁଦୀପ ଦାସ, ଶିବ ଶଙ୍କର ପଣ୍ଡା, ବ୍ରହ୍ମାନନ୍ଦ ଭୋଇ ଓ ଜ୍ୟୋତିରଞ୍ଜନ ସ୍ୱାଇଁ ଖେଳକୁ ପରିଚାଳନା କରିଥିବାବେଳେ ରଙ୍କନିଧି ରାଉତ ଧାରାବିବରଣୀ ଦେଇଥିଲେ।



ସନ୍‌ରାଇଜ୍ ବନାମ କାମେରୁନ

ଜୟପୁର ବନାମ ବାରାହୀପୁର

ପଦ୍ମକେଶରୀପୁର ବନାମ ଗବବସ୍ତ

## ମହିଳା ପ୍ରିମିୟର ଲିଗ୍ ଖେଳାଳି ନିଲାମୀ ଆଜି

# ମାଧୁରୀ, ରାମେଶ୍ୱରୀ ଓ ରିମାଙ୍କ ଭାଗ୍ୟ ପରୀକ୍ଷା

ବେଙ୍ଗାଲୁରୁ, ୧୪।୧୨(ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ର ଆଗାମୀ ତୃତୀୟ ସଂସ୍କରଣ ଲାଗି ରବିବାର ଏଠାରେ ଖେଳାଳି ନିଲାମୀ ଆୟୋଜନ ହେବ। ଆସନ୍ତାବର୍ଷ ଫେବୃଆରୀ ୨୧ରୁ ମାର୍ଚ୍ଚ ୧୬ ତାରିଖ ମଧ୍ୟ ଏହି ଡବ୍ଲ୍ୟୁପିଏଲ୍ ଖେଳାଯିବ। ଏହି ନିଲାମୀରେ ୩ ଜଣ ଓଡ଼ିଆ ମହିଳା କ୍ରିକେଟର ସ୍ଥାନ ପାଇଛନ୍ତି। ସେମାନେ ହେଉଛନ୍ତି ମାଧୁରୀ ମେହେଟ୍ଟା, ରାମେଶ୍ୱରୀ ନାୟକ ଓ ରିମାଲକ୍ଷ୍ମୀ ଏକ୍କା। ଜଣେ ସଫଳ ବ୍ୟାଟର ଭାବେ ୩୩ ବର୍ଷୀୟା ମାଧୁରୀ ଅନ୍ତର୍ଜାତୀୟ କ୍ରିକେଟ ଖେଳିଛନ୍ତି। ମାଧୁରୀ ଦୁଇଟି ମହିଳା ଦିନିକିଆ ଓ ୩ଟି ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ସେହିପରି ଜଣେ ଡାହାଣହାତୀ ଦ୍ରୁତ ବୋଲର ଭାବେ ରିମାଲକ୍ଷ୍ମୀ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ଏକାଧିକ ମ୍ୟାଚ୍ ଖେଳିଛନ୍ତି। ସେହିପରି ରାମେଶ୍ୱରୀ ନାୟକ ଡାହାଣହାତୀ ଦ୍ରୁତ ବୋଲର ଭାବେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ବେଶ୍ ସଫଳତା ହାସଲ କରିଛନ୍ତି। ୨୦୨୩ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଓ ୨୦୨୪ରେ ରୟାଲ ଚ୍ୟାଲେଞ୍ଜର ବେଙ୍ଗାଲୁରୁ ଚାମ୍ପିଅନ ହୋଇଥିଲା। ଏହି ମିନି ଖେଳାଳି ନିଲାମୀରେ ୯୧ ଭାରତୀୟ, ୨୯ ଜଣ ବିଦେଶୀ ଖେଳାଳିଙ୍କ ସହ ମୋଟ୍ ଉପରେ ୧୨୦ ଜଣଙ୍କ ନାମ ବିଚାରକୁ ନିଆଯିବ। ଏହି ନିଲାମୀରେ ୧୪ ବର୍ଷୀୟା ଇରା ଯାଦବ ଓ ଅଂଶୁ ନାଗର ସର୍ବକନିଷ୍ଠ ଖେଳାଳି ଭାବେ ଅଂଶଗ୍ରହଣ କରିବେ। ୩୪ ବର୍ଷୀୟା ହିଥର ନାଇଟ୍ ଓ ଲଉରା ହ୍ୟାରିସ୍ ମଧ୍ୟ ଏଥିରେ ଭାଗ ନେବେ।

## ମହିଳା କନିଷ୍ଠ ଏସିଆ କପ୍ ହକି

# ଭାରତ-ଚୀନ୍ ଫାଇନାଲ ଆଜି

ମସ୍କଟ, ୧୪।୧୨(ଏଜେନ୍ସି): ଓମାନ ରାଜଧାନୀ ମସ୍କଟରେ ଚାଲିଥିବା ମହିଳା କନିଷ୍ଠ ଏସିଆ କପ୍ ହକି ଟୁର୍ଣ୍ଣାମେଣ୍ଟର ୯ମ ସଂସ୍କରଣରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲ ମୁକାବିଲାରେ ଭାରତ ୩-୧ ଗୋଲରେ ଜାପାନକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ପାଇଁ ଫାଇନାଲ ଟିକଟ ହାସଲ କରିଛି। ଭାରତ ରବିବାର ଟାଇଟଲ ପାଇଁ ଫାଇନାଲରେ ଦ୍ୱିତୀୟ ସେମିଫାଇନାଲର ବିଜେତା ଚୀନ୍‌କୁ ଭେଟିବ। ଚୀନ୍ ଶନିବାର ଅନୁଷ୍ଠିତ ଦ୍ୱିତୀୟ ସେମିରେ ୪-୧ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରି ଫାଇନାଲକୁ ଉଠିଛି। ଗତ ୨୦୨୩ ସଂସ୍କରଣରେ ଭାରତ ପ୍ରଥମଥର ପାଇଁ ଚାମ୍ପିଅନ ହୋଇଥିଲା। ସେହିପରି ୩ଥର ଟାଇଟଲ ଜିତି ଚୀନ୍ ଦ୍ୱିତୀୟସଫଳତମ ଦଳର ମାନ୍ୟତା ପାଇଛି।



ସ୍ଥାନୀୟ ହକି ଓମାନ ଷ୍ଟାଡିୟମରେ ଅନୁଷ୍ଠିତ ଏହି ନିର୍ଣ୍ଣାୟକ ମ୍ୟାଚ୍‌ରେ ଭାରତ ପ୍ରଭାବ ବିସ୍ତାର କରି ଖେଳିଥିଲା। ଭାରତ ପ୍ରଥମ କ୍ୱାର୍ଟରରେ ହିଁ ୩ଟି ଗୋଲ ଦେଇଥିଲା। ଚତୁର୍ଥ ମିନିଟ୍‌ରେ ମୁମ୍‌ତାଜ ଖାନ୍ ଏକ ସୁନ୍ଦର ଫିଲ୍ଡ ଗୋଲ ଦେଇ ଭାରତକୁ ଅଗ୍ରଣୀ କରାଇଥିଲେ। ଏହାପରେ ୫ମ ମିନିଟ୍‌ରେ ସାକ୍ଷୀ ରାଣା ଫିଲ୍ଡ ଗୋଲ ଦେଇଥିବା ବେଳେ ତ୍ରୟୋଦଶ ମିନିଟ୍‌ରେ ଦୀପିକା ପେନାଲ୍ଟି ସୁଟ୍‌ରେ ଗୋଲ ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ୨୩ତମ ମିନିଟ୍‌ରେ ଜାପାନ ତରଫରୁ ନିକୋ ମାରୁଆମା ଏକମାତ୍ର ଗୋଲ ଦେଇ ପରାଜୟ ବ୍ୟବଧାନକୁ କମାଇଥିଲେ। ଏହାପରେ ତୃତୀୟ କ୍ୱାର୍ଟରରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା ଓ ଗୋଲ ସ୍କୋର ହୋଇ ନଥିଲା। ଚତୁର୍ଥ କ୍ୱାର୍ଟରରେ ଜାପାନ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ୪୮ତମ ମିନିଟ୍‌ରେ ଜାପାନ ଏକ ପେନାଲ୍ଟି କର୍ଣ୍ଣର ପାଇଥିଲେ ମଧ୍ୟ ଗୋଲ ଦେଇପାରି ନଥିଲା।

## ଓଡ଼ିଶା ଜିଏମ୍ ଚେସ୍ ମହୋତ୍ସବ ଆଜିଠୁ

କଟକ, ୧୪।୧୨(ସମିସ): ଅଲ ଓଡ଼ିଶା ଚେସ ସଂଘ ଓ ସୋଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆସନ୍ତାକାଲିଠାରୁ ୪୦ ଲକ୍ଷ ପୁରସ୍କାର ବିଶିଷ୍ଟ ଓଡ଼ିଶା ଜିଏମ୍ ଚେସ ମହୋତ୍ସବ ଆରମ୍ଭ ହେବ। ଏହି ପ୍ରତିଯୋଗିତା ୩ଟି କାଟାଗୋରୀରେ ଖେଳାଯିବ। ଏହା ମଧ୍ୟରୁ ମୁଖ୍ୟ ବା କାଟାଗୋରୀ-ଏ' ୧୦ ରାଉଣ୍ଡ ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ସ୍ୱିସ୍ ପ୍ରଣାଳୀରେ ସମ୍ ହସ୍ପିଟାଲ ନିକଟସ୍ଥ ସୋଆ କ୍ୟାମ୍ପସ-୨'ରେ ଖେଳାଯିବ। ଡିସେମ୍ବର ୨୨ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୨୦ଟି ଦେଶରୁ ୧୫ଜଣ ଗ୍ରାଣ୍ଡମାଷ୍ଟର ଓ ୨୭ଜଣ ଅନ୍ତର୍ଜାତୀୟ ମାଷ୍ଟର ଅଂଶଗ୍ରହଣ କରୁଛନ୍ତି। ୨୫୬୯ ରେଟିଂପ୍ରାପ୍ତ ଭାରତୀୟ ଗ୍ରାଣ୍ଡମାଷ୍ଟର ଦୀପ୍ତାୟନ ଘୋଷ ଏଥିରେ ଟପ୍ ସିଡ୍ ରହିଛନ୍ତି। ତାମିଲନାଡୁର ଇନିଆନ ପା' ଦ୍ୱିତୀୟ ସିଡ୍ (ରେଟିଂ-୨୫୧୩) ଓ ୨୫୦୭ ରେଟିଂପ୍ରାପ୍ତ ପଶ୍ଚିମବଙ୍ଗର ମିତ୍ରଭା ଗୁହା ତୃତୀୟ ସିଡ୍ ରହିଛନ୍ତି। ୨୫୦୦ରୁ ଅଧିକ ରେଟିଂପ୍ରାପ୍ତ ଖେଳାଳି ୩ଜଣ ଅଛନ୍ତି। ୨୪୦୦ କିମ୍ବା ତା'ଠାରୁ ଅଧିକ ରେଟିଂପ୍ରାପ୍ତ ଖେଳାଳିଙ୍କ ସଂଖ୍ୟା ୧୨ ରହିଛି। ଏମାନଙ୍କ ମଧ୍ୟରେ ୩ଜଣ ବିଦେଶୀ ଖେଳାଳି ଅଛନ୍ତି। ଟୁର୍ଣ୍ଣାମେଣ୍ଟର ହାରହାରି ରେଟିଂ ହେଉଛି ୨୧୦୮। କାଟାଗୋରୀ ଏ ଓ ବି ଏକସଙ୍ଗେ ଖେଳାଯିବ। ପରେ କାଟାଗୋରୀ ସି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ସହଯୋଗୀ ପ୍ରାୟୋଜକ ଏମ୍ପିଓ ମୁଖ୍ୟ ଡା. ଅବିନାଶ ସାମଲ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେଉଛନ୍ତି। ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ଭାବେ ଅଲ୍ଓଡ଼ିଶା ଚେସ୍ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ରହିଛନ୍ତି। ଇଣ୍ଟରନ୍ୟାସନାଲ ଆର୍ବିଟର ଆରୋକିଆ ରାଜ ଏସ୍ ପଲ୍ ଏହାର ଚିଫ୍ ଆର୍ବିଟର ରହିଛନ୍ତି।

## ■ ଭାରତ-ଅଷ୍ଟ୍ରେଲିଆ ତୃତୀୟ ଟେଷ୍ଟ

# ପ୍ରଥମ ଦିନରେ ବର୍ଷା ବାଧକ

ବ୍ରିସ୍‌ବେନ୍, ୧୪।୧୨(ଏଜେନ୍ସି): ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମୁକାବିଲା ସ୍ଥାନୀୟ ଗାବ୍‌ବା ଷ୍ଟାଡିୟମ୍‌ରେ ଶନିବାର ଆରମ୍ଭ ହୋଇଛି। କିନ୍ତୁ ଖେଳ ଆରମ୍ଭର ୧୩.୨ ଓଭର ପରେ କ୍ରମାଗତ ବର୍ଷା ଯୋଗୁଁ ଏହି ଟେଷ୍ଟର ପ୍ରଥମ ଦିନ ଖେଳ ବାଧାପ୍ରାପ୍ତ ହୋଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରି ଘରୋଇ ଅଷ୍ଟ୍ରେଲିଆ ଦଳ କୌଣସି ୱିକେଟ ନ ହରାଇ ୨୮ ରନ୍ ସଂଗ୍ରହ କରିନେଇଛି। ବର୍ଷା ଯୋଗୁଁ ଖେଳ ବନ୍ଦ ରହିଲାବେଳେକୁ ଯୁବ ଓପନର ନାଥାନ ମ୍ୟାକ୍‌ସ୍ୱୀନୀ ୩୩ଟି ବଲ୍ ଖେଳି ୪ ଓ ଉସ୍‌ମାନ ଖୱାଜା ୪୭ଟି ବଲ ଖେଳି ୩ ଚୌକା ସହ ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତୀୟ ଅଧିନାୟକ ରୋହିତ ଶର୍ମା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ ମଧ୍ୟ ପିଚ୍‌ରୁ କୌଣସି ସହାୟତା ବୋଲରଙ୍କୁ ମିଳି ନ ଥିଲା। କିନ୍ତୁ ଭାରତୀୟ ବୋଲରମାନେ ଚମତ୍କାର ଲାଇନ୍ ଓ ଲେନ୍ଥରେ ବୋଲିଂ କରି ଅଷ୍ଟ୍ରେଲୀୟ ବ୍ୟାଟରଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲେ। ଭାରତ ପକ୍ଷରୁ ଉପଅଧିନାୟକ ଯଶପ୍ରୀତ ବୁମ୍‌ରା ୬ ଓଭର ବୋଲିଂ କରି ୩ଟି ମେଡେନ ସହ ୮ ଓ ମହମ୍ମଦ୍ ସିରାଜ ୪ ଓଭର ବୋଲିଂ କରି ୨ଟି ମେଡେନ ସହ ୧୩ ରନ୍ ଦେଇଛନ୍ତି। ତୃତୀୟ ଫାଷ୍ଟ ବୋଲର ଆକାଶ ଦୀପ ୩.୨ ଓଭର ବୋଲିଂ କରି ୨ଟି ମେଡେନ୍ ସହ ମାତ୍ର ୨ ରନ୍ ଦେଇଥିଲେ। ପ୍ରଥମ ୧୩.୨ ଓଭର ପରେ କ୍ରମାଗତ ବର୍ଷା ଯୋଗୁଁ ଖେଳ ଆଉ ସମ୍ଭବ ହୋଇ ନ ଥିଲା।

ଏହି ଟେଷ୍ଟ ଲାଗି ଭାରତୀୟ ଦଳରେ ଦୁଇଜଣ ଖେଳାଳି ପରିବର୍ତ୍ତନ କରାଯାଇଥିଲା। ଦ୍ୱିତୀୟ ଟେଷ୍ଟରେ ପରାଜିତ ହୋଇଥିବା ଭାରତୀୟ ଦଳରୁ ରବିଚନ୍ଦ୍ରନ ଅଶ୍ୱିନ ଓ ହର୍ଷିତ ରାଣାଙ୍କ ବଦଳରେ ରବୀନ୍ଦ୍ର ଜାଡେଜା ଓ ଆକାଶ ଦୀପ୍‌ଙ୍କୁ ସାମିଲ କରାଯାଇଥିଲା। ସେହିପରି ସ୍କଟ୍ ବୋଲାଣ୍ଡଙ୍କ ସ୍ଥାନରେ ଫିଟ ହୋଇଥିବା ଜୋଶ ହାଜ୍‌ଲେଉଡ୍ ଅଷ୍ଟ୍ରେଲୀୟ ଦଳରେ ସାମିଲ ହୋଇଥିଲେ। ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଉଭୟ ଦଳ ଗୋଟିଏ ଲେଖାଏଁ ମ୍ୟାଚ୍ ଜିତି ୧-୧ ବରାବର ସ୍ଥିତିରେ ରହିଛନ୍ତି।



ବର୍ଷା ଯୋଗୁଁ ପ୍ରଥମ ଦିନ ଖେଳ ବାଧାପ୍ରାପ୍ତ ହେବାରୁ ଅନ୍ୟ ଦିନ ଗୁଡିକରେ ଓଭର ସଂଖ୍ୟା ୯୮କୁ ବଢ଼ାଇ ଦିଆଯାଇଛି। ଏହା ଫଳରେ ଖେଳ ଆଗୁଆ ଆରମ୍ଭ ହେବ। ସେହିପରି କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରଥମ ଦିନ ଲାଗି ଟିକ୍‌ଟ କାଟିଥିବା ଦର୍ଶକଙ୍କୁ ଅର୍ଥ ଫେରସ୍ତ କରାଯିବ।







PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS